୬ ▶ ଦକ୍ଷିଣ ଆଫ୍ରିକା-ଭାରତ ଦିନିକିଆ ସିରିଜ୍
ଆହତ କାରଣରୁ ଖେଳିବେନି ବୁମରା, ପାଣ୍ଡ୍ୟା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00


● ବର୍ଷ–୩୨ ● ସଂଖ୍ୟା–୨୯୩ ● ୨୧ ନଭେମ୍ବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-293 ● 21st November 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ଗାନ୍ଧୀ ମଇଦାନରେ ଭବ୍ୟ ଶପଥ ଗ୍ରହଣ ସମାରୋହ : ସାମିଲ ହେଲେ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସମେତ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ

# ଦଶମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ହେଲେ ନୀତିଶ କୁମାର

**ପାଟନା, ୨୦।୧୧**

ଦଶମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବେ ନୀତିଶ କୁମାର ଗୁରୁବାର ଶପଥ ନେଇଛନ୍ତି । ପାଟନାର ଐତିହାସିକ ଗାନ୍ଧୀ ମଇଦାନରେ ପୂର୍ବାହ୍ନ ୧୧:୩୦ ସମୟରେ ବିହାରର ନବନିର୍ବାଚିତ ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ। ନୀତିଶ କୁମାରଙ୍କ ସହ ବିଜେପିର ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।



ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା, ଶିବରାଜ ସିଂ ଚୌହାନ, ଧର୍ମେନ୍ଦ୍ର ପ୍ରଧାନ, ଜିତନ ରାମ ମାଝୀ , ରାଜୀବ ରଂଜନ ସିଂ , ଚିରାଗ ପାସୱାନ୍, ଅର୍ଜୁନ ରାମ ମେଘୱାଲ, ଅନୁପ୍ରିଆ ପଟେଲ, ଜେଡିୟୁ କାର୍ଯ୍ୟକାରୀ ରାଷ୍ଟ୍ର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

ଏଥିସହ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ, ଛତିଶଗଡ ମୁଖ୍ୟମନ୍ତ୍ରୀ ଭବନ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ସାହା, ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ଦିୟା କୁମାରୀ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉତ୍ତରପ୍ରଦେଶର ଅନ୍ୟ ମନ୍ତ୍ରୀ ସାଂସଦ, ନବ ନିର୍ବାଚିତ ବିଧାୟକ, ଏମଏଲସି, ମାନ୍ୟଗଣ୍ୟ ବ୍ୟକ୍ତି, ରାଜନୈତିକ କର୍ମୀ ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

ଶପଥ ଗ୍ରହଣ ସମାରୋହ ପରେ ପ୍ରଧାନମନ୍ତ୍ରୀ ମୋଦୀ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନୀତିଶ କୁମାର କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ନୀତିଶଙ୍କ ମନ୍ତ୍ରୀମଣ୍ଡଳରେ ଗାମାର ଜଣେ ଦଳିତ ହମର ସାନ୍ତୋଷ କୁମାର ସୁମନଙ୍କୁ ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି ଏବଂ କୁଶୱାହା ଆରଏଲଏମର ଦୀପକ ପ୍ରକାଶଙ୍କୁ ଅଣ-ନିର୍ବାଚିତ ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି।

ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ (ଏନଡିଏ) କ୍ୟାବିନେଟରେ ବ୍ରାହ୍ମଣ, କାୟସ୍ଥ, ମୁସଲମାନ ଏବଂ ଇବିସି ସମ୍ପ୍ରଦାୟର ଜଣେ ମନ୍ତ୍ରୀଙ୍କ ସହିତ, ଚାରି ରାଜପୁତ, ତିନି କୁଶୱା, ଦୁଇ ଭୁମିହାର, ଦୁଇ କୁର୍ମି, ଦୁଇ ଯାଦବ, ଦୁଇଟି ବୈଷ୍ଣବ ଏବଂ ଦୁଇଟି ମଲ୍ଲିକ ଅନ୍ତର୍ଭୁକ୍ତ।

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଭୁବନେଶ୍ୱର, ୨୦।୧୧**
**ନ୍ୟୁଜ୍ ବ୍ୟୁରୋ**

ଦଶମଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିହାରର ମୁଖ୍ୟମନ୍ତ୍ରୀ ଭାବରେ ଦଶମ ଥର ପାଇଁ ଶପଥ ନେଇଥିବାରୁ ନୀତୀଶ କୁମାରଙ୍କୁ ମୋର ହୃଦୟରୁ ଅଭିନନ୍ଦନ। ତାଙ୍କର ଉଦାହରଣୀୟ ସାର୍ବଜନିକ ସେବାର ଯାତ୍ରା କେବଳ ବିହାରର ଲୋକମାନଙ୍କୁ ନୁହେଁ, ସମଗ୍ର ଦେଶକୁ ପ୍ରେରଣା ଦେଇ ଆସୁଛି। ନବନିଯୁକ୍ତ ଉପମୁଖ୍ୟମନ୍ତ୍ରୀମାନଙ୍କୁ ଏବଂ ମନ୍ତ୍ରିପରିଷଦର ସମସ୍ତ ସଦସ୍ୟଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି। ୨୦୨୫ ର ବିହାର ନିର୍ବାଚନରେ ବିହାରର (ପୃଷ୍ଠା ୭ରେ)

# ଆଦିବାସୀ ଆଇକନ୍‌ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି



**ଅମ୍ବିକାପୁର, ୨୦।୧୧**

ଆଦିବାସୀ ଗୌରବ ଦିବସ ୨୦୨୫ ଅବସରରେ, ଛତିଶଗଡ଼ର ସୁରଗୁଜା ଜିଲ୍ଲାର ମୁଖ୍ୟାଳୟ ଅମ୍ବିକାପୁରର ପିଜି କଲେଜ ପଡ଼ିଆ ଗୁରୁବାର ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲା ଯେତେବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଦିବାସୀ ପରମ୍ପରା ଏବଂ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମ୍ପ୍ରଦାୟର ନେତାମାନଙ୍କୁ ସମ୍ମାନିତ କରିଥିଲେ।

କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଦିବାସୀ ସମ୍ପ୍ରଦାୟର ନେତା, ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଏବଂ ସାମାଜିକ ଉନ୍ନତିରେ (ପୃଷ୍ଠା ୭ରେ)

## ଝାରସୁଗୁଡାରେ ରାଷ୍ଟ୍ରପତିଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାଗତ

**ଝାରସୁଗୁଡା, ୨୦।୧୧**
**ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଗୁରୁବାର ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଟଙ୍କଧର (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଗୁନାରେ ଭୟଙ୍କର ସଡ଼କ ଦୁର୍ଘଟଣା: କାର୍-ଟ୍ରକ୍ ଧକ୍କାରେ ୩ ଯୁବକଙ୍କ ମୃତ୍ୟୁ।
- ବନ୍ଦେ ଭାରତ ସୁସ୍ୱପ୍ନ (ସ୍ଲିପର) ଟ୍ରେନ୍ ଚାଲୁ ହେବା ନେଇ ଘୋଷଣା।
- ମଧ୍ୟ ପ୍ରଦେଶର ପଶ୍ଚିମ ଅଞ୍ଚଳରେ ଶୀତଲହରୀ ସତର୍କବାଣୀ।
- ନୂଆଦିଲ୍ଲୀରେ ଭାରତ - ଆଫଗାନିସ୍ତାନ ମଧ୍ୟରେ ବ୍ୟାପାରିକ ଆଲୋଚନା।
- ଦେଶର ତଥ୍ୟ ପାଇଁ ବୃହତ୍ ଭୂମିକା ନେବା ଉଦ୍ଦେଶ୍ୟରେ ବେସରକାରୀ ନିବେଶ ଓ ସଂସ୍ଥା ମିଶି ଏକ ବଡ଼ ଧରଣର ନିବେଶ କରିବ।
- ତାମିଲନାଡୁର ଗୋଟିଏ ନବମ ଶ୍ରେଣୀ ଛାତ୍ରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ଶିକ୍ଷକଙ୍କ ଉପରେ ପରିବାରର ଅଭିଯୋଗ।
- ଭୁବନେଶ୍ୱରର ଏଜି ଛକରେ ଦୁର୍ଘଟଣା ସଚେତନତା ପାଇଁ ଡିଜିଟାଲ୍ "ଦୁର୍ଘଟଣା ଘଡ଼ି" ସ୍ଥାପନର ପ୍ରସ୍ତାବ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୪୨୬ (-୬୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୯୦ (-୫୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୩୧୩ (-୪୫)

### ରୁପା ଦର

ରୂପା – ପ୍ରତି ଗ୍ରାମ ୧୭୩ (-୩)

# ଶପଥ ନେଲେ ଜୟ ଢୋଲକିଆ



**ଭୁବନେଶ୍ୱର, ୨୦।୧୧**
**ନ୍ୟୁଜ୍ ବ୍ୟୁରୋ**

ନୂଆପଡାର ନବ ନିର୍ବାଚିତ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଗୁରୁବାର ବିଧାୟକ ଭାବେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ବିଧାନସଭା ବାଚସ୍ପତି ସୁରମା ପାଢୀ ତାଙ୍କୁ ଏହି ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଢୋଲକିଆଙ୍କ ମା, ପତ୍ନୀଙ୍କ ସମେତ ବିଜେପିର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।


ବିଧାନସଭାରେ ଶପଥ ଗ୍ରହଣ କରିଥିବା ନବ ନିର୍ବାଚିତ ନୂଆପଡା ବିଧାୟକ ଜୟ ଢୋଲକିଆଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଆଜି ଓଡ଼ିଶା ବିଧାନସଭାରେ ଶପଥ ଗ୍ରହଣ କରିଥିବା ନବ ନିର୍ବାଚିତ ବିଧାୟକ ଜୟ ଢୋଲକିଆଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଲୋକତନ୍ତ୍ରର ଏହି ପବିତ୍ର ଗୃହର ଗରିମା, ପାରଦର୍ଶିତା ଓ ଜନସେବାର ଆଦର୍ଶକୁ ସଦା ସର୍ବଦା ଉଚ୍ଚରେ ରଖି ନୂଆପଡ଼ାବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣରେ ନିଷ୍ଠାର ସହ ସେ କାର୍ଯ୍ୟ କରିବେ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ। ଆପଣଙ୍କ (ପୃଷ୍ଠା ୭ରେ)

# ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠିରୁ ୪୧.୧୭ କୋଟି ଟଙ୍କାର ବୃହତ୍ ପ୍ୟାକେଜ୍ ପ୍ରଦାନ

**ଭୁବନେଶ୍ୱର, ୨୦।୧୧**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦୁପତ୍ର ତୋଳାଳି, ବାଇଣ୍ଡର୍ ଏବଂ ଋତୁକାଳୀନ କର୍ମଚାରୀଙ୍କ ସମ୍ମାନିତ ଜୀବିକାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ଏକ ଦୃଢ଼ ମାନବିକ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠିରୁ ୨୦୨୪ ଫସଲ ବର୍ଷ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୋଟ ୪୧.୧୭ କୋଟି ଟଙ୍କା ବିତରଣ କରାଯାଇଛି।



କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ବୃହତ୍ ସହାୟତା ଭାବେ ଆଜି ସୁଦ୍ଧା ୮,୫୯,୭୨୭ ଜଣ କେନ୍ଦୁପତ୍ର ତୋଳାଳିଙ୍କୁ ନିମ୍ନଲିଖିତ ସୁବିଧା ପାଇଁ ଚପଲ – ଏକକ ପିଛା ୧୬୦ ଟଙ୍କା, କେରି ବହନକାରି କପଡ଼ା – ଏକକ ପିଛା ୨୦୦ ଟଙ୍କା ଏବଂ ହେଡ୍ କ୍ୟାପ – ଏକକ ପିଛା ୧୦୦ ଟଙ୍କା ହିସାବରେ ମୋଟ ୩୯,୫୪,୭୪,୪୨୦ ଟଙ୍କା ଜମା କରାଯାଇଛି। ଏହା କେନ୍ଦୁପତ୍ର ତୋଳାଳିଙ୍କ ଶ୍ରମ ଏବଂ ମୂଲ୍ୟବାନ ଅବଦାନ ପ୍ରତି ରାଜ୍ୟ ସରକାରଙ୍କ ଗଭୀର ସମ୍ମାନର ପ୍ରତୀକ।

ସେହିପରି ୧୮୭୬୮ ଜଣ ବାଇଣ୍ଡରଙ୍କୁ କମ୍ବଳ ଓ ମଶାରି ପାଇଁ ୟୁନିଟ ପିଛା ୭୦୦ ଟଙ୍କା ହିସାବରେ ୧,୩୧,୩୭,୬୦୦ ଟଙ୍କା ପ୍ରଦାନ କରାଯିବା ସହିତ ୧୬୨୩୭ ଜଣ ଋତୁକାଳୀନ କର୍ମଚାରୀଙ୍କୁ ୟୁନିଟ ପିଛା ୧୦୦ ଟଙ୍କା ହାରରେ ୧୬,୨୩,୭୦୦ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି ।

ଏହି ବୃହତ୍ କଲ୍ୟାଣ ପ୍ୟାକେଜ୍ ରାଜ୍ୟର କେନ୍ଦୁପତ୍ର ଆଧାରିତ ଶ୍ରମଜୀବୀଙ୍କ ସୁଯୋଗ-ସୁବିଧା, ସୁରକ୍ଷା ଏବଂ ସାମାଜିକ ସମ୍ମାନକୁ ନୂତନ ଉଚ୍ଚତାକୁ ନେଇଯାଉଛି। ସରକାରଙ୍କ ଏହି ପ୍ରୟାସ ତାଙ୍କ ଜୀବିକାକୁ ସମୃଦ୍ଧ ବନାଇବା ସହିତ ସମାଜର ଦୃଢ଼ ଅର୍ଥନୈତିକ ଭିତ୍ତି ଗଢ଼ିବାରେ ସହାୟକ ହେବ।

### ଆଳୁ ବିହନ ବିତରଣ ସମ୍ପର୍କିତ ସମୀକ୍ଷା ବୈଠକ

# ନଭେମ୍ବର ସୁଦ୍ଧା ଗୁଣାତ୍ମକ ଆଳୁ ବିହନ ବିତରଣ ଲକ୍ଷ୍ୟ

**ଭୁବନେଶ୍ୱର, ୨୦।୧୧**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ରବି ଋତୁରେ ରାଜ୍ୟର ୫୦,୦୦୦ ଏକର୍ ପାଖାପାଖି ଜମିରେ ଆଳୁ ଚାଷ କରିବାର ଲକ୍ଷ୍ୟ ରହିଛି। ଏଥିପାଇଁ ପ୍ରାମାଣିକ ବିହନ ଆଳୁ ପଞ୍ଜାବରୁ ଅଣାଯାଇ ରାଜ୍ୟର ଚାଷୀମାନଙ୍କୁ କିଲୋ ପ୍ରତି ୨୦ ଟଙ୍କା ଦରରେ ବିକ୍ରି କରାଯାଉଛି ଓ ଆଳୁ ବିହନ ଜମିରେ ଲଗେଇବା ପରେ କିଲୋ ପ୍ରତି ୧୦ ଟଙ୍କା ଫେରେଇ ଦେବାର ଯୋଜନା ରହିଛି ।

ଏପର୍ଯ୍ୟନ୍ତ ପ୍ରାୟ ୧.୦ ଲକ୍ଷ କ୍ୱିଣ୍ଟାଲ ଉନ୍ନତ ମାନର ବିହନ ଆଳୁ ୩୦ ଟି ଜିଲ୍ଲାର ବିଭିନ୍ନ ବ୍ଲକରେ ବଣ୍ଟନ କରାଗଲାଣି। ନଭେମ୍ବର ମାସ ଶେଷ ଶୁଦ୍ଧା ସମସ୍ତ ବିହନ ଆଳୁ ଯୋଗାଇ ଦେବାପାଇଁ ରାଜ୍ୟ ବିହନ ନିଗମ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଆଳୁ ବିହନ ପାଇବା ପରେ ବିଶୋଧନ କରି ଉନ୍ନତ ପ୍ରଣାଳୀ ଅବଲମ୍ବନ କରି ଜମିରେ ଲଗେଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଆଳୁ ବିହନ ବିତରଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟର ବିବରଣୀ ଉପମୁଖ୍ୟମନ୍ତ୍ରୀ ତଥା (ପୃଷ୍ଠା ୭ରେ)

# ରଥଯାତ୍ରା ଦଳାଚକଟା ମାମଲା: ଏସିଏଫ୍‌ଙ୍କୁ ନୋଟିସ୍

**ଭୁବନେଶ୍ୱର, ୨୦।୧୧**
**ନ୍ୟୁଜ୍ ବ୍ୟୁରୋ**

ପୁରୀ ରଥଯାତ୍ରା-୨୦୨୫ ସମୟରେ ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣା ନେଇ ରାଜ୍ୟ ସରକାର ପୁଣି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଜଣେ ଏସିଏଫ୍‌ଙ୍କ ବିରୋଧରେ ସରକାର ଏହି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ପୁରୀ ଏସିଏଫ୍ ଅଶୋକ ବେହେରାଙ୍କ ବିରୋଧରେ ଏହି ଆହ୍ୱାନ ନିଆଯାଇଛି।



ସୂଚନା ଅନୁସାରେ ରଥଯାତ୍ରା ପରଦିନ ଯେତେବେଳେ ଶରଧାବାଲିରେ ଦଳାଚକଟା ହୋଇଥିଲା ସେହି ସମୟରେ ଲକ୍ଷାଧିକ ଲୋକ ରୁଣ୍ଡ ହୋଇଥିଲେ। ପୁରୀ ଏସିଏଫ୍ ଅଶୋକ ବେହେରା ଏହି ସମୟରେ କଣ୍ଟ୍ରୋଲ ରୁମ୍‌ର ଦାୟିତ୍ୱରେ ଥିଲେ। ତାଙ୍କର ଅବହେଳା ପାଇଁ ଅଭାବନୀୟ ପରିସ୍ଥିତି ଦେଖାଯାଇଥିଲା। ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ରିପୋର୍ଟ ପରେ ଅଶୋକ ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୩୦ ଦିନ ଭିତରେ ନିଜର ପକ୍ଷ ରଖିବାକୁ ଦର୍ଶାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପୂର୍ବରୁ ସରକାର (ପୃଷ୍ଠା ୭ରେ)

# ମାଟ୍ରିକ୍ ପରୀକ୍ଷା ଫର୍ମ ପୂରଣ ଅବଧି ବୃଦ୍ଧି

**ଭୁବନେଶ୍ୱର, ୨୦।୧୧**
**ନ୍ୟୁଜ୍ ବ୍ୟୁରୋ**

ବିଦ୍ୟାଳୟଗୁଡ଼ିକର ଅନୁରୋଧକୁ ଦୃଷ୍ଟିରେ ରଖି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା (ମାଟ୍ରିକ୍), ଏସ୍ଓଏସସି (ପ୍ରଥମା) ଏବଂ ମାଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ କରିବାର ଶେଷ ତାରିଖକୁ ବୃଦ୍ଧି କରିଛି।

ଫର୍ମ ପୂରଣ କରିବାର ଅବଧିକୁ ବୃଦ୍ଧି କରାଯାଇ ନଭେମ୍ବର ୨୮, ୨୦୨୫ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ପୂର୍ବରୁ, ନିୟମିତ ତଥା ଏକ୍ସ-ନିୟମିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଫର୍ମ ପୂରଣ ପ୍ରକ୍ରିୟା ନଭେମ୍ବର ୮ରୁ ନଭେମ୍ବର ୨୨, (ପୃଷ୍ଠା ୭ରେ)

## ଏକାଳ ପଖାଳ



ଧେତ୍‌ତେରିକା ପୁଣି ବରଷା
ଆସିବ ବୋଲିକି କଥା
ଖବରଟା ଆଉ ନୂଆ ଲାଗୁନାହିଁ
ହେଲା ନିତି ମୁଣ୍ଡ ବ୍ୟଥା
ଝଡବର୍ଷା ଏବେ ପ୍ରଥା
ଯେବେ ଉଇଁବ ସେବେ କୁଟିବ
ଚାଷୀ ହଇରାଣ ଯଥା।

# ରାଜ୍ୟପାଳଙ୍କ ଭୂମିକାକୁ କୋର୍ଟ ଟେକଓଭର କରିପାରିବ ନାହିଁ



**ନୂଆଦିଲ୍ଲୀ, ୨୦।୧୧**

ରାଷ୍ଟ୍ରପତି ଏବଂ ରାଜ୍ୟପାଳମାନଙ୍କୁ ବିଧେୟକ ମଞ୍ଜୁରୀ ପାଇଁ ସମୟସୀମା ସ୍ଥିର କରିବା ପ୍ରସଙ୍ଗରେ ଦୀର୍ଘ ଶୁଣାଣି ପରେ ଗୁରୁବାର ସୁପ୍ରିମକୋର୍ଟ ତାଙ୍କ ରାୟ ଦେଇଛନ୍ତି । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚ ଜଣିଆ ସମ୍ବିଧାନ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବ ନାହିଁ।

ସିଜେଆଇ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ସନ୍ଦର୍ଭ ସପକ୍ଷରେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଉପସ୍ଥାପିତ କରିଥିବା ଯୁକ୍ତି ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବେ ନାହିଁ। ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳ ଏକ ବିଲ୍ ପ୍ରତି ତାଙ୍କର ସମ୍ମତି ଦେଇପାରିବେ, ବିଲ୍‌କୁ ସ୍ଥଗିତ ରଖିପାରିବେ ଏବଂ ଫେରାଇ ପାରିବେ କିମ୍ବା ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ପାରିବେ। ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳଙ୍କ ପାଖରେ କୌଣସି ଅନ୍ୟ ବିକଳ୍ପ ନାହିଁ। ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି ଯେ ରାଜ୍ୟପାଳମାନେ ରାଜ୍ୟ ବିଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ (ପୃଷ୍ଠା ୭ରେ)

# ବଙ୍ଗୋପସାଗରରେ ପୁଣି ବାତ୍ୟା ସମ୍ଭାବନା: ଶୀତ ଉଭାନ୍

**ଭୁବନେଶ୍ୱର, ୨୦।୧୧**
**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ପୁଣି ବାତ୍ୟା ସମ୍ଭାବନା। ୨୨ତାରିଖ ବେଳକୁ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା । ସମୁଦ୍ର ଭିତରେ ପଶ୍ଚିମଉତ୍ତର ପଶ୍ଚିମ ଦିଗରେ ଗତି କରି ଘନୀଭୂତ ହୋଇ ୨୪ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଅବପାତରେ ପରିଣତ ହେବ । ଆସନ୍ତା ୪୮ଘଣ୍ଟାରେ ଗତିର ଦିଗ ବଜାୟ ରଖିବା ସହ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବା ସମ୍ଭାବନା ରହିଛି ।



ଲଘୁଚାପ ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ଗତିପଥ ନେଇ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ନଭେମ୍ବର ୨୦୨୫ ଶୁକ୍ରବାର





# ପୁଣି ଜବରଦଖଲ ଘେରରେ ଐତିହାସିକ ସେନାପତିଆ ପୋଖରୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଦୋବଲ ନିକଟସ୍ଥ କିମ୍ବଦନ୍ତୀ ତଥା ଐତିହାସିକ ସେନାପତିଆ ପୋଖରୀ ଜବରଦଖଲ ଥିବାବେଳେ ଦୀର୍ଘବର୍ଷ ପରେ ତାହା ସରକାରୀ ଖାତାକୁ ଫେରିଥିଲେ ସୁଦ୍ଧା ଏବେବି ଜବର ଦଖଲ ଘେରରେ ରହିଛି। ସୂଚନା ଥାଉକି ଦୀର୍ଘ ଦିନ - ହେଲା ଭଦ୍ରକ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟରେ ବିଚାରାଧୀନ ଅବସ୍ଥାରେ ଥିବା ଐତିହାସିକ ସେନାପତିଆ ପୋଖରୀଆଡି ସରକାରୀ ଖାତାକୁ ଫେରିଛି। ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟ ଏହି ରାୟ ଶୁଣାଣି କରିଥିଲେ । କିମ୍ବଦନ୍ତିପୂର୍ଣ୍ଣ ତଥା ଐତିହାସିକ ସେନାପତିଆ ପୋଖରୀ ଆଡିର ପ୍ଲଟ୍ ନମ୍ବର ୩୯୧୨ ଜଳଭାଗ ଏ୧୧.୧୩ଡି ଏବଂ ପଶ୍ଚିମ ପାଖ ଆଡି ପ୍ଲଟ୍ ନମ୍ବର ୩୯୧୦ ୪.୫୫ଡି ସରକାରୀ ରକ୍ଷିତ ଖାତାରେ ଥିବା ବେଳେ ଏହାର ପୂର୍ବ ପାଖ ଆଡି ଖାତା ୧୩୦୩/୩୧୮ ପ୍ଲଟ୍ ନମ୍ବର ୩୯୧୩ ଏ୫. ୮୮ ଡି ମୌଲାନା ସୟଦି ଗୋଲାମ ମହମ୍ମଦ କାଦିର ହବିବଙ୍କ ନାମରେ ଥିଲା । ସେଥିମଧ୍ୟରୁ କାଦିର ୪୦ ଡିସ୍‌ମିଲ୍ ନେଇଥିଲେ। ଯାହାର ଖାତା ନମ୍ବର ୧୩୦୩/୬୫୦, ପ୍ଲଟ୍ ନମ୍ବର ୩୯୧୩/୪୮୧୫ ବେଲମଳା ଗ୍ରାମର ସାଗରିକା ରାଉତ ସ୍ୱାମି-ବିଚିତ୍ର ସ୍ୱାଇଁଙ୍କୁ ବିକ୍ରୟ କରିଥିଲେ । ଉକ୍ତ ପୋଖରୀ ଆଡି ବେଲମଳା ସମେତ ସ୍ଥାନୀୟ ଲୋକମାନେ ଚଳପ୍ରଚଳ କରୁଥିଲେ ଫଳରେ ଗ୍ରାମବାସୀଙ୍କ ଉଦ୍ୟମ ଫଳରେ ୨୦୦୭ ମସିହାରେ ଧାମନଗର ତହସିଲଦାରଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ତହସିଲଦାର ଉକ୍ତ ଘଟଣାର ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ୨୦୦୮



ମସିହାରେ ଉଭୟ ପଟ୍ଟାଧାରୀଙ୍କ ପଟ୍ଟାକୁ ରଦ୍ଦ କରି ଉକ୍ତ ଆଡିକୁ ସରକାରୀ ରକ୍ଷିତ ଖାତାକୁ ନେଇଥିଲେ। ଫଳରେ ଉଭୟ ପଟ୍ଟାଧାରୀ ତହସିଲଦାରଙ୍କ ରାୟ ବିରୋଧରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟରେ ଅପିଲ୍ କରିଥିଲେ। ଏହି ମାମଲାରେ ବେଲମଳା ଗ୍ରାମବାସୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ସରକାରୀ ପକ୍ଷଭୁକ୍ତ କରିବାକୁ ସମ୍ପୃକ୍ତ ପଟ୍ଟାଧାରୀ ୨୦୦୮ ମସିହାରେ ହାଇକୋର୍ଟରୁ ଏକ ରହିତାଦେଶ ଆଣିଥିଲେ। ଏହି ରହିତାଦେଶ ୨୦୦୮ରୁ ୨୦୧୬ ପର୍ଯ୍ୟନ୍ତ ବଳବତ୍ତର ରହି ୨୦୧୬ ମସିହା ଫେବୃୟାରୀ ମାସରେ ମାମଲାର ଶୁଣାଣି କରାଯାଇ ରହିତାଦେଶଟି ଉଠାଇ ଦିଆଯାଇଥିଲା। ସେହିଦିନରୁ ଏହି ମାମଲା ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟରେ ବିଚାରାଧୀନ ଥିଲା। ଧାମନଗର ତହସିଲଦାରଙ୍କ ପୂର୍ବରୁ ଦେଇଥିବା ରାୟକୁ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟ କାୟମ୍‌ରଖି ମାମଲାକୁ ଶୁଣାଣି କରିଥିଲେ । ଏହି ରାୟ ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା । ହେଲେ ସରକାରୀ ଖାତାକୁ ଜାଗା ଫେରିବା ପରେ ଏବେ ପାଖାପାଖି ୨ ଏକର ଜାଗା ପୁଣି ଜବରଦଖଲରେ ରହିଛି । ପଟ୍ଟା ଫେରିଛି ମାତ୍ର ଜାଗା ଛାଡୁନାହାନ୍ତି। ଏବେ ସେହି ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଦୁଇଦିନ ତଳେ ମଧ୍ୟ ଭଦ୍ରକ ଜିଲ୍ଲାପାଳ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଆସି ପୋଖରୀର ଉନ୍ନତି କରଣ ପାଇଁ ସମୀକ୍ଷା କରି ଫେରିଛନ୍ତି । ହେଲେ ପୋଖରୀର ଜବର ଦଖଲ ସମସ୍ୟା ହଟୁନାହିଁ। ଏ ନେଇ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀମାନେ ଦାବି କରିଛନ୍ତି ।

## ପ୍ରଶାସନ ଶୁଣିଲାନି:ଜବରଦଖଲ ଉଚ୍ଛେଦ କଲେ ଗ୍ରାମବାସୀ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ତହିସିଲ ଅଧିନରେ ସରକାରୀ ଜମିକୁ ବେଆଇନ୍ ଭାବେ କିଛି ମୁଷ୍ଟିମେୟ ବ୍ୟକ୍ତି ସରକାରୀ କଳକୁ ହାତ କରି ଜୋର୍ କରି ଜମି ମାଡି ବସିଛନ୍ତି। ହେଲେ ସେମାନେ ନେତାଙ୍କ ତଳ ଲୋକ ହୋଇଥିବାରୁ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ତେବେ ଏହି ତହସିଲ ଅନ୍ତର୍ଗତ ଉତରପ୍ରତାପ ଗ୍ରାମରେ ସରକାରୀ ଜମିକୁ ଜବର ଦଖଲକାରୀଙ୍କ କବଳରୁ ମୁକ୍ତ ପାଇଁ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଫେରାଦ ହୋଇଛନ୍ତି। ଗ୍ରାମରେ ସର୍ବସାଧାରଣ, ଆବାଦଯୋଗ୍ୟ ଅନାବାଦି, ରକ୍ଷିତ ଓ ଜଳସେଚନ ବିଭାଗର ରାସ୍ତା ଆଦି ପ୍ରାୟ ଏ୬୨.୧୧ ଡିସିମିଲ ସମ୍ପତି ରହିଛି। ଯାହାକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଜବର ଦଖଲ କରି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରି ଆସୁଛନ୍ତି। ଯାହାଦ୍ୱାରା ଯାତାୟାତରେ ବାଧାପ୍ରାପ୍ତ ହେବା ସଂଗେ ସଂଗେ ବିଦ୍ୟାଳୟର ପିଲାମାନେ ଖେଳ କୁଦ କରିବାରୁ ବଞ୍ଚିତ ହେଉଛନ୍ତି। ସେପଟେ ଗାଈଗୋରୁ ଚରିବା ପାଇଁ ଜାଗା ନଥିବାରୁ ସେମାନେ ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ଏହାର ସରଜମିନ୍ ତଦନ୍ତ କରି ଜବର ଦଖଲ ଉଚ୍ଛେଦ କରାଇବା ପାଇଁ ଗ୍ରାମର ମାୟାଧର ରାଉତ, ପ୍ରଭାତ ରଂଜନ ରାଉତ, ଭାଗ୍ୟଧର ମହାନ୍ତି, ବୈରାଗୀ ମଲ୍ଲିକ, ଅନିରୁଦ୍ଧ ମଲ୍ଲିକ ଓ ପିତାମ୍ବର ମଲ୍ଲିକ ପ୍ରମୁଖ ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରିଥିବା ଜଣାପଡିଛି। ଏପରିକି ରାଜସ୍ୱ ବିଭାଗ ମନ୍ତ୍ରୀ ଓ ଯାଜପୁର ଜିଲ୍ଲାପାଳଙ୍କ ନିକଟକୁ ଏହି ଦାବି ପତ୍ର ଡାକ ଯୋଗେ ପଠାଇ ଦିଆଯାଇଥିବା ଗ୍ରାମବାସୀ କହିଛନ୍ତି।

## ସାମ୍ଭବ୍ୟ ଲଘୁଚାପକୁ ନେଇ ଚିନାବାଦାମ୍ ଚାଷୀ ଚିନ୍ତିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଚଳିତ ମାସ ୨୨ ତାରିଖ ଦିନ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ସମ୍ଭାବନା ରହିଥିବା ନେଇ ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଯାହାକୁ ନେଇ ଚାଷୀ ପୁଣି ଚିନ୍ତିତ ହୋଇପଡିଲାଣି। ଚଳିତ ବାତ୍ୟା ମୋନ୍ଥାର ପ୍ରଭାବରେ ବର୍ଷା ଲାଗି ରହିଥିଲା। ଫଳରେ ଯାଜପୁର ଜିଲ୍ଲାରେ ମଧ୍ୟ ଏହାର ପ୍ରଭାବ ପଡିଥିଲା। ପରେ ଧାନ, ଚିନାବାଦାମ ଓ ପରିବା ଚାଷୀ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲେ। ସେପଟେ ପନିପରିବା ଦର ଆକାଶ ଛୁଆଁ ହୋଇଛି। ପୁଣି ଏବେ ଲଘୁଚାପ ଆସିଲେ ଚାଷୀଙ୍କ ମେରୁଦଣ୍ଡ ଦୋହୋଲାଇ ଦେବ ବୋଲି ଅଗ୍ରଣୀ ଚାଷୀମାନେ ଆଶାବ୍ୟକ୍ତ କରିଛନ୍ତି। ବର୍ଷା ହେଲେ ବିଶେଷ କରି ଚିନାବାଦାମ ଉପରେ ଏହାର ବହୁ ପ୍ରଭାବ ପଡିବ। ଜିଲ୍ଲାରେ ଚିନାବାଦାମ ଏକ ମୁଖ୍ୟ ଫସଲ ହୋଇଥିବା ବେଳେ ଏବେ ସାମ୍ଭବ୍ୟ ଲଘୁଚାପ ଚିନ୍ତାକୁ ଦ୍ୱିଗୁଣିତ କରିଛି।

## ଗୁରୁକୁଳ ଅବାସିକ ବିଦ୍ୟାଳୟରେ ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସହର ସଂଲଗ୍ନ ଗରାପୁର ଠାରେ ଥିବା ଗୁରୁକୂଳ ଅବାସିକ ବିଦ୍ୟାଳୟରେ ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଯୋଗ ସୃଜେତା ମହୋତ୍ସବ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ବିଶ୍ୱରଞ୍ଜନ ରଥ, ଗାୟତ୍ରୀ ପରିବାରର ନାରାୟଣ ପଣ୍ଡା, ମାନସ ବେହେରା, ଶିବପ୍ରସାଦ ରଣା, ବଳରାମ ବେହେରା, ବାବାଜୀ ଚରଣ ମୁଦୁଲି, ସୁଶାନ୍ତ ତ୍ରିପାଠୀ, ବରାହ ଚରଣ ଦାସ, ଟଫିକ ଖାନ, ବନଜା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଯୋଗ ଶିଖାଇବା ସହିତ ଯୋଗର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ସ୍କୁଲର ପ୍ରତିଷ୍ଠାତା ତଥା ସମାଜସେବୀ ଅଭିମନ୍ୟୁ ଗୋଛାୟତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

## ବିଦ୍ୟାଳୟକୁ ପୋଷାକ ଦେବାରେ ଚଞ୍ଚକତା ଅଭିଯୋଗ

# ଡ୍ରେସ୍ ଫୋପାଡ଼ି ଧାରଣାରେ ବସିଲେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଶିକ୍ଷା ବିଭାଗ ଅଧିନରେ ଥିବା ବିଦ୍ୟାଳୟ ଗୁଡିକରେ ପୋଷାକ ଦେବା ପାଇଁ ଟେଣ୍ଡର ହେବାପରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ଆବେଦନ କରାଯାଇଥିଲା । ଆଳିର ସାନ୍ ସ୍ୱୟଂ ସହାୟିକା ଗୋଷ୍ଠୀ, ମା' ଜାଡି ଠାକୁରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଭୃତି କେତେକ ସ୍ୱୟଂ ସହାୟିକା ଗୋଷ୍ଠୀ ପୋଷାକ ସଂଗ୍ରହ କରି ବିଦ୍ୟାଳୟକୁ ଯୋଗାଇଦେବାକୁ ଥିବାବେଳେ ସଂପୃକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପୋଷାକ ନେବାକୁ ମନା କରିଥିଲେ । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଠାରୁ ପୋଷାକ କ୍ରୟ ନକରି ସାମଲ ଏଣ୍ଟରପ୍ରାଇଜର୍ସ, ଗିରିବନ୍ଧର ଶ୍ରୀମନ୍ଦିର ବସ୍ତ୍ରାଳୟ ପ୍ରଭୃତି ବ୍ୟବସାୟୀ ସଂସ୍ଥା ଠାରୁ ପୋଷକ ନେବାକୁ ନିର୍ଦ୍ଦେଶ ଦେଇଥିବାରୁ ପୋଷାକ ସଂଗ୍ରହ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନିରାଶ ହୋଇପଡିଛନ୍ତି । ସେମାନଙ୍କର ପ୍ରଚୁର ଆର୍ଥିକ କ୍ଷତି ଘଟୁଥିବା ଜାଣିବା ପରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ସାଙ୍ଗରେ ଆଣିଥିବା ପୋଷାକ ଗୁଡିକୁ ଅଫିସ୍ ଆଗରେ ଫୋପାଡି ଧାରଣାରେ ବସିଥିଲେ। ଏଭଳି ଚଞ୍ଚକତା ପୂର୍ବକ କାର୍ଯ୍ୟର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ନିସାତ ପରୱିନ, ସୁହାନା ବେଗମ, ସୁଲତାନା ବିବି, ପାକିଜା ବିବି, ସୁଲେହା ବିବି, ଗୀତାଞ୍ଜଳୀ ବିଶ୍ୱାଳ, ବାସନ୍ତୀ ରାଉତ, ନୟନା ରାଉତ, ସ୍ମୃତିରେଖା ରାଉତ, ସବିହା ନାଜରିନ, ଫାତମା ବେଗମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଏବେବି ମୟୂରଭଞ୍ଜବାସୀ ମୌଳିକ ସୁବିଧାରୁ ବଞ୍ଚିତ:କଂଗ୍ରେସ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୁରଭଞ୍ଜ ଜିଲ୍ଲା ପୂର୍ବ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ବାରିପଦା ସର୍କିଟ୍ ହାଉସ୍ ସ୍ଥିତ କନ୍‌ଫରେନ୍ସ ହଲ୍‌ରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିଲା। ପ୍ରଥମେ ଭାରତର ପୂର୍ବତନ ପ୍ରଧାମନ୍ତ୍ରୀ ମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ସାମ୍ବାଦିକ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଥମେ ନୂତନ ସଭାପତି ସମସ୍ତ ସାମ୍ବାଦିକ ମାନଙ୍କ ସହିତ ପରିଚିତ ହୋଇଥିଲେ। ନିଜ ବକ୍ତବ୍ୟର ପଚିଶି ବର୍ଷର ବିଜେଡ଼ି ଏକଛତ୍ରବଦ୍ ଶାସନ ଓ ବିଜେପିର ଦୁଇ ବର୍ଷର ଶାସନ ବିରୋଧରେ ବିରୋଧାଭାସ କରିବା ସହିତ, ଏହି ସରକାର ସମୟରେ ମୟୁରଭଞ୍ଜ ଜିଲ୍ଲାରେ ସାଧାରଣ ଜନତାଙ୍କ ଅର୍ଥକୁ ବିଭିନ୍ନ ଯୋଜନା ନାମରେ ଲୁଟ୍ କରିଛନ୍ତି । ଆଜିବି ମୟୁରଭଞ୍ଜବାସୀ ନିଜର ମୌଳିକ ସୁବିଧାରୁ ବଞ୍ଚିତ। ସବୁ ସରକାରୀ କାର୍ଯ୍ୟାଳୟରେ ଲାଞ୍ଚ କାରବାର ବଢିବା ସହିତ, ପଞ୍ଚାୟତ ବ୍ୟବସ୍ଥାକୁ ଭୁସୁଡେଇବା ସହ ଗଣତନ୍ତ୍ର ଉପରେ ପାହାର କରୁଛି ବିଜେପି ସରକାର। କେବଳ ରଙ୍ଗ ବଦଳେଇବାରେ ସରକାର ବ୍ୟସ୍ତ। ଶିକ୍ଷା, ସ୍ୱାସ୍ଥ୍ୟ, ଓ ଗମନାଗମନ ପରି ମୌଳିକ ସୁବିଧାରୁ ବଞ୍ଚିତ ସାଧାରଣ ଜନତା, ଭାଷଣବାଜିରେ ମତିଛନ୍ତି ନେତା ଓ ମନ୍ତ୍ରୀ। ସହରାଞ୍ଚଳ ଓ ଗ୍ରାମଞ୍ଚଳରେ ନିମ୍ନମାନର ରାସ୍ତା କରି ସଧାରଣ ଜନତାଙ୍କ ଅର୍ଥକୁ ଲୁଟ୍ କରିଛନ୍ତି ଶାସକ ଦଳ ନେତା ଓ କର୍ମୀ। ମୟୁରଭଞ୍ଜ ଜିଲ୍ଲା ଜାତୀୟ ଅଭୟାରଣ୍ୟ ଶିମଳିପାଳ ପାଇଁ ଜିଲ୍ଲା ଜାତୀୟ ସ୍ତରରେ ପରିଚିତ। ଶିମିଳିପାଳକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବହେଳିତ ଓ ନିଷ୍ପେସିତ ହୋଇଛି ଶିମିଳିପାଳ। ଶିମିଳିପାଳ ଅଭୟାରଣ୍ୟର ବିକାଶ ନେଇ ସରକାର କୌଣସି ପଦକ୍ଷେପ ନିଆଯାଇନଥିବାରୁ ମୟୁରଭଞ୍ଜ ଜିଲ୍ଲାବାସୀଙ୍କୁ ପ୍ରତାରଣା କରିଚି ବିଜେପି ଓ ବିଜେଡ଼ି ସରକାର । ମାଫିଆ ମାନଙ୍କ କବ୍‌ଜାରେ ଲଘୁ ଖଣିଜ ଦ୍ରବ୍ୟ। ନେତା ଓ ମନ୍ତ୍ରୀଙ୍କ ଛତ୍ର ଚାୟାରେ ଲୁଟ୍ ଚାଲିଛି ଲଘୁ ଖଣିଜ ଦ୍ରବ୍ୟ, ମୟୁରଭଞ୍ଜ ଜିଲ୍ଲାରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ। ମୟୁରଭଞ୍ଜ ଜିଲ୍ଲାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଗାମୀ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହିତ ଅନ୍ଦୋଳନ କରିବେ ବୋଲି ଜିଲ୍ଲା ସଭାପତି ଆହ୍ୱାନ୍ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଭାପତିଙ୍କ ସହିତ ଉପସ୍ଥିତ ଥିଲେ ଚୈତନ୍ୟ ହାସଦା, ନାରାୟଣ ପଟ୍ଟନାୟକ, ନଳିନୀ ପଟ୍ଟନାୟକ, ଉତ୍ତମ ବେହେରା, ମୀନକେତନ ବେହେରା, ସତ୍ୟକାମ ରଣା, ସମର ଦାସ, ସେକ୍ କରିମ୍, ଅସିତ୍ ଓ ବିକାଶ ମହାଭୋଇ ଉପସ୍ଥିତ ଥିଲେ।




# ବାଲି ଗାଡ଼ିକୁ ଅଟକାଇ ଆକ୍ରମଣ:ଥାନାରେ ଅଭିଯୋଗ

**କୋରାଇ, ନ୍ୟୁଜ୍ ବ୍ୟୁରୋ**

ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ବାଲି ଗାଡି ଅଟକାଇ ଡ୍ରାଇଭରକୁ ମାଡ଼ ମରିବା ସହ ମାଲିକ ଓ ତା' ଭାଇକୁ ମାଡ଼ ମାରି ୧ ଲକ୍ଷ ୩୫ ହଜାର ଟଙ୍କା ଓ ମୋବାଇଲ ଛଡ଼ାଇ ନେବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡାଇ ଗ୍ରାମର ଅଜିତ ସାହୁଙ୍କ ପୁଅ ସୁନିତଙ୍କ ଥାନାରେ କରିଥିବା ଅଭିଯୋଗ ମୁତାବକ ବାଲି ବୋଝେଇ କରି ମଙ୍ଗଳବାର ରାତିରେ ତାଙ୍କ ହାଇୱା ଅମୃତିଆ ରାସ୍ତାରେ ଯାଉଥିଲା। ଅମୃତିଆ ପ୍ରଭୁ ଟେଡର୍ସ ନିକଟରେ ଅମୃତିଆ ଗ୍ରାମର ଅନନ୍ତ ପରିଡ଼ା, ଅମର ପରିଡ଼ା, ସୁମା ପରିଡ଼ା ଓ ତାଙ୍କ ଦୁଇପୁଅ ମିଶି ଗାଡ଼ି ଅଟକାଇ ଡ୍ରାଇଭରକୁ ମାଡ଼ ମାରିଥିଲେ। ଗାଡ଼ିରେ ଥିବା ୧ ଲକ୍ଷ ୩୫ ହଜାର ଟଙ୍କା ଓ ମୋବାଇଲ ଛଡ଼ାଇ ନେଇଥିଲେ। ଏହି ଖବରପାଇ ସୁନିତ ଓ ତାଙ୍କ ସାନ ଭାଇ ପହଞ୍ଚିବାରୁ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସିତ ହୋଇ ଥାନାରେ ଅଭିଯୋଗ କରିଛନ୍ତି।

# କେନ୍ଦୁଝର ଜିଲ୍ଲାସ୍ତରୀୟ 'ଆମ ଶୌଚାଳୟ ଆମ ଭବିଷ୍ୟତ'




**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲା ପ୍ରଶାସନ, କେନ୍ଦୁଝରଙ୍କ ଆନୁକୂଲ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କେନ୍ଦୁଝରଙ୍କ ସଭାପତିତ୍ୱରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ-୨୦୨୫ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ବିଷୟ "ଆମ ଶୌଚାଳୟ, ଆମ ଭବିଷ୍ୟତ" ରଖାଯାଇଛି ଏବଂ ଏହି କାର୍ଯ୍ୟକ୍ରମ ୧୯ ନଭେମ୍ବରରୁ ଆରମ୍ଭ ହୋଇ ଆସନ୍ତା ୧୦ ଡ଼ିସେମ୍ବର ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପର୍ଯ୍ୟନ୍ତ ପାଳନ କରାଯିବ । ଏହି ଅବଧି ମଧ୍ୟରେ ବଞ୍ଚିତ ଥିବା ସମସ୍ତ ଯୋଗ୍ୟହିତାଧିକାରୀଙ୍କୁ ଚିହ୍ନଟକରି ପାଇଖାନା ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରିବା ସହିତ ଏହିଗୁଡ଼ିକର ସମସ୍ତ ନିର୍ମାଣ କାର୍ଯ୍ୟ ଏବଂ ବାକିଥିବା ଗୋଷ୍ଠୀସ୍ତରୀୟ ଶୌଚାଳୟ ଗୁଡ଼ିକର ନିର୍ମାଣ ଆସନ୍ତା ୩୧ ଡିସେମ୍ବର ମଧ୍ୟରେ ସମାପ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏଥିସହିତ ବିଭିନ୍ନ ଅନୁଷ୍ଠାନ ଯଥା- ବିଦ୍ୟାଳୟ, ଅଙ୍ଗନୱାଡ଼ିକେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଇତ୍ୟାଦିରେ ଶୌଚାଳୟଗୁଡ଼ିକର ସର୍ଭେକରି ଆବଶ୍ୟକସ୍ଥଳେ ଏହାର ଉପଲବ୍ଧତା ସୁନିଶ୍ଚିତ କରାଇବା ସହ ଗ୍ରାମାଞ୍ଚଳରେ ଥିବା ବ୍ୟକ୍ତିଗତ ଘରୋଇ ପାଇଖାନା, ଆନୁଷ୍ଠାନିକ ତଥା ଗୋଷ୍ଠୀ ସ୍ତରୀୟ ଶୌଚାଳୟ ଗୁଡ଼ିକର ନିର୍ମାଣ, ମରାମତି, ରକ୍ଷଣାବେକ୍ଷଣ ଓ ଏହାର ସୌନ୍ଦର୍ଯ୍ୟକରଣ ବା ଚିତ୍ରିତ କରିବା ଏବଂ ଏହାର ବ୍ୟବହାର/କାର୍ଯ୍ୟକ୍ଷମ କରାଇବା ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ତଥା ଗ୍ରାମ ବା ଗ୍ରାମପଞ୍ଚାୟତ ସ୍ତରରେ ସଚେତନତା ସଭା, ପଥପ୍ରାନ୍ତ ନାଟକ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରିବା ପାଇଁ ଆଲୋଚନା କରାଯାଇଥିଲା । ଏଥିସହିତ ଗ୍ରାମପଞ୍ଚାୟତ ଏବଂ ପଞ୍ଚାୟତ ସମିତି ସ୍ତରରେ ସର୍ବୋତ୍କୃଷ୍ଟ ସୌନ୍ଦର୍ଯ୍ୟକରଣ ବା ଚିତ୍ରିତ ବ୍ୟବହାର ଯୋଗ୍ୟ ବ୍ୟକ୍ତିଗତ ଘରୋଇ ପାଇଖାନା ଏବଂ ଗୋଷ୍ଠୀସ୍ତରୀୟ ଶୌଚାଳୟଗୁଡ଼ିକୁ ପୁରସ୍କୃତ କରିବା ସହିତ ଜିଲ୍ଲାସ୍ତରକୁ ମନୋନୀତକରି ପଠାଇବା ପାଇଁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ପଞ୍ଚାୟତ ସମିତି ସହାୟକ ନିର୍ବାହୀ ଯନ୍ତ୍ରୀ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ-ମନରେଗା, ଜିଲ୍ଲା ପରିମଳ ପରାମର୍ଶଦାତା ଏବଂ ଜିଲ୍ଲାପରିଷଦର ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।



# ଆଞ୍ଚଳିକ ପରିବହନ ପକ୍ଷରୁ ଦୁର୍ଘଟଣା ଜନିତ ଶୂନ ମୃତାହତ ପକ୍ଷ ପାଳନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ପରିବହନ ବିଭାଗ ପ୍ରମୁଖ ସଚିବ ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ଗତ ତା. ୧୬.୧୧.୨୦୨୫ ଠାରୁ ୩୦.୧୧.୨୦୨୫ ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ଶୂନ ମୃତାହତ ପକ୍ଷ ପାଳନ କରାଯାଉଛି । ଏହି ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପରିବହନ ଅଧିକାରୀ ସୁବର୍ଣ୍ଣପୁର ଓ ମୋଟର ଯାନ ନିରୀକ୍ଷକଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଏକ ସଚେତନତା ରଥର ଶୁଭ ଉଦ୍ଘାଟନ ଅନୁଷ୍ଠିତ ହୋଇଛି । ଏହି ରଥ ୩୦.୧୧.୨୦୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୬ଟି ଯାକ ବ୍ଲକର ପ୍ରତ୍ୟକ ପଞ୍ଚାୟତ ପରିକ୍ରମା କରି ଜନସାଧାରଣଙ୍କୁ ସଡକ ସୁରକ୍ଷା ସମ୍ବନ୍ଧରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା କରାଯିବା ସଙ୍ଗେ ପ୍ରଚାର ପତ୍ରିକା ବଣ୍ଟନ କରାଇବା ବ୍ୟବସ୍ଥା କରାଯାଇଛି। ତତ୍‌ସଙ୍ଗେ ଏହି ପକ୍ଷରେ ଜିଲ୍ଲାର ବିଭିନ୍ନ ହାଇସ୍କୁଲ ଓ କଲେଜରେ ପରିବହନ ଅଧିକାରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଅୟୋଜନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି । ସର୍ବୋପରି ବକେୟା ଚାଲାଣ ଥିବା ଗାଡି ମାନଙ୍କୁ ରିହାତି ଦରରେ କିପରି ଜରିମାନା ପୈଠ କରିବେ ତାହାର ଏକ ସ୍ୱତନ୍ତ୍ର ପ୍ରଚାର ପତ୍ରିକା ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କୁ ବଣ୍ଟନ କରାଯିବ। ଏହାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି, ଏହାକୁ ସୁଦୂର ପ୍ରସାର ପାଇଁ ଜିଲ୍ଲାର ପ୍ରତ୍ୟକ ଜନଗହଳି ରାସ୍ତା, ସମସ୍ତ ବ୍ଲକର ସଦରମହକୁମାରେ ବ୍ୟାନର ଓ ବସ୍ ଗାଡି ମାନଙ୍କରେ ପୋଷ୍ଟର ସଂଲଗ୍ନ କରାଯାଇଛି ।

# ଜର୍ଣ୍ଣାଲିଷ୍ଟ ଏସୋସିଏସନ୍ ଝାରବନ୍ଧ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଝାରବନ୍ଧ : ଜର୍ଣ୍ଣାଲିଷ୍ଟ ଏସୋସିଏସନ୍ ଝାରବନ୍ଧ ତରଫରୁ ଜାତୀୟ ପ୍ରେସ୍ ଦିବସ ୨୦୨୫ ପାଳନ କାର୍ଯ୍ୟକ୍ରମ ଗୌଡ଼ମାଳ କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁର୍ମା ଠାରେ ଏସୋସିଏସନ୍‌ର ସଭାପତି ସାମ୍ବାଦିକ ମୋତିଲାଲ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାଞ୍ଚ ଗୋଟି କ୍ଲଷ୍ଟରର ଶିଶୁ ସାମ୍ବାଦିକଙ୍କୁ ନେଇ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଶୁରାମ ପଣ୍ଡା ବିଡ଼ିଓ ଝାରବନ୍ଧ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶୁଭମ୍ କୁମାର ପତି ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସୁଷମା ପଟେଲ, ଏବିଇଓ ଦୟାନିଧି କୈବର୍ତ୍ତ, ସୁପରଭାଇଜର ହରିପ୍ରିୟା ସାହୁ, ବୈତାଳି କ୍ଲଷ୍ଟର ସିଆର୍‌ସିସି ଦିବସ କୁମାର ସାହୁ, ଗୌଡ଼ମାଳ କ୍ଲଷ୍ଟର ସିଆର୍‌ସିସି ପୁରନ୍ଦର କୁମ୍ଭାର, ଜଗଦଳପୁର କ୍ଲଷ୍ଟର୍ ସିଆର୍‌ସିସି ନୀଳାମ୍ବର ସାହୁ, କୁର୍ମା ସ୍କୁଲ ପ୍ରଧାନ ଶିକ୍ଷକ ଶରତ କୁମାର ସାହୁ, ନୀଳଜୀପତ୍ରା କ୍ଲଷ୍ଟର ସିଆର୍‌ସିସି ଜଗଦୀଶ ସେଠ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁମାନଙ୍କୁ ସାମ୍ବାଦିକତାର ପ୍ରାଥମିକ ତାଲିମ୍ ଦେଇ ସଚେତନ ତଥା ସକ୍ରିୟ ନାଗରିକ ଭାବେ ଗଢ଼ି ତୋଳିବା, ବିଦ୍ୟାଳୟ ମନ୍ତ୍ରୀମଣ୍ଡଳର ଶିଶୁ ସାମ୍ବାଦିକ ଶିକ୍ଷାର୍ଥୀମାନଙ୍କୁ ଖବର ସଂଗ୍ରହ, ଖବର ଲେଖିବା ଶୈଳୀ, ସଠିକ୍ ତଥ୍ୟ ସତ୍ୟାପନ ଓ ଗଣମାଧ୍ୟମ ଶିକ୍ଷାରେ ପାରଦର୍ଶୀ କରାଇବା, ସାମ୍ବାଦିକତା, ବିଦ୍ୟାଳୟ ମନ୍ତ୍ରୀ ମଣ୍ଡଳର ଶିଶୁ ସାମ୍ବାଦିକତା, ସଠିକ୍ ସୂଚନା, ଖବରର ଛଅ'କ' ସୂତ୍ର, ଫୋଟୋ ଭିଡ଼ିଓ ଉତ୍ତୋଳନ, ପିଟୁସି ସହିତ ଖବର ସଂଗ୍ରହ, ପ୍ରଶ୍ନୋତ୍ତର, ସାକ୍ଷାତକାର ଉପରେ ଜର୍ଣ୍ଣାଲିଷ୍ଟ ଏସୋସିଏସନ୍ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ ଏବଂ ସମ୍ପାଦକ ସାମ୍ବାଦିକ ସୋମନାଥ ବାଗ୍ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲେରଗାଁ, ନୀଳଜୀପତ୍ରା, ଗୌଡ଼ମାଳ, ବୈତାଳି ଏବଂ ଜଗଦଳପୁର କ୍ଲଷ୍ଟରର ଶିଶୁ ସାମ୍ବାଦିକ ଏବଂ ସମସ୍ତ ଗାଇଡ଼ ଶିକ୍ଷକ ସାମିଲ ଥିଲେ । ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଏସୋସିଏସନ୍ ଝାରବନ୍ଧ ସଦସ୍ୟ ସୌଦାଗର ବରିହା, ନାରାୟଣ ଶତନାମୀ ପ୍ରମୁଖ ସହଯୋଗ କରିଥିଲେ।

## ସୁବର୍ଣ୍ଣପୁର ଜିଲ୍ଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପୁନର୍ଗଠିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଆୟୋଜିତ ସୋନପୁର ବ୍ଲକ ସଭା ଗୃହ ଠାରେ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ସଧାରଣ ବୈଠକ ସହିତ ସଂଘର ପୁନର୍ଗଠନ କରାଯାଇଛି । ସଭାପତି ଭାବେ କ୍ଷୀରୋଦ ଚନ୍ଦ୍ର ସାମନ୍ତରାୟ, ଉପ ସଭାପତି ଭାବେ ଆମ୍ବରିଶ ପାଣିଗ୍ରାହୀ, ଉପ ସଭାନେତ୍ରୀ ଭାବେ ରିତାଞ୍ଜଳି ପାଣିଗ୍ରାହୀ, ସମ୍ପାଦକ ଭାବରେ ସୁଶିଲ କୁମାର ମହାପାତ୍ର, ସହ ସମ୍ପାଦକ ଭାବରେ ଶିବରାମ ମିଶ୍ର, କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ପାଣିଗ୍ରାହୀ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବରେ ବିଶେଶ୍ୱର ଦାଶ, ଦୁର୍ଯ୍ୟୋଧନ ମେହେର, କାର୍ତ୍ତିକ ଶତପଥୀ, ବଳରାମ ଥନାପତିଙ୍କୁ ମନୋନୀତ କରାଯାଇଛି ।

# ବେପାରୀଙ୍କ ଲୋଲୁପଦୃଷ୍ଟି:ମାଲକାନଗିରିରେ ହ୍ରାସପାଇବାରେ ଲାଗିଛି ମଣ୍ଡା ମଇଁଷିଙ୍କ ସଂଖ୍ୟା

**ମାଲକାନଗିରି, ହି.ସ.**

ଚାଷ କାମରେ ପାରଙ୍ଗମ। ପାହାଡ଼ିଆ ଇଲାକାରେ ଶଗଡ଼ ଟାଣିବାରେ ଧୁରନ୍ଧର। ଦିନକୁ ୪ରୁ ୬ ଲିଟର କ୍ଷୀର ଦେଇଥାଏ। ଆୟୁଷ ୧୫ରୁ ୧୬ ବର୍ଷ ହୋଇଥିବା ବେଳେ ଜୀବନକାଳ ଭିତରେ ଜନ୍ମ ଦେଇଥାଏ ୭ରୁ ୮ଟି ଛୁଆ। ଭାରତର ଅନ୍ୟ ବିରଳ ପ୍ରାଣୀଙ୍କ ମଧ୍ୟରୁ ମାଳଭୂମିର ମଣ୍ଡା ମଇଁଷି ଅନ୍ୟତମ ହୋଇଥିବାରୁ ୧୯ତମ ଜାତୀୟ ମାନ୍ୟତା ପ୍ରଦାନ କରିଥିଲେ ସରକାର। କିନ୍ତୁ ବେପାରୀଙ୍କ ଲୋଲୁପ ଦୃଷ୍ଟି କାରଣରୁ ହ୍ରାସ ପାଇବାରେ ଲାଗିଛି ମଣ୍ଡା ମଇଁଷିଙ୍କ ସଂଖ୍ୟା। ଗତ ୫ ବର୍ଷ ମଧ୍ୟରେ ସଂଖ୍ୟା ୫୦ ପ୍ରତିଶତ ହ୍ରାସ ପାଇଥିବାରୁ ଏମାନଙ୍କ ବଂଶରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଛି। ୨୦୨୦ରେ ରାଜ୍ୟ ସରକାର କରିଥିବା ଗଣନା ଅନୁଯାୟୀ, ରାଜ୍ୟରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ମଣ୍ଡା ମଇଁଷି ଥିଲେ। ମାଲକାନଗିରି ଜିଲ୍ଲାରେ ଏମାନଙ୍କ ସଂଖ୍ୟା ଥିଲା ୬ ହଜାର ୪୦୦। ୨୦୨୫ରେ ସଂଖ୍ୟା ଖସି ଆସିଛି ୩ରୁ ୪ ହଜାରକୁ। ମଣ୍ଡା ଜାତିର ମଇଁଷି କେବଳ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ହିଁ ଦେଖିବାକୁ ମିଳେ। ନବରଙ୍ଗପୁରରେ ମଣ୍ଡାଙ୍କ ସଂଖ୍ୟା ନଗଣ୍ୟ। ବିଶେଷ କରି ବଣ୍ଡାଘାଟି, ମାଥିଲି, ଖଇରପୁଟ ଓ ଚିତ୍ରକୋଣ୍ଡା ଅଞ୍ଚଳରେ ଅଧିକ ପରିମାଣର ମଣ୍ଡା ଦେଖାଯାନ୍ତି।



ଏକଦା ଚାଷବାସ ପାଇଁ ମାଳଭୂମିରେ ମଣ୍ଡା ମଇଁଷଙ୍କ ଅଧିକା ଚାହିଦା ରହିଥିଲା। କୃଷି କାର୍ଯ୍ୟରେ ମେସିନ୍‌ର ବ୍ୟବହାର ପରେ ଗୁରୁତ୍ୱ ହ୍ରାସ କରିଛି । ଯାହାର ଫାଇଦା ନେଇ ଗୋ ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି। ବିଭିନ୍ନ ଗୋରୁ ହାଟରୁ ପ୍ରତି ସପ୍ତାହରେ ମାଫିଆ ଗୋରୁ ସହ ମଣ୍ଡା ମଇଁଷିକୁ କିଣି ନେଉଛନ୍ତି। ଜଙ୍ଗଲ ଓ ରାଜ ରାସ୍ତାରେ ଚଲାଇ ଓଡ଼ିଶା ସୀମା ପାର କରାଉଛନ୍ତି। ପ୍ରତି ଗୋଠରେ ୨୦୦ରୁ ଉର୍ଦ୍ଧ୍ୱ ଗୋରୁ ଚାଲାଣ ହେଉଥିବା ବେଳେ ସେ ଭିତରେ ୫୦ରୁ ୬୦ ମଣ୍ଡା ମଇଁଷି ରହିଥାନ୍ତି। ହାଇଦ୍ରାବାଦର ନାମୀଦାମୀ ହୋଟଲରେ ମଣ୍ଡା ମଇଁଷି ମାଂସର ଢେର୍ ଚାହିଦା ରହିଛି। ସେଠାରେ ଏହି ମାଂସ କିଲୋ ୪୦୦ରୁ ୫୦୦ ଟଙ୍କାରେ ବିକ୍ରି ହୋଇଥାଏ। ଦଲାଲ୍ ମାଲକାନଗିରି ଓ କୋରାପୁଟରୁ ଗୋଟିଏ ମଣ୍ଡା ମଇଁଷିକୁ ୮ରୁ ୯ ହଜାର ଟଙ୍କାରେ କିଣି ୨୦ ହଜାରରେ ବିକ୍ରି କରିଥାନ୍ତି। ମଣ୍ଡା ମଇଁଷିର ଓଜନ ୪ କ୍ୱିଣ୍ଟାଲରୁ ୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ହୋଇଥାଏ। ମଣ୍ଡାର ଶିଙ୍ଗ ଔଷଧ ଭାବେ କାମ କରୁଥିବାରୁ ଏହାର ଦାମ୍ ଅଧିକା। ମାଲକାନଗିରି ଜିଲ୍ଲାର କୋୟା ସଂପ୍ରଦାୟର ଲୋକେ ଏହି ଶିଙ୍ଗକୁ ସଂଗ୍ରହ କରି ବାଦ୍ୟଯନ୍ତ୍ରରେ ବ୍ୟବହାର କରିଥାନ୍ତି। ଗତ ୫ ବର୍ଷରେ ମଣ୍ଡା ମଇଁଷିଙ୍କ ସଂଖ୍ୟା ୫୦ ପ୍ରତିଶତକୁ ଖସି ଆସିବା ପରେ ମଧ୍ୟ ଏହାର ସରଂକ୍ଷଣ ପାଇଁ ସରକାର ଚିନ୍ତା କରୁନାହାନ୍ତି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଗଗନ ନାୟକ ମଣ୍ଡା ମଇଁଷିଙ୍କ ସଂଖ୍ୟା ହ୍ରାସକୁ ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ମଣ୍ଡା ମଇଁଷିକୁ ଛାଡ଼ିଲେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ମୋଟ୍ ୧ ଲକ୍ଷ ୪୩ ହଜାର ୫୬୯ଟି ବିଭିନ୍ନ ପ୍ରକାର ମଇଁଷି ରହିଛନ୍ତି।





# ନିମ୍ନମାନର ରାସ୍ତା କାମକୁ ବନ୍ଦ କଲେ ଅଞ୍ଚଳବାସୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଚିଆଁଳିଆ-ବାଂଶଡା ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ ଆଣିଥିବା ବେଳେ ଏହି ରାସ୍ତା କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ତାହା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାପ୍ତ ଖବର ଅନୁଯାୟୀ ଚିଆଁଳିଆ - ବାଂଶଡା ୧୦ କି.ମି ଦୀର୍ଘ ବିଶିଷ୍ଟ ରାସ୍ତାକୁ ଭଦ୍ରକ (ରାସ୍ତା ଓ କୋଠାବାଡି ବିଭାଗ) ପ୍ରଥମେ କେବିଏମ୍ କନଷ୍ଟ୍ରକସନ୍ କମ୍ପାନୀକୁ କାର୍ଯ୍ୟ କରିବାକୁ କାର୍ଯ୍ୟାଦେଶ ଦେଇଥିଲା। ସଂପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ଏହି କାର୍ଯ୍ୟ ଗତ ୨୨ ଫେବୃଆରୀ ୨୦୨୩ ମସିହାରେ ଆରମ୍ଭ କରିଥିବା ବେଳେ ଏହାର ପୂର୍ଣ୍ଣାଙ୍ଗ ୨୧ ମାର୍ଚ୍ଚ ୨୦୨୪ରେ ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା। ଏହି ରାସ୍ତା କାର୍ଯ୍ୟ ଆକଳନ ମୂଲ୍ୟ ପ୍ରଥମେ ୨୫ କୋଟି ୧୫ ଲକ୍ଷ ଟଙ୍କାରେ ସୀମିତ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏହା ୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଆକଳନ ମୂଲ୍ୟ ପ୍ରଥମେ ଏକ କି.ମି ପିଛା ୨.୫ କୋଟି ଟଙ୍କା ଆକଳନ କଲେ ଏବଂ ପୁନଶ୍ଚ ସେହି ରାସ୍ତା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ତାହା ପୁନଶ୍ଚ କି.ମି ପିଛା ୩.୪ କୋଟି ଟଙ୍କାକୁ ବୃଦ୍ଧି କଲେ। ପ୍ରଥମ ସୂଚନା ଫଳକରେ ଏହି କାର୍ଯ୍ୟ ମାର୍ଚ୍ଚ ୨୦୨୪ରେ ଶେଷ ହେବ ବୋଲି ଲିପିବଦ୍ଧ ହୋଇଥିବା ବେଳେ ଦ୍ୱିତୀୟ ସୂଚନା ଫଳକରେ ଏହି କାର୍ଯ୍ୟ ଡିସେମ୍ବର ୨୦୨୪ରେ ଶେଷ ହେବ ବୋଲି ସୂଚନା ମଧ୍ୟ ଦିଆଯାଇଥିଲା। ମାତ୍ର ସମସ୍ତ ଅବଧି ଶେଷ ହୋଇଯିବାବେଳେ ଏହି ରାସ୍ତା କାର୍ଯ୍ୟ କେବେ ଶେଷ ହେବ ସେ ନେଇ ପ୍ରଶ୍ନବାଚୀ ହୋଇପଡିଛି। ପ୍ରଥମେ ଏହି କାର୍ଯ୍ୟ କେଉଁଥିପାଇଁ ଠିକାଦାର ଏହି କାର୍ଯ୍ୟ ଠିକ୍ ଭାବେ କରୁନଥିବା ନେଇ ଅଭିଯୋଗ ହେବାପରେ ପୁନଶ୍ଚ ଏହି କାର୍ଯ୍ୟକୁ ଅନ୍ୟ ଏକ ଠିକା ସଂସ୍ଥାକୁ ଦିଆଯାଇଥିଲା। ମାତ୍ର ସଂପୃକ୍ତ ଠିକାଦାର ମଧ୍ୟ ଏହି କାର୍ଯ୍ୟ ଠିକ୍ ଭାବେ ନିର୍ମାଣ କରୁନଥିବା ନେଇ ବହୁବାର ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଏବଂ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ ହୋଇଥିଲା। ଏହି ଠିକାଦାର ରାସ୍ତା କାର୍ଯ୍ୟ କରୁଥିବା ବେଳେ କେଉଁଠି ରାସ୍ତା ଫାଟି ଧସି ଯାଉଥିବା ବେଳେ କେଉଁଠି ପିଚୁ ମୋଟେଇ ଠିକ୍ ନାହିଁ ବୋଲି ଅଭିଯୋଗ ହୋଇଥିଲା। ସଂପୃକ୍ତ ଠିକାଦାର ଦିଗଭ୍ରମ ବଜାର ଠାରେ ପିଚୁ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଆସି କେତେ ପରିମାଣରେ ପିଚୁ ଦିଆଯାଉଛି ଏବଂ ଏହାର ମୋଟେଇ କେତେ ରହିବା ଦରକାର ସେଥିପାଇଁ ଏଷ୍ଟିମେଟ୍ ଦେଖାଇବାକୁ କହିଥିଲେ। ମାତ୍ର ସଂପୃକ୍ତ ଠିକାଦାର ପିଚୁ କାର୍ଯ୍ୟର ମୋଟେଇ କମ୍ କରୁଥିବା ନେଇ ଅଞ୍ଚଳବାସୀ କାର୍ଯ୍ୟ ବନ୍ଦ କରିଦେଇଥିଲେ। ପରେ ଏହି ବିଭାଗର କନିଷ୍ଠଯନ୍ତ୍ରୀ ଆଲୋକ ମଲିକ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ପିଚୁର ମୋଟେଇ ଠିକ୍ ହେବା ଦରକାର ନଚେତ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ଧମକ ଦେଇଥିଲେ। ଖବର ଲେଖାହେବା ବେଳକୁ ସଂପୃକ୍ତ କନିଷ୍ଠଯନ୍ତ୍ରୀ ସେହି ସ୍ଥାନରେ ଥିବାବେଳେ ରାସ୍ତାର ପିଚୁ କାର୍ଯ୍ୟ ସ୍ଥାନୀୟ ଲୋକଙ୍କ ଦ୍ୱାରା ବନ୍ଦ କରାଯାଇଥିଲା। ଏହି ବାବଦରେ ସଂପୃକ୍ତ କନିଷ୍ଠଯନ୍ତ୍ରୀଙ୍କ ମତାମତ ନେବାରୁ ସେ ସଂପୃକ୍ତ ଠିକା ସଂସ୍ଥା ଏଷ୍ଟିମେଟ୍ ଅନୁଯାଇ କାର୍ଯ୍ୟ କରୁନଥିବା କଥା କହିଥିଲେ। ମାତ୍ର ଗୋଟିଏ ପଟରେ କାର୍ଯ୍ୟ ଆରମ୍ଭ ହୋଇନଥିବା ବେଳେ ଅନ୍ୟ ପଟରେ ଶେଷ ହୋଇଥିବା ଅଂଶରୁ ମଧ୍ୟ ପିଚୁ ଉଠିଗଲାଣି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଖରେ ଏ ବାବଦରେ ବହୁ ଅଭିଯୋଗ କରିବା ପରେ ମଧ୍ୟ ଫଳ ଶୂନ୍ ହୋଇପଡିଛି। କେଉଁ ପରିସ୍ଥିତିରେ ଏହି କାର୍ଯ୍ୟର ସମାପ୍ତି ହେଉନାହିଁ ଏଥିନେଇ ଗୋଟିଏ ପଟରେ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇନଥିବା ବେଳେ ଅନ୍ୟ ପଟ ରାସ୍ତାରୁ ପିଚୁ ଉଠିବା ତାହା ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟରେ ପକାଇଛି ବୋଲି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ନେତା ଦିଗମ୍ବର ଦାସ ନିଜ ପ୍ରତିକ୍ରିୟା ରଖିଛନ୍ତି।

# ଏନ୍‌ଜିଟି ଜରିମାନା ଖିଲାପକାରୀଙ୍କ ଘରେ ଇଡ଼ିର ଚଢ଼ଉ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୁରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଞ୍ଚଳରେ ଇଡିର ବଡ ଧରଣର ଚଢ଼ଉ ପ୍ରକ୍ରିୟା ଜାରି ରହିଛି। ଭୁବନେଶ୍ୱର ଆସିଥିବା ଇଡିର ୨୦ ଜଣରୁ ଉର୍ଦ୍ଧ୍ୱ କର୍ମଚାରୀ ଚଢ଼ଉ କରୁଛନ୍ତି। ଏନ୍‌ଜିଟି ଜରିମାନା ଖିଲାପୀକାରୀ ବାଲି ସୈରାତ ଲିଜ୍‌ଧାରୀ ଭାଲୁ ଓରଫ ପ୍ରଦୀପ ବିନ୍ଧାଣିଙ୍କ ଘରେ ଗୁରୁବାର ସକାଳୁ ଇଡିର ଚଢଉ ହୋଇଛି। ଇଡି ୨ଟି ଟିମ୍ ଡାହିସାହି ଗ୍ରାମ ସ୍ଥିତ ପ୍ରଦୀପ ବିନ୍ଧାଣୀଙ୍କ ଘରେ ଓ ଦେଶୀ ମଦ ଭାଟିରେ ଏକ ସଙ୍ଗେ ଚଢ଼ଉ କରିଛନ୍ତି। ବଡ଼ସାହି ଥାନା ଅଞ୍ଚଳରେ ବୁଢାବଳଙ୍ଗ ନଦୀରୁ ବେଆଇନ୍ ବାଲି ସଇରାତ କରି ବାଲି ଉତ୍ତୋଳନ ନେଇ ପୂର୍ବରୁ ଅଭିଯୋଗରେ ଥିଲା। ଯେଉଁ ମାମଲାରେ ତାଙ୍କୁ ୧୮ କୋଟି ଟଙ୍କାର ଜରିମାନା ହୋଇଥିଲା। ଯାହାକୁ ନେଇ ସିଆର୍‌ପିଏଫ୍ କଡ଼ା ସୁରକ୍ଷା ବଳୟ ଭିତରେ ଚଢ଼ଉ ସହ ପ୍ରଦୀପକୁ ଭୁବନେଶ୍ୱରରୁ ଆସିଥିବା ଇଡି ଟିମ୍ ପଚରା ଉଚରା କରୁଛନ୍ତି। ଏନେଇ ଇଡ଼ି ପକ୍ଷରୁ ସବିଶେଷ ତଥ୍ୟ ପ୍ରଦାନ କରିନଥିବା ବେଳେ ଚଢ଼ଉ ପ୍ରକ୍ରିୟା ପରେ ସୂଚନା ପ୍ରଦାନ କରାଯିବ ବୋଲି କହିଛନ୍ତି।

# ବସ୍‌ରୁ ସାମଗ୍ରୀ ଲୁଟ୍:ଫେରାର୍ ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ସହରରକୁ ବାହାରରୁ ବିଭିନ୍ନ ବସ୍‌ରେ ଆସୁଥିବା ସାମଗ୍ରୀ ସ୍ଥାନୀୟ ବସ୍‌ଷ୍ଟାଣ୍ଡର ଖଲାସୀମାନେ ଓହ୍ଲାଉଥିବା ବେଳେ ସେମାନଙ୍କୁ ଆକ୍ରମଣ କରିବା ସହ ସାମଗ୍ରୀ ଲୁଟ୍ ଅଭିଯୋଗରେ ଦୁର୍ଦ୍ଦାନ୍ତ ଲୁଟେରା ସ୍ଥାନୀୟ ଗୋପବନ୍ଧୁ ନଗରର ଶିବ ସୁନା (୨୬) ଟାଉନ୍ ଥାନା ପୋଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗତମାସ ୨୮ ତାରିଖରେ ବ୍ରହ୍ମପୁରରୁ ଏକ ବସ୍‌ରେ ଆସିଥିବା ବୋଟମ୍ ଛତୁ ପ୍ୟାକେଟ୍ ସ୍ଥାନୀୟ ଖଲାସୀମାନେ ଓହ୍ଲାଉଥିବା ବେଳେ ଅଭିଯୁକ୍ତ ସେମାନଙ୍କ ଠାରୁ ଉକ୍ତ ସାମଗ୍ରୀ ପ୍ୟାକେଟ୍ ଛଡାଇ ନେଉଥିବା ବେଳେ କିଛି ଖଲାସୀ ବିରୋଧ କରିଥିଲେ। କିନ୍ତୁ ଅଭିଯୁକ୍ତ ଏକ ମଦ ବୋତଲ ଫଟାଇ ଖଲାସୀ ମାନଙ୍କୁ ଆକ୍ରମଣ କରିଥିଲା, ଶେଷରେ ସ୍ଥାନୀୟ ବାପୁଜୀ ନଗରର ବାସିନ୍ଦା ଖଲାସୀ ହେମନ୍ତ ନାୟକଙ୍କ ହାତରେ ଉକ୍ତ ଭଙ୍ଗା ବୋତଲରେ ଆକ୍ରମଣ ଯୋଗୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏଥିନେଇ ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲେ। ଏହିପରି ଉକ୍ତ ଦିନ ଠାରୁ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲା। ଅଭିଯୁକ୍ତ ନିଜ ଗୃହକୁ ଆସିଥିବା ଟାଉନ୍ ଥାନା ପୋଲିସ ସୂଚନା ପାଇବା ପରେ ଗୋପବନ୍ଧୁ ନଗର ଘର ଉପରେ ଚଢଉ କରିବା ସହ ଅଭିଯୁକ୍ତଙ୍କୁ ତଦନ୍ତକାରୀ ଅଧିକାରୀ ଏସ୍.ଆଇ ଏ.କ୍ରୀଷ୍ଣା ରାଓ ଗିରଫ କରିବାରେ ସଫଳ ହୋଇଥିବା ନେଇ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ଲୋକଙ୍କ ମାଡ଼ରେ ଜଣେ ଚୋରର ମୃତ୍ୟୁ:ଜଣେ ଗୁରୁତର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଘରକୁ ଚୋରି କରିବାକୁ ଆସିଥିବା ବେଳେ ଲୋକଙ୍କ ମାଡ଼ରେ ଜଣେ ଚୋରର ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଆନ୍ତର୍ଗତ ବିସିପୁର ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ଜଣକ ହେଲେ ଉଦଳା ଥାନା ଅଧୀନ ଦେଉଳା ଗ୍ରାମର ବାପି କୋହ୍ଲାର ବୋଲି ଜଣାପଡ଼ିଛି। ଚୋରି କରିବାକୁ ଆସିଥିବା ଲୁଟେରାକୁ ଗ୍ରାମବାସୀ ଧରି ନିର୍ଘାତ ମାଡ଼ ମାରିଥିଲେ। ଯାହାଫଳରେ ଜଣେ ଲୁଟେରା ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗତ ମଙ୍ଗଳବାର ରାତିରେ ବିସିପୁର ଗ୍ରାମରେ ଗ୍ୟାସ୍ ଟାଙ୍କି ଚୋରି କରିବାକୁ ପଶିଥିଲେ ୨ ଲୁଟେରା। ଏହି ସମୟରେ ଗ୍ରାମବାସୀମାନଙ୍କ ହାତରେ ଧରାପଡିଯାଇଥିଲେ ଦୁଇ ଚୋର। ଉକ୍ତ ଘଟଣାରେ ୧୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଉଠାଇ ଆଣି ପୋଲିସ ପଚରାଉଚରା କରୁଥିବାର ସୂଚନା ମିଳିଥିବା ସମୟରେ ମୃତ ଚୋରର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଉଦଳା ହସ୍‌ପିଟାଲ୍‌କୁ ପଠାଇଛନ୍ତି ଏବଂ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ଏଏନ୍‌ଆର୍‌ଏଫ୍-ପିଏଆଇଆର୍ ପ୍ରକଳ୍ପର ମିଳିତ ସଭାରେ ଅଂଶ ନେଲା ଏଫଏମ୍‌ୟୁ



**ବାଲେଶ୍ୱର, ନ୍ୟୁଜ୍**

ଅନୁସନ୍ଧାନ ଓ ପ୍ରଯୁକ୍ତି ବିଭାଗ (ଡିଏସ୍‌ଟି), ଭାରତ ସରକାର ଅଧୀନ ରାଷ୍ଟ୍ରୀୟ ଗବେଷଣା ତହବିଲ (ଏଏନ୍‌ଆର୍‌ଏଫ) ଦ୍ୱାରା ଅର୍ଥାନୁଦାନ ପ୍ରାପ୍ତ ପ୍ରତିଷ୍ଠିତ ପିଏଆଇଆର୍ ପ୍ରକଳ୍ପର ପ୍ରଥମ ମିଳିତ ସଭାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଛି। ପ୍ରକଳ୍ପର ହବ୍ ଅନୁଷ୍ଠାନ - ଜାତୀୟ ପ୍ରଯୁକ୍ତି ମହାବିଦ୍ୟାଳୟ (ଏନ୍‌ଆଇଟି), ରାଉରକେଲା ଠାରେ ଏହି ସଭାଟି ଅନୁଷ୍ଠିତ ହୋଇଥିଲା। ସେଠାରେ ପ୍ରକଳ୍ପ ସହ ସଂଯୁକ୍ତ ଛଅଟି ସ୍ପୋକ୍ ଅନୁଷ୍ଠାନର ପ୍ରତିନିଧି କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ପକ୍ଷରୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଭାସୀ ମାଧ୍ୟମରେ ସଭାରେ ଯୋଗଦେଇଥିଲେ। ପ୍ରଫେସର ପଙ୍କଜ କୁମାର ପାରହି, ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ଓ ପ୍ରଫେସର ନିହାର ରଞ୍ଜନ ରାଉତ ପ୍ରତ୍ୟକ୍ଷ ଭାବେ ସଭାରେ ଉପସ୍ଥିତ ହୋଇ ଚର୍ଚ୍ଚା, ପରାମର୍ଶ ଓ ନୀତିଗତ ପରିକଳ୍ପନାରେ ସକ୍ରିୟ ଭାବେ ଅଂଶ ନେଇଥିଲେ। "ସୁସ୍ଥାୟୀ ଉନ୍ନୟନ ନିମିତ୍ତ କୃଷି, ସ୍ୱାସ୍ଥ୍ୟ, ଉର୍ଜା ଓ ପରିବେଶ ପାଇଁ ପ୍ରଯୁକ୍ତି ମହାସଂଘ" ଶୀର୍ଷକ ନେଇ ଏହି ପ୍ରକଳ୍ପ - ସ୍ଥାୟୀ କୃଷି, ସ୍ୱାସ୍ଥ୍ୟ, ଉର୍ଜା ଓ ପରିବେଶ ସୁସ୍ଥତାର ଅନୁଶାସନୀୟ ଗବେଷଣା, ପ୍ରଯୁକ୍ତି ନବୀକରଣ ଓ ସ୍ଥାୟୀ ଉନ୍ନୟନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। ଅନୁଷ୍ଠିତ ପ୍ରଥମ ସଭାଟି ଏହି ପ୍ରକଳ୍ପର କାର୍ଯ୍ୟନିଷ୍ପାଦନ, କାର୍ଯ୍ୟ ଯୋଜନା ପ୍ରସ୍ତୁତି, ନୀତି ଦିଗ୍‌ନିର୍ଦ୍ଦେଶ ନିଷ୍ପତ୍ତି ଓ ସାମୂହିକ ସହଯୋଗର ବିବରଣୀ ନିର୍ମାଣ ଇତ୍ୟାଦି ପାଇଁ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଥିଲା। ବୈଠକରେ ଉପସ୍ଥିତ ପ୍ରକଳ୍ପ କାର୍ଯ୍ୟାନ୍ୱୟ ସମିତିର ସଦସ୍ୟମାନେ ନିମ୍ନଲିଖିତ ଦିଗରେ କୌଶଳଗୁଡିକ ପରିଚର୍ଚ୍ଚା କରିଥିଲେ- ଯଥା ହବ୍-ସ୍ପୋକ ସଂସ୍ଥାଗୁଡ଼ିକ ମଧ୍ୟରେ ଗବେଷଣା ସମନ୍ୱୀକରଣକୁ ସୁଦୃଢ କରିବା, ସମୁଦାୟମୁଖୀ ପରିଣାମ ଉତ୍ପାଦନକୁ ଉତ୍ସାହିତ କରିବା, ଓ ଏଏନ୍‌ଆର୍‌ଏଫ-ପିଏଆଇର ପ୍ରୟାସର ଦୀର୍ଘମିଆଦିକ ଉନ୍ନତି ପାଇଁ ମାନକ ଓ ନିଷ୍ପତ୍ତି ମାପଦଣ୍ଡ ସ୍ଥାପନ କରିବା। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରକଳ୍ପଟି ବିଶ୍ୱବିଦ୍ୟାଳୟର ଗବେଷଣା ପରିବେଶକୁ ଆହୁରି ସମୃଦ୍ଧ ଓ ସୁଦୃଢ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ସେ ଶିକ୍ଷକମାନେ ଓ ଗବେଷକ ଛାତ୍ରଛାତ୍ରୀମାନଙ୍କୁ ନୂତନ, ସୃଜନଶୀଳ ଓ ପ୍ରଭାବଶାଳୀ ଦିଗକୁ ଗ୍ରହଣ କରିବାକୁ ପ୍ରୋତ୍ସାହନ କରିଛନ୍ତି।

# ନାବାଳିକା ଅପହରଣ ଓ ଅସଦାଚରଣ ମାମଲାରେ ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଫୁଲବାଣୀ ଫାଷ୍ଟ ଟ୍ରାକ୍‌ପୋକ୍ସୋ କୋର୍ଟର ବିଚାରପତି ମନୋରଞ୍ଜନ ଦାଶ ଏକ ନାବାଳିକା ଅପହରଣ ଓ ଅସଦାଚରଣ ମାମଲାର ସାକ୍ଷୀ ଓ ପୀଡିତାଙ୍କ ବୟାନ ଆଧାରରେ ବିଚାର କରି ମାମଲାର ଅଭିଯୁକ୍ତ ଶିବରାମ ପ୍ରଧାନଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୮ ହଜାର ଟଙ୍କା ଜରିମାନା ଦଣ୍ଡା ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ତାକୁ ଆଉ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲାକୁ ପରିଚାଳନା କରୁଥିଲେ। ସୂଚନା ଅନୁଯାୟୀ ଗତ ୨୦୨୫ ମସିହା ଅପ୍ରେଲ ମାସ ୧୮ ତାରିଖରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଘୁ. ଉଦୟଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାଧିକାରୀ ଏକ ମାମଲା ୭୧। ୨୦୨୫ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ। ବିଚାରପତି ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ପୀଡ଼ିତାକୁ କ୍ଷତିପୂରଣ ବାବଦକୁ ଏକ ଲକ୍ଷ ଟଙ୍କା କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଚିପ୍ସ ପକେଟ୍‌ର ପ୍ଲାଷ୍ଟିକ୍ ଖେଳନା ଗିଳି ଶିଶୁର ମୃତ୍ୟୁ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ଗ୍ରାମ ନିକଟ ମୃଷିମାହା ଗ୍ରାମରେ ବିଗିଲ ପ୍ରଧାନ ନାମକ ୪ ବର୍ଷର ଗୋଟିଏ ଶିଶୁର ମୃତ୍ୟୁ ପରେ ସ୍ୱାସ୍ଥ୍ୟବିଭାଗର ଚିନ୍ତା ବଢ଼ାଇ ଦେଇଛି। ବର୍ତ୍ତମାନ ଏ ନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ ଚିନ୍ତା ପ୍ରକଟ କରିବା ସହ ସେ ବିଭାଗ ପକ୍ଷରୁ ଗାଁ ଗାଁରେ ଲୋକଙ୍କୁ ଏନେଇ ସଚେତନ କରାଇବା ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ସେ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଇବା ସହ ଲୋକଙ୍କୁ ହାତ ଧୋଇ ଖାଇବା ସହ ଏଭଳି ପ୍ୟାକେଟ୍ ଖାଦ୍ୟରେ କୌଣସି ପ୍ଲାଷ୍ଟିକ୍ କିମ୍ବା ଅନ୍ୟ କିଛି ସାମଗ୍ରୀ ରହିଥିଲେ ତାକୁ ଖାଇବାକୁ ବାରଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଉକ୍ତ ବ୍ଲକ ମୁସିମାହା ଗ୍ରାମର ୪ ବର୍ଷର ଶିଶୁ ବିଗିଲ ପ୍ରଧାନ ବାପା ଆଣିଥିବା ମସଲା ଜାତୀୟ ଚିପ୍ସ ପ୍ୟାକେଟ୍ ଭିତରେ ରହିଥିବା ଏକ ପ୍ଲାଷ୍ଟିକ୍ ଖେଳନା ଖାଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ଶିଶୁଙ୍କ ତଣ୍ଟି ଭିତରୁ ଉକ୍ତ ଖେଳନା ବାହାର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚେତ ଅବସ୍ଥାରେ ଆଣିଥିଲେ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦେଶୀ ମଦ ଜବତ:ବ୍ୟବସାୟୀ ଗିରଫ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ପରେ ରସୁଲପୁର ଅବକାରୀ ବିଭାଗର ନିଦ ଭାଙ୍ଗି ଥିଲା। ତେବେ ବେଆଇନ୍ ଭାବେ ଦେଶୀ ମଦ କରବାର ହେଉଥିବା ଖବରପାଇ ଅଭିମନ୍ୟୁ ବାଲିଆ ଠାରେ ଚଢଉ କରିଥିଲା। ଏହି ଚଢଉ ସମୟରେ ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଭାଗବତ ମଲ୍ଲିକ (୫୬) ନିକଟରୁ ୪ ଲିଟର ଦେଶୀ ମଦ ଜବତ କରାଯିବା ସହ ଭାଗବତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବଡ ବଡିଆ ଚୋରା ମଦ ବ୍ୟବସାୟୀ ଖୁଲମ୍‌ଖୁଲା ବ୍ୟବସାୟ ଚଳାଇ ଆସୁଛନ୍ତି। ତାଙ୍କ ନିକଟରେ ଅବକାରୀ ବିଭାଗ ପହଞ୍ଚିପାରୁନାହିଁ। ତେବେ ବଡବଡିଆଙ୍କ ଉପରେ ଚଢଉ ହେବା ନେଇ ଆଗୁଆ ସୂଚନା ଦେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେବଳ ତଳିଆ ଲୋକଙ୍କୁ ଧରି ଗିରଫ କରି ଅବକାରୀ ବିଭାଗ ବାହାବା ନେଉଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ୨୨ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଧାମନଗର ଗସ୍ତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୨ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧାମନଗର ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ୍ ହେବେ ବୋଲି ଆୟୋଜିତ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ଧାମନଗର ବ୍ଲକ ସମ୍ମିଳନୀ କକ୍ଷରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ଆୟୋଜିତ ସମୀକ୍ଷା ବୈଠକରେ କୁହାଯାଇଛି ଯେ, କେନ୍ଦ୍ରମନ୍ତ୍ରୀ ୨୨ ତାରିଖ ସକାଳେ ଆସି ଐତିହାସିକ ପୀଠ ତଥା ପର୍ଯ୍ୟଟନସ୍ଥଳୀ ମୁସ୍ତଫାପୁର ପଞ୍ଚାୟତର ଗୋହିରାଟିକିରିରେ ପହଞ୍ଚିବେ। ଏଠାରେ ଉତ୍କଳ ପ୍ରଦେଶର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତି, ମାଳିକା ବର୍ଣ୍ଣିତ ଅର୍ଜୁନ ବୃକ୍ଷ, ଗୋହିରାଟିକିରି ମଠ ବୁଲି ଦେଖିବେ। ଏହାପରେ ଏଠାରେ ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବେ କେନ୍ଦ୍ରମନ୍ତ୍ରୀ। ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଗୋହିରାଟିକିରିର ଭିତ୍ତିଭୂମି ବିକାଶ କରାଯିବ। ଏଥିରେ ରାଜା ମୁକୁନ୍ଦଦେବଙ୍କ ଭବ୍ୟ ପ୍ରତିମୂର୍ତ୍ତି ନିର୍ମାଣ ହେବ। ଶିଳାନ୍ୟାସ ପରେ ଦେଶର ପୂର୍ବତନ ସୌରାଷ୍ଟ୍ର ମନ୍ତ୍ରୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଆୟୋଜନ ହେଉଥିବା ଏକତା ଯାତ୍ରାରେ ସାମିଲ୍ ହେବେ। ଗୋହିରାଟିକିରି ପୀଠରୁ ଦୋବଲ କାଳୀ ପଡ଼ିଆ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଚାଲି ଚାଲି ଆସିବେ। ଏହି ପଦଯାତ୍ରାରେ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକ ସାମିଲ୍ ହେବେ। ପଦଯାତ୍ରା ପରେ କାଳୀ ପଡ଼ିଆରେ ଏକ ସାଧାରଣ ସଭାକୁ ଧର୍ମେନ୍ଦ୍ର ସମ୍ବୋଧନ କରିବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ କଲ୍ୟାଣ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବେ। ଏହାସହ ଧାମନଗର ବିକାଶର ନକ୍ସା ଉପସ୍ଥାପନ କରିବେ ମନ୍ତ୍ରୀ। କେନ୍ଦ୍ରମନ୍ତ୍ରୀଙ୍କ ସଭାରେ ପାଖାପାଖି ୩୦ ହଜାର ଲୋକଙ୍କ ସମାଗମ ହେବାକୁ ଆକଳନ କରାଯାଇଛି। ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ସମାପନ କରିବା ଲାଗି ଧାମନଗର ବ୍ଲକ ସମ୍ମିଳନୀ କକ୍ଷରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପ୍ରସ୍ତୁତି ବୈଠକ କରିଛନ୍ତି। ଲୋକଙ୍କ ଆଗମନ, କାର୍ଯ୍ୟକ୍ରମରେ ସାମିଲ ହେବା ଓ ସେମାନଙ୍କ ଖାଦ୍ୟ ପାନୀୟ ପାଇଁ କିଭଳି ବ୍ୟବସ୍ଥା କରାଯିବ, ତାହା ଏଥିରେ ଆଲୋଚନା ହୋଇଥିଲା। ସମୀକ୍ଷା ବୈଠକରେ ଭଦ୍ରକ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ମହାନ୍ତି, ମନୋରଞ୍ଜନ ମଲ୍ଲିକ, ବିଡିଓ ବନବିହାରୀ ଦିନ୍ଦା ଓ ପଧାନି ସରପଞ୍ଚ ଅଶୋକ ପୁହାଣ ଯୋଗଦେଇଥିଲେ।

# ନିଆଁ ଲାଗି ଜଳିଗଲା ୨ ବଖରା ଘର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ ଟିକରପଡା ପଞ୍ଚାୟତ କୁଜିବର ଗ୍ରାମର ପ୍ରଦୀପ ବେହେରାଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଗୋଟିଏ ବଖରା ଗୁହାଳ ଓ ଗୋଟିଏ ବଖରା ରୋଷେଇ ଘର ଥିବା ଜଣାପଡିଛି। ଏହି ଘଟଣାକୁ ନେଇ ରସୁଲପୁର ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଘଟଣାରେ ପହଞ୍ଚି ନିଆଁକୁ ଆୟତ କରାଯାଇଥିଲେ ମଧ୍ୟ ୨ ବଖର ଘର ପୋଡି ପାଉଁଶ ହୋଇଯାଇଥିଲା। ଗୁହାଳେ ଥିବା ସମସ୍ତ ଗୋରୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ତେବେ ଚୁଲିରୁ ଘରେ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି। ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କୂଳସାହି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ ଓ ତଦାରଖ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା କୂଳସାହି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ତଦାରଖ କରିଥିବା ଜଣାପଡିଛି । ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଅଧିନରେ ଥିବା ଏହି ବିଦ୍ୟାଳୟ ପରିଦର୍ଶନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ଛାତ୍ରଛାତ୍ରୀଙ୍କ ରହଣୀ, ଖାଦ୍ୟପେୟ ପରୀକ୍ଷା ଫଳ, ପରିବେଶ ଆଦି ତଦାରଖ କରିଥିଲେ । ଏଥିସହିତ ବିଦ୍ୟାଳୟର ଶ୍ରେଣୀଗୃହ ଗୁଡିକ ପରିଦର୍ଶନ କରି ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟରେ ନବମ, ଦଶମ ଶ୍ରେଣୀ ନଥିବାରୁ ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ତୁରନ୍ତ ଶ୍ରେଣୀ ଖୋଲିବା ପାଇଁ ଦାବି କରିଛନ୍ତି । ଏହି ତଦାରଖ ସମୟରେ ପ୍ରଧାନ ଶିକ୍ଷକ ସଂଜୟ କୁମାର ସ୍ୱାଇଁ, ସହକାରୀ ଶିକ୍ଷକ ଲକ୍ଷ୍ମୀ କିସ୍କୁଙ୍କ ସହ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ତଦାରଖ ସମୟରେ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଉଦୟକାଳୀନ ଗ୍ରହଚକ୍ର

| | | |
|---|---|---|
| ୭ / ୮ | ୬ | କ୍ଷେ ୫ / ରା ୪ |
| ୯ ବୃ | ୧୭ / ୮ | ୩ |
| ୧୦ କେ / ୧୧ | ଶୁ ୧୨ | ୨ / ର ମ୍ବ ଚ ବୁ |


**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୨୧।୧୧।୨୦୨୫, ମାର୍ଗଶିର ଦି୬ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୫୮।୪୨** **ଚନ୍ଦ୍ରୋଦୟ- ପ୍ରାଘ୬।୪୫।୧୫**


**ପ୍ରତିପଦ-** ଦିଘ୨।୪୮ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ଦିଘ ୧।୫୫ ପର୍ଯ୍ୟନ୍ତ। **ବିଛା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର ଓ କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ଦିଘ ୨।୪୮ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୨ ଗତେ ଘ ୬।୪୬ ମଧ୍ୟେ । ଦିଘ ୩।୩୪ ଗତେ ଘ ୫।୦୨ ମଧ୍ୟେ । **ପର୍ବୋତ୍ସବ-** ଶେଷ ଦେବଦୀପାବଳି, ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା, ଡ. ହରେକୃଷ୍ଣ ମହତାବ ଜୟନ୍ତୀ।




**ମେଷ:** ଚାକିରୀ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ମହିଳାମାନେ ଅସ୍ଥିର ରହିବେ। ଘରେ ଅଶାନ୍ତି ଓ କଳହ ଦେଖାଦେବ। ନୂତନ ବନ୍ଧୁଙ୍କ ସହ ଭେଟ।




**ବୃଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବାର ସୂଚନା। ଦେହ ଓ ମନ ଭଲ ରହିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ। ପରୋପକାର କରି ଆନନ୍ଦିତ ହେବାର ସୂଚନା।




**ମିଥୁନ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତିର ବାତାବରଣ ରହିବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ।




**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ରୋଜଗାର ମଧ୍ୟମ ଧରଣର ହେବ। ଘରେ ଆନନ୍ଦ ଲାଭ।




**ସିଂହ:** ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଏଣୁ ମାନସିକ ଦୁଶ୍ଚିନ୍ତା ଦେଖାଦେବ। ମନ ବିଚଳିତ ରହିବ। ପାରିବାରିକ କଳହ ଦେଖାଦେଇପାରେ। ସତ କଥା କହି ନିଜ ଲୋକଙ୍କ ପାଖେ ଖରାପ ହେବେ।




**କନ୍ୟା:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ଶତ୍ରୁଙ୍କ ଠାରୁ ସତର୍କ ରୁହନ୍ତୁ। ରୋଜଗାର ସ୍ଥିର ରହିବ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ। ବ୍ୟବସାୟ ମଧ୍ୟମ ଧରଣର ହେବାର ସୂଚନା।



**ତୁଳା:** ପୁରାତନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏଣୁ ମନ ପ୍ରଫୁଲ୍ଲ ରହିବ। ମହିଳାମାନେ ସୁଖୀ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରି କସୁଖ ଶାନ୍ତି ବିରାଜମାନ କରିବାର ସୂଚନା।




**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।




**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ମନକୁ ଦୁଶ୍ଚିନ୍ତା ଆଣିବ। ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ରୋଜଗାର ଭଲ ହେବ। ଘରେ ଶାନ୍ତିର ବାତାବରଣ ରହିବାର ସୂଚନା।



**ମକର:** କାର୍ଯ୍ୟକ୍ଷେତ୍ରରେ ମାନ ସମ୍ମାନ ବଢ଼ିପାରେ। ଶତ୍ରୁ ନାଶ ହେବେ। ସାଧନାରେ ସିଦ୍ଧି ଲାଭ କରିବେ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଗୃହେ ଶାନ୍ତି ଲାଭ ହେବ। ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** କଠିନ ପରିଶ୍ରମ ହେତୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ରୋଜଗାର ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମୀନ:** କଚେରୀ ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଘରେ ଆନନ୍ଦ ଦେଖାଦେବ । ଦେହ ଓ ମନ ଭଲ ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୨।୧୧।୨୦୨୫, ମାର୍ଗଶିର ଦି୭ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୫୯।୧୯** **ଚନ୍ଦ୍ରୋଦୟ- ପ୍ରାଘ୭।୩୯।୧୧**

**ଦ୍ୱିତୀୟା-** ସଂଘ୫।୧୨ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର-** ଦିଘ ୪।୪୬ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର ଓ କୁମ୍ଭ ଓ ମୀନ ରାଶିର। ଦିଘ ୪।୪୬ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଦିଘ ୪।୪୬ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ସଂଘ ୫।୧୨ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୩୧ ଗତେ ଘ ୮।୪୮ ମଧ୍ୟେ । ଦିଘ ୧୧।୫୪ ଗତେ ଘ ୧୨।୫୫ ମଧ୍ୟେ । **ପର୍ବୋତ୍ସବ-** ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ।

31 YEARS
ସମ୍ବାଦ କଳିକା

# ମଧ୍ୟବିତ୍ତଙ୍କ ପାଇଁ ବଡ଼ ସଂକଟ

ଭାରତର ମଧ୍ୟବିତ୍ତ ବର୍ଗଙ୍କ ଚାକିରି ପ୍ରତି ବିପଦ ମାଡ଼ିଆସିଲାଣି । ୨ କୋଟି ଭାରତୀୟଙ୍କ ଚାକିରି ବିପଦରେ । ଏହା ମାନ୍ଦାବସ୍ଥା ପାଇଁ ନୁହେଁ ବରଂ ଅନ୍ୟ କେତେକ କାରଣ ପାଇଁ ହେବ । ମାର୍ସଲସ୍ ଇନ୍‌ଭେଷ୍ଟମେଣ୍ଟ୍ ମ୍ୟାନେଜର୍ସର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ ଚେତାବନୀ ଦେଇଛନ୍ତି ଯେ, ଯଦି ନୀତି ନିର୍ମାତାମାନେ ତୁରନ୍ତ ପଦକ୍ଷେପ ନ ନିଅନ୍ତି ତେବେ ଏହାର ପରିଣାମ ବିନାଶକାରୀ ହୋଇପାରେ।

ତାଙ୍କ କହିବାନୁସାରେ, ମାନ୍ଦାବସ୍ଥା ପାଇଁ ନୁହେଁ ବରଂ କମ୍ପାନିଗୁଡ଼ିକର କାରବାର, ଏଆଇ ଏବଂ ବିଶ୍ୱ ବ୍ୟାପାରରେ ଦେଖାଦେଇଥିବା ଅସ୍ଥିରତା କାରଣରୁ ଚାକିରି ଯାଇପାରେ ନିକଟରେ ଏକ ପଡକାଷ୍ଟରେ ମୁଖାର୍ଜୀ ଭାରତର ହ୍ୱାଇଟସ୍କୋଲାର ନିଯୁକ୍ତି ବଜାରରେ ଚାଲିଥିବା ଅସ୍ଥିରତାର ଏକ ଛବି ଉପସ୍ଥାପନ କରିଛନ୍ତି। ସେ କହିଲେ ଯେ, ଆମ ନିଯୁକ୍ତି ବଜାରରେ ଅନିଶ୍ଚିତତା ଦେଖିବାକୁ ମିଳୁଛି । ଆଇଟି, ବ୍ୟାଙ୍କିଙ୍ଗ୍ ଏବଂ ମିଡିଆ ଭଳି ମାନକ ମଧ୍ୟବିତ୍ତ ବର୍ଗ ଚାକିରିର ସ୍ଥାନ ଗିଗ୍ ଜବ୍ ନେଇଯିବ । ତାଙ୍କ ଅନୁମାନ ମୁତାବକ, ଭାରତକୁ ଏହାର ସମ୍ପୂର୍ଣ୍ଣ ପ୍ରଭାବ ସହିବା ପାଇଁ ଦୁଇରୁ ତିନି ବର୍ଷ ଲାଗିବ । ଏ ସମୟରେ ବେତନଭୋଗୀ ନିଯୁକ୍ତିର ଏକ ବଡ଼ ଅଂଶ ଉଭାବନ ହୋଇଯାଇପାରେ ସେତେବେଳେ ଭାରତ ଏକ ବଡ଼ ଗିଗ୍ ଅର୍ଥନୀତି ପାଲଟିବ । ଏହା କେବଳ ରାଇଡସୟୋର ଏବଂ ଫୁଡ୍ ଡେଲିଭରୀ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ସେ ଆହୁରି କହିଲେ ଯେ, ଆର୍ଥିକ ମାନ୍ଦାବସ୍ଥା କାରଣରୁ ଏହା ହେବ ନାହିଁ ବରଂ ଉକ୍ତ କମ୍ପାନିଗୁଡ଼ିକ ଯୋଗୁ ଏସବୁ ଚାକିରି ଚାଲିଯିବ, ଯେଉଁମାନେ କମ୍ ଖର୍ଚ୍ଚରେ ଦକ୍ଷତା ବଢ଼ାଇବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇକୁ ଆପଣାଉଛନ୍ତି ।

ମୁଖାର୍ଜୀ କହିଲେ ଯେ, ପ୍ରତ୍ୟେକ କମ୍ପାନି ଏବେ ଲୋକଙ୍କ ସ୍ଥାନରେ ଏଆଇକୁ ଆପଣାଉଛନ୍ତି । ସେ ବ୍ୟାଙ୍କ ହୁଅନ୍ତୁ କିମ୍ବା ମିଡିଆ ପ୍ରତିଷ୍ଠାନ କିମ୍ବା ଆଇଟି ସେବା ପ୍ରଦାନକାରୀ ବିଜ୍ଞାପନ ବି ଏଆଇ ଭିତ୍ତିକ ହୋଇଗଲାଣି । ଏପରିକି ବିଜ୍ଞାପନରେ ଦେଖାଯାଉଥିବା ମଡେଲ ବି ଏଆଇ । ବିଜ୍ଞାପନରେ ଦେଖାଯାଉଥିବା ଶୁଆ ବି ଏଆଇ। ଏଭଳି କ୍ଷେତ୍ରରେ ଲୋକଙ୍କ ଆବଶ୍ୟକତା କମିଯିବ ଏବଂ ସେମାନଙ୍କ ସ୍ଥାନ ଏଆଇ ନେବ । ଫଳରେ ବିପୁଳ ସଂଖ୍ୟାରେ ଚାକିରି ଚାଲିଯାଇପାରେ । ମୁଖାର୍ଜୀ ବାହ୍ୟ ରିସ୍କ ବିଶେଷ କରି ଆମେରିକା ସହ ବାଣିଜ୍ୟିକ ମତଭେଦକୁ ନେଇ ବି ଚିନ୍ତା ପ୍ରକଟ କରିଛନ୍ତି । ଏସବୁ ମଧ୍ୟ ଛଟେଇର ପ୍ରମୁଖ କାରଣ । ଯଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟାରିଫ୍‌କୁ ପ୍ରତ୍ୟାହାର ନ କରନ୍ତି ତେବେ ଖ୍ରୀଷ୍ଟମାସ ସୁଦ୍ଧା ୨ କୋଟି ଭାରତୀୟଙ୍କ ଚାକିରି ଚାଲିଯାଇପାରେ ବୋଲି ମୁଖାର୍ଜୀ ପ୍ରକାଶ କରିଛନ୍ତି।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୪୪)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ସମସ୍ତେ ଗୋଟିଏ ଗୋଟିଏ ନର ପିଶାଚ ଭଳି ଦୃଶ୍ୟମାନ ହେଉଥାନ୍ତି। ଗୋଟାଏ ବିବେକ ହୀନ ପଶୁ ସମାଜରେ ଯେଉଁମାନେ ନିଜକୁ ଗଢିଛନ୍ତି। ସେମାନଙ୍କ ହୃଦୟରେ ମାନବିକତା ବା ଆସିବ କେଉଁଠୁ ? ଶ୍ମଶାନ ଘାଟରେ ମୋତେ ପହଞ୍ଚାଇ ଦେଲାବେଳକୁ ମୋ ଦେହର ପ୍ରତିଟି ଅଙ୍ଗରେ ସେହି ପିଶାଚ ମାନଙ୍କର ଅଙ୍ଗୁଳି ଛାପ ମୋତେ ଭୀଷଣ ଯନ୍ତ୍ରଣା ଦେଉଥିଲା। କାହାକୁ କହିବି ? କିଏ ଶୁଣିବ ଏ ନାରକୀୟ ବ୍ୟଭିଚାରକୁ ? ଯେଉଁଠି ମୋର ଶାଶୁ, ଶ୍ୱଶୁର କୋମଳ ପୁତ୍ର ବଧୂର ଏ ଭୟାନକ ଦୁର୍ଦ୍ଦଶା ଦେଖି ନୀରବ ରହୁଛନ୍ତି। ଆଉ ଏ ଭାଇ ବିରାଦରିମାନେ ଶାଶୁଘରେ ମୋତେ ମୁହଁ ଉଠେଇ ରହିବାକୁ ସାହସ କରୁନଥିଲେ ସେମାନେ ଶ୍ମଶାନ ଘାଟକୁ ମୋତେ ସତୀ କରାଇବା ବାହାନାରେ ନେବାବେଳେ ଯେଉଁ କଦର୍ଯ୍ୟ ବ୍ୟବହାର କରୁଛନ୍ତି, ତାକୁ ଦେଖିଲେ କେହି କହିବକି ଏ ସଂସାରରେ ମାନବିକତାର ଚେତନା ଏ ମଣିଷ ମାନଙ୍କ ଭିତରେ ରହିଛିକି ? ଧିକ୍ ସେ ସତୀତ୍ୱ, ଧିକ୍ ସେ ସତୀତ୍ୱର ସଂସ୍କାର। ସେ ସମୟରେ ମୋ ଆଖିକୁ ସମସ୍ତେ ନର ରାକ୍ଷସ ଭଳି ଦେଖାଯାଉଥିଲେ। ପ୍ରଥମେ ଶ୍ମଶାନ ଘାଟରେ ଶବ ସତ୍କାର ପାଇଁ ଆସିଥିବା କାଠକୁ ସଜେଇ ତା'ରି ଉପରେ ମୋ ମୃତ ସ୍ୱାମୀଙ୍କୁ ଶୁଆଇ ଦେଲେ। ତତ୍‌ପରେ ଯୁଇରେ ଅଗ୍ନି ସଂଯୋଗ କରାଗଲା। ଅଗ୍ନି ସଂଯୋଗ କଲାପରେ ଯେତେବେଳେ ନିଆଁ ଭୟଙ୍କର ଭାବେ ମୋର ମୃତସ୍ୱାମୀର ଶରୀରକୁ ଦଗ୍‌ଧକରି ଦେଉଥାଏ ଠିକ୍ ସେହି ସମୟରେ ମୋତେ ନୂଆ ଶାଢି, ଶଙ୍ଖା, ସିନ୍ଦୂର ପିନ୍ଧାଇ ସେହି ଜଳନ୍ତାଯୁଇ ଉପରକୁ ଡେଇଁ ପଡିବା ପାଇଁ ଶ୍ମଶାନ ଘାଟରେ ଏକତ୍ରୀତ ହୋଇଥିବା ଲୋକମାନେ ମୋତେ କହିଲେ । ମୁଁ ସେହି ନିଆଁରେ ଡେଇଁ ପଡିଲେ ମୋ ସ୍ୱାମୀଙ୍କ ସହିତ କୁଆଡେ ସ୍ୱର୍ଗପୁରରେ ଭେଟ ହେବ। ଏ କଥା ଉପରେ ମୋର ସାମାନ୍ୟ ତମ ବିଶ୍ୱାସ ମଧ୍ୟ ହେଉନଥାଏ। ସେତେବେଳକୁ ସାତଦିନ ଧରି ମୁଁ ଭୋକ ଉପବାସ ଓ ଅନିଦ୍ରାରେ ରହିରହି ଦେହ ଅତିଶୟ ଦୁର୍ବଳ ହୋଇ ପଡୁଥାଏ। ଯେଉଁମାନେ ମୋତେ ଶ୍ୱଶୁରଙ୍କ ଗୃହରୁ ବଳ ପୂର୍ବକ ଶ୍ମଶାନ ଘାଟକୁ ଉଠାଇ ଆଣିଥିଲେ ସେହିମାନଙ୍କ ଭିତରୁ ଋରିଟା ଶକ୍ତିଶାଳି ଭେଣ୍ଡିଆ ମୋ ହାତକୁ ଟାଣି ସେହି ଜଳନ୍ତା ନିଆଁ ଭିତରକୁ ଫିଙ୍ଗିଦେଲେ। ସେହି ସମୟରେ ମୋର ପିତା ଶ୍ମଶାନ ଘାଟରେ ପହଞ୍ଚିଯାଇ ସେହି ଜଳନ୍ତା ଯୁଇ ମଧ୍ୟରୁ ମୋତେ ଖୁବ୍ ଯୋର୍‌ରେ ଟାଣି ଆଣିଲେ। ଦେହର କେତେକ ସ୍ଥାନରେ ଫୋଟକା ହୋଇଯାଇଥିଲା ଯାହା ଫଳରେ ମୁଁ ଯନ୍ତ୍ରଣାରେ ଚିତ୍କାର କରୁଥାଏ। ସେହିଠାରେ ମୋତେ ଉଦ୍ଧାର କରିଥିବା ମୋର ପିତାଙ୍କୁ ଅତି ବିଭତ୍ସ ଏବଂ ଅଶାଳିନ ଭାଷାରେ ଗାଳି କଲେ ଯାହାକୁ ଯେତେ କଠୋର ଆଉ ନିର୍ମମ ଭାଷାରେ ନିଳାକଲେ ମଧ୍ୟ କମ୍ ହେବ। ମୋ ଭଳି ଜଣେ ଅମଙ୍ଗଳ ବୋହୁକୁ ତାଙ୍କ ଗ୍ରାମରେ ସ୍ଥାନ ଦେବେ ନାହିଁ ବୋଲି କହି ମୋର ପିତାଙ୍କ ସାଥିରେ ମୋତେ ବିଦାୟ କରିଦେଲେ। ସେଦିନ ମୋର ପିତା ତାଙ୍କୁ ଉଚ୍ଚସ୍ୱରରେ କହିଲେ ଯେ " ମୋ କନ୍ୟା ଯେତେ ଅମଙ୍ଗଳ, ଅଶୁଭ ହେଉପଛେ ମୁଁ ତାକୁ ଏପରି ଭାବେ ମରିବାକୁ ଦେବିନି।"ଏତିକି କଥା ମୋର ପିତା ସେମାନଙ୍କୁ କହି ମୋତେ ସେହିଠାରୁ ଘରକୁ ନେଇ ଆସିଲେ। ଅସମ୍ଭାଳ ଦୁଃଖ, ଯନ୍ତ୍ରଣା ମଧ୍ୟ ଦେଇ ଦୀର୍ଘ ଋରିଦିନ ପରେ ନିଜ ଘରେ ଆସି ପହଞ୍ଚିଲି । ଘରକୁ ଫେରିବା ବେଳେ ଯେଉଁ ଭୟାନକ କଷ୍ଟ ମୁଁ ଭୋଗିଛି ସେ ଭଳି ଯନ୍ତ୍ରଣା ଏପୃଥିବୀର କୌଣସି ନାରୀର କପାଳରେ ନଘଟୁ ଏହି ପ୍ରାର୍ଥନା ଭଗବାନଙ୍କ ନିକଟରେ ଆଜି ପର୍ଯ୍ୟନ୍ତ ପ୍ରାର୍ଥନା କରିଋଲିଛି। ବାଟ ସାରା ମୋର ପିତା କାନ୍ଦିଛନ୍ତି ମୋର ଏ ଅସହ୍ୟ ଯନ୍ତ୍ରଣାର କ୍ଷତକୁ ଦେଖି। ଘରେ ପହଞ୍ଚିବା ପରେ ମୋର ମାଆ ମୋର ଏ ଦରପୋଡା ଅବସ୍ଥାକୁ ଦେଖି କାନ୍ଦି କାନ୍ଦି ସେ ଚେତା ଋଲିଯାଏ। ମାସେ କାଳ ପର୍ଯ୍ୟନ୍ତ ବାପା ତା'ର ସେବା କରିବା ସହିତ ମୋତେ ଦୀର୍ଘଦିନ ସେବାକରି ବଞ୍ଚାଇଲେ। ସେ ଯନ୍ତ୍ରଣାକୁ ବଖାଣିବା ପାଇଁ ପୃଥିବୀର ସମସ୍ତ ଭାଷା ଯେପରି ମୋ ଆଗରେ ଅସ୍ତିତ୍ୱ ହରାଇ ବସୁଛନ୍ତି। ଶାଶୁଘରୁ ଏହି ଅବସ୍ଥାରେ ମୋତେ ମୋ ପିତା ନେଇ ଆସିଥିବାର ଖବର ମରିଚି ପୁରର ରାଜା ଏ କୁଜଙ୍ଗ ଗଡର ରାଜାଙ୍କୁ ଖବର ଦେଲେ। କୁଜଙ୍ଗ ଗଡର ରାଜା ଏହି ଗୋପୀନାଥ ନରେନ୍ଦ୍ର ଏହାର ପିରିଣାମ ସ୍ୱରୂପ ମୋର ପିତା ଏବଂ ମୋତେ ମୃତ୍ୟୁଦଣ୍ଡ ଦେଲେ, କିନ୍ତୁ ମହାରାଣୀ ଓ ମହାମନ୍ତ୍ରୀଙ୍କ ଦୟାରୁ ଦୁଇଟି ସର୍ତ୍ତରେ ଆମକୁ ଜୀବନଦାନ ଦିଆଗଲା । (କ୍ରମଶଃ)

# ମୋଟରସାଇକେଲ ମେକାନିକ୍

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଜଣେ ଲୋକ ତା ମୋଟର ସାଇକେଲରେ ଯାଉଥିଲା । ବାଟରେ ଗୋଟେ ଚା' ଦୋକାନ ଦେଖିଲା । ଲୋକଟି ଭାବିଲା, କପେ ଚା ପିଇ ଯିବ। ଚା' ଦୋକାନରେ ଅଟକିଲା । ଚା' ଦୋକାନ ବାହାର ବେଞ୍ଚରେ ଆଉ ଜଣେ ଲୋକ ବସିଥିଲା।
ସେ ଲୋକଟି ମୋଟରସାଇକେଲବାଲାକୁ କହିଲା, ଭାଇ ତୁମ ମୋଟରସାଇକେଲ ଖରାପ ଅଛି ।
ମୋଟରସାଇକେଲବାଲା ଚମକି ଉଠିଲା । ମୁଁ ଏବେ ଚଲେଇକି ଆସିଲି, କିଛି ତ ତକଲିଫ ନ ଥିଲା! ଖରାପ କେମିତି ହେଲା?
ଲୋକଟି କହିଲା, ମୁଁ ହେଉଛି ମେକାନିକ୍ । ମୁଁ ମୋଟରସାଇକେଲ ଦେଖି ଏବଂ ତା'ର ଶବ୍ଦ ଶୁଣି କହିଦେବି ଯେ ମୋଟରସାଇକେଲରେ କ'ଣ ଖରାପ ଅଛି ।
ମୋଟରସାଇକେଲବାଲା କହିଲା, କ'ଣ ହେଇଛି ମୋ ମୋଟରସାଇକେଲର କହିଲେ ।
ଲୋକଟି କହିଲା ତୁମ ମୋଟରସାଇକେଲର ସ୍ପିଡ କମ୍ ଅଛି, ଧୂଆଁ ଅଧିକା ବାହାରୁଛି ଏମିତି ଆହୁରି ୨୫ଟା ପ୍ରୋବ୍ଲେମ ଅଛି । ମୁଁ ଠିକ୍ କରିଦେଇ ପାରିବି। ଆଉ ବର୍ତ୍ତମାନ ମୁଁ ତମଠୁ ମୋଟରସାଇକେଲ ଠିକ୍ କରିଦେବାପାଇଁ ପଇସା ବି ନେବିନି।
ବାଇକ ବାଲା କହିଲା ଠିକ୍ ଅଛି ଠିକ୍ କରିଦିଅ ।
ମେକାନିକ ପ୍ରଥମେ ମୋଟରସାଇକେଲ ପ୍ଲଗ ଖୋଲିଲା, ତାକୁ ପରିଷ୍କାର କଲା ।
ଲୋକଟ ପଚାରିଲା ଏବେ ଠିକ୍ ହେଇଗଲା?
ମେକାନିକ କହିଲା ନାହିଁ ଏବେ ଠିକ୍ ହେଇନି । ମନେହେଉଛି କାର୍ବୋରେଟରରେ ବି କିଛି ସମସ୍ୟା ଅଛି ।
ମେକାନିକ୍ ତାକୁବି ଖୋଲିଲା । ତଥାପି କହିଲା ଯେ ନାହିଁ ଆହୁରି କିଛି ପ୍ରୋବ୍ଲେମ ରହିଛି ।
ତା'ପରେ ଇଞ୍ଜିନ୍ ଖୋଲିଦେଲା । ତଥାପି କହିଲାଯେ ନାହିଁ ଏଥିରେ କିଛି ସମସ୍ୟା ରହିଯାଇଛି ବୋଧହୁଏ ହାଣ୍ଡେଲରେ କିଛି ସମସ୍ୟା ରହିଯାଇଛି । ଏମିତି କରୁକରୁ ସେ ପୁରା ମୋଟରସାଇକେଲକୁ ପାର୍ଟ ପାର୍ଟ କରି ଖୋଲିଦେଲା । ତଥାପି ମୋଟର ସାଇକେଲର ସମସ୍ୟା କ'ଣ ଅଛି ବା ଥିଲା ତାକୁ ଜାଣି ହେଲାନି । ଏବେ ମୋଟରସାଇକେଲବାଲା ବଡ ବ୍ୟସ୍ତ ହୋଇପଡିଲା । କହିଲା, ଭାଇ ଆଉ ଖୋଲାଖୋଲି କରିବା ଦରକାର ନାହିଁ। ବହୁତ ଖୋଲିଲଣି ଏବେ ମୋର ମୋଟରସାଇକେଲଟା ଯୋଡିଯାଡି ଦିଅ ମୁଁ ଯାଏ । ନିଜକୁ ମେକାନିକ ବୋଲି କହିଥିବା ଲୋକଟି କହିଲା, ଭାଇ ମୋତେ ତ ଇଏ ମୋଟରସାଇକେଲ ଯୋଡି ଆସିବନି । ମୋଟରସାଇକେଲବାଲା ମୁଣ୍ଡରେ ହାତ ଦେଇ ବସି ପଡ଼ିଲା । କହିଲା, ତମକୁ ଯଦି ଯୋଡ଼ି ଆସିବନି ତେବେ ଖୋଲୁଥିଲ କାହିଁକି ? ମୁଁ ଏବେ କଣ କରିବି ? ଏ ମୋଟରସାଇକେଲବାଲା ହେଲୁ ଆମେ । ମେକାନିକ ହେଲା ଆମ ଦେଶର ନେତାମାନେ । ଆଉ ମୋଟରସାଇକେଲ ହେଲା ଆମ ଦେଶ। ଆମ ଦେଶରେ ବିଶେଷ କିଛି ସମସ୍ୟା ନଥିଲା । ସମସ୍ୟା ଅଛି ବୋଲି କହି ତାକୁ ଖଣ୍ଡ ଖଣ୍ଡ କରିଦେବା କିଛି ନେତାଙ୍କ କାମ । ଏ ନେତାମାନେ ଖଣ୍ଡ ଖଣ୍ଡ କରି ପାରନ୍ତି, ଖଣ୍ଡଗୁଡ଼ିକୁ ଯୋଡ଼ି ପାରନ୍ତି ନାହିଁ । ଏମିତି ନେତାମାନଙ୍କଠୁ ସାବଧାନ ରହନ୍ତୁ ।

# ଉତ୍କଳ କେଶରୀ - ହରେକୃଷ୍ଣ ମହତାବ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପ ଗଡ,
କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ବହୁ ଉନ୍ନତ ଜାତି ଇତିହାସର ଚକ ତଳେ ଚାପି ହୋଇ ଲୋପ ପାଇଯାଇଛନ୍ତି। ସେମାନଙ୍କର ସଭ୍ୟତା ତଥା ସଂସ୍କୃତିର ଚିହ୍ନବର୍ଣ୍ଣ ଖୋଜିବା ଆଜି ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କର କାର୍ଯ୍ୟ ପାଲଟିଛି। ପ୍ରାୟ ୧୫୦୦ ବର୍ଷ ଧରି ଉନ୍ନତିର ଶିଖରରେ ପହଁଚିଥିବା ଓଡିଆ ଜାତି ସମୟକ୍ରମେ ବିଦେଶୀ ଦ୍ୱାରା ଲୁଣ୍ଠିତ ହୋଇଛି। ଭୌଗୋଳିକ ଭାବରେ ଛିନ୍ନ ବିଚ୍ଛିନ୍ନ ହୋଇ ଗଙ୍ଗାଠାରୁ ଗୋଦାବରୀ ବ୍ୟାପିଥିବା ଓଡିଶା କ୍ରମେ ତିନୋଟି ଜିଲ୍ଲା ମଧ୍ୟରେ ସୀମିତ ହୋଇଥିଲା। ଏହି ଭଳି ଏକ ଅନ୍ଧକାରାଚ୍ଛନ୍ନ କାଳରେ ଆବିର୍ଭାବ ଘଟେ ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର। ୧୩୦୭ ସାଲ ମାର୍ଗଶିର କୃଷ୍ଣ ଚତୁର୍ଥୀ ବିଛା ୭ ଦିନ ମଙ୍ଗଳବାର ବୃହସ୍ପତି ମହାଦଶାରେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅଗରପଡାଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଦାସ ଓ ମାତାଙ୍କ ନାମ ତୋହଫା ବିବି। ପ୍ରଥମରୁ ସେ ମହତାବ ନଥିଲେ। ପରେ ଅଜା ଜଗନ୍ନାଥ ମହତାବଙ୍କ ଘରକୁ ପୁଅ ହୋଇଯିବାରୁ 'ମହତାବ' ସାଙ୍ଗିଆ ହେଲା। ହରେକୃଷ୍ଣ ମହତାବ ପ୍ରଥମେ ଗାଁ ଚାଟଶାଳୀରେ ଅବଧାନ ସଦେଇ ଦାସଙ୍କ ନିକଟରେ ପାଠପଢ଼ା ଆରମ୍ଭ କରିଥିଲେ। ଗାଁ ସ୍କୁଲରେ ପାଠପଢ଼ା ସାରି ସେ ଭଦ୍ରକ ହାଇସ୍କୁଲରେ ପାଠ ପଢ଼ିଲେ। ହାଇସ୍କୁଲରେ ପଢ଼ିବା ସମୟରେ ତାଙ୍କ ମା' ଆରପାରିକୁ ଚାଲିଗଲେ। ତାଙ୍କ ବାପା ହରେକୃଷ୍ଣଙ୍କର ହାତକୁ ଦି'ହାତ କରିବାକୁ ଚିନ୍ତା କଲେ। ଅସୁରେଶ୍ୱର ଗ୍ରାମର ଆନନ୍ଦରାମ ସିଂହଙ୍କ ଝିଅ ସୁଭଦ୍ରାଙ୍କ ସହିତ ହରେକୃଷ୍ଣଙ୍କର ବାହାଘର କରାଇଦେଲେ। ବାହାଘର କେତେ ଦିନପରେ ସେ ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ପାସ୍ କରି କଟକ ରେଭେନ୍ସା କଲେଜରେ ନାଁ ଲେଖାଇଲେ। ସେଠାରେ ସେ ନବକୃଷ୍ଣ ଚୌଧୁରୀଙ୍କ ସହିତ ପରିଚିତ ହେଲେ। ବନ୍ଧୁମାନଙ୍କ ସାହାଯ୍ୟରେ ମେସ୍‌ରୁ 'ମଳୟ' ନାମକ ଓଡିଆ ପତ୍ରିକା ଓ 'ଡଷ୍ଟବିନ୍' ନାଁରେ ଏକ ଇଂରାଜୀ ପତ୍ରିକା ପ୍ରକାଶ କରିଥିଲେ। ମହତାବ ଦ୍ୱିତୀୟ ଶ୍ରେଣୀରେ ଆଇ.ଏସ୍.ସି. ପାସ୍ କରି ସେହିଠାରେ ବି.ଏସ୍.ସି. ନପଢ଼ି ବି.ଏ. ଶ୍ରେଣୀରେ ନାମ ଲେଖାଇଲେ। କଟକର ବାଖରାବାଦର 'ଭାରତୀ ମନ୍ଦିର' ପାଠାଗାର ଦେଶଭକ୍ତ ଓ ଦେଶ ପ୍ରେମୀମାନଙ୍କର ଏକ କେନ୍ଦ୍ର। ଏଥିରେ ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର ଆଦି ସକ୍ରିୟ ଅଂଶ ଗ୍ରହଣ କରୁଥିଲେ। ହରେକୃଷ୍ଣ ମହତାବ ସେମାନଙ୍କୁ ସହଯୋଗ ଦେଲେ। ଥରେ ମହତାବ ଉତ୍କଳ ସମ୍ମିଳନୀରେ ଯୋଗଦେଇ ମଧୁବାବୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ।

ପ୍ରଥମ ରାଉଲଟ୍ ଆଇନ୍ ଓ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ମହତାବଙ୍କୁ ବିଚଳିତ କରିଥିଲା। କଲିକତା ଓ ନାଗପୁର କଂଗ୍ରେସର ଅଧିବେଶନରେ ଯୋଗଦେଇ ବହୁ ଜାତୀୟ ସ୍ତରର କଂଗ୍ରେସ ନେତାଙ୍କ ସଂସ୍ପର୍ଶରେ ଆସିଲେ ଓ ଗୋପବନ୍ଧୁ ଦାସଙ୍କ ସହିତ ସାକ୍ଷାତ କରିଥିଲେ। ଫଳରେ ସେ କଲେଜ ପାଠପଢ଼ା ଛାଡି କଂଗ୍ରେସରେ ଯୋଗଦେଲେ। ବାଲେଶ୍ୱରଠାରେ 'ସ୍ୱରାଜ୍ୟ ମନ୍ଦିର' ଅନ୍ୟମାନଙ୍କ ସହଯୋଗରେ ଗଠନ କରିଥିଲେ। ବାଲେଶ୍ୱର କଂଗ୍ରେସ କମିଟିର ମହତାବ ହେଲେ ସମ୍ପାଦକ। କଂଗ୍ରେସର ବିଦେଶୀ ବସନ ବର୍ଜନ ଆନ୍ଦୋଳନରେ ଜଣେ ବିଲାତି ଲୁଗା ବେପାରି ଗାଡିକୁ ଅଟକାଇ ମହତାବ ୧୫ ଦିନ ଜେଲଦଣ୍ଡ ଭୋଗ କଲେ ୨୫ ଟଙ୍କା ଜରିମାନା ଦେଇନପାରି। ଏହାଥିଲା ତାଙ୍କର ପ୍ରଥମ ଜେଲଦଣ୍ଡ। ସ୍ୱାଧୀନତା ଆନ୍ଦୋଳନରେ ସେ ସାତ ଥର ଗିରଫ ହୋଇ ଦୀର୍ଘ ଆଠବର୍ଷ କାଳ ଜେଲ୍ ଦଣ୍ଡ ଭୋଗ କରିଛନ୍ତି। ମହତାବ ଭାଗଲପୁର ଜେଲ୍‌ରେ ରହିବା ସମୟରେ ପଚସ୍ତରୀ ସେର ଧାନ କୁଟିବା ବା କୋଡିଏ ସେର ଗହମ ଚୂରିବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ଥିଲା। ସେ ଜେଲ ସୁପରିଟେଣ୍ଡେଣ୍ଟଙ୍କୁ କୁହାବୋଲା କରି ଲେଖାପଢ଼ା କାମ ପାଇଲେ। ଏହି ସୁଯୋଗରେ ମହତାବ 'ଅଜବ ଦୁନିଆ' ନାଁରେ ଏକ ଓଡିଆ ଉପନ୍ୟାସ ଓ 'ଫ୍ରି ଥିଙ୍କିଙ୍ଗ' ନାମରେ ଖଣ୍ଡେ ଇଂରାଜୀ ବହି ଲେଖିଥିଲେ। ପରେ ପୋଲିସ୍ 'ଅଜବ ଦୁନିଆ'ର ମୂଳ ଲେଖାଟି ପୋଡି ଦେଇଥିଲା । କନିକା ପ୍ରଜା ଆନ୍ଦୋଳନର ନେତୃତ୍ୱ ଯୋଗୁ ଭୋଗୁଥିବା ଜେଲ୍ ଦଣ୍ଡରୁ ମୁକ୍ତି ପାଇବା ପରେ ୧୯୨୩ ମସିହାରେ କଟକ ମୁକୁର ପ୍ରେସ୍‌ରୁ ସାପ୍ତାହିକ 'ପ୍ରଜାତନ୍ତ୍ର' ପ୍ରକାଶ କରିଥିଲେ ମହତାବ। ୧୯୨୭ ମସିହାରେ ସାପ୍ତାହିକ ଆଡଭେଞ୍ଚର ପତ୍ରିକା ପ୍ରକାଶ କରିଥିଲେ। ୧୯୩୦ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଞ୍ଚୁଡି ଲବଣ ସତ୍ୟାଗ୍ରହରେ ଗିରଫ ହୋଇ ୧୮ ମାସ ଜେଲ ବରଣ କରିଥିଲେ। ୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହୋଇଥିଲା। ପ୍ରଜାମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାରର ପ୍ରତିବାଦରେ ୧୯୩୭ ମସିହାରେ ପଟ୍ଟାଭି ସୀତାରାମେୟାଙ୍କ ସଭାପତିତ୍ୱରେ ପ୍ରଜାମାନଙ୍କର ଏକ ସମ୍ମିଳନୀ କଟକ ଠାରେ ହୋଇଥିଲା। ଗଡଜାତ ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ତଦନ୍ତ ପାଇଁ ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରାଯାଇଥିଲା । ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟି ସତ୍ୟାଗ୍ରହ ପାଇଁ ସ୍ଥିରକଲା। ଆନ୍ଦୋଳନକୁ ଚପାଇଦେବା ପାଇଁ ବ୍ରିଟିଶ ସରକାର ଦେଶର ସବୁ ବଡ ନେତାମାନଙ୍କୁ ଗିରଫ କରାଇ ନେଲେ। ଚାନ୍ଦବିବି କିଲ୍ଲା ବା ଅହମଦ ନଗର ଫୋର୍ଟ ଜେଲରେ ଦେଶର ବଡ ବଡ ନେତାଙ୍କ ସହିତ ମହତାବ ବନ୍ଦୀରେ ରହିଥିଲେ। ସେଠାରେ ସେ 'ଓଡିଶା ଇତିହାସ' ତିନୋଟି କାବ୍ୟ, ତିନୋଟି ଉପନ୍ୟାସ ଓ କେତୋଟି କବିତା ରଚନା କରିଥିଲେ। ଏହାଥିଲା ଓଡିଆ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ। ୧୯୪୬ ମସିହାରେ ହୋଇଥିବା ନିର୍ବାଚନରେ ୫୬ଟି ଆସନରୁ ୩୭ଟିରେ କଂଗ୍ରେସ ପ୍ରାର୍ଥୀମାନେ ବିନା ଲଢ଼େଇରେ ଜିତିଥିଲେ। ଅନ୍ୟ ୧୯ଟି ଆସନରେ ଲଢ଼େଇ ହୋଇଥିଲା। ସେଥିରୁ କଂଗ୍ରେସ ୧୦ଟି ପାଇଥିଲା। ମହତାବଙ୍କ ନେତୃତ୍ୱରେ ଓଡିଶାରେ ଏକ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା। ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ। ୧୯୪୬ ମସିହା ଅପ୍ରେଲ ମାସରୁ ୧୯୫୦ ମସିହା ମେ ମାସ ପର୍ଯ୍ୟନ୍ତ ଓଡିଶାର ପ୍ରଧାନମନ୍ତ୍ରୀ ଥିଲେ। ଓଡିଶାର ଲାଟସାହେବ ସାର୍ ହାଥର୍ଣ୍ଣ ଲୁଇସ୍ ୧୯୪୫ ମସିହା ମାର୍ଚ୍ଚ ୧୫ ତାରିଖରେ ହୀରାକୁଦ ବନ୍ଧର ଶୁଭ ଦେଇଥିଲେ। କିନ୍ତୁ ମହତାବ ବହୁତ ଅସୁବିଧା ସତ୍ତ୍ୱେ ଟଙ୍କା ଯୋଗାଡକରି ହୀରାକୁଦ ବନ୍ଧ ତିଆରି କରିଥିଲେ। ତାଙ୍କର କାର୍ଯ୍ୟକାଳ ଭିତରେ ସେ ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ, ମାଛକୁଣ୍ଡରେ ଡୁଡୁମା ଜଳବିଦ୍ୟୁତ୍ କେନ୍ଦ୍ର, ଓଡିଶା ଅଲମ୍ପିକ୍ ଆସୋସିଏସନ୍ ଗଠନ, ବିଦ୍ୟାଧରପୁରରେ ଧାନ ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ, କଟକରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା, ଓଡିଶା ହାଇକୋର୍ଟ ପ୍ରତିଷ୍ଠା କରିଥିଲେ। ୧୯୪୭ ନଭେମ୍ବର ୧୪ ତାରିଖରେ ନୀଳଗିରି ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ ଏବଂ ଡିସେମ୍ବର ୧୪ ତାରିଖରେ ଗଡଜାତ ମିଶ୍ରଣର ଚୁକ୍ତିପତ୍ର ସର୍ଦ୍ଦାର ପଟେଲଙ୍କ ଉପସ୍ଥିତିରେ କରିଥିଲେ। ୧୯୪୮ ମସିହା ଜାନୁୟାରୀ ପହିଲା ଦିନ ୨୫ଟି ଗଡଜାତ ଓଡିଶାରେ ମିଶିଲା। ଏହାର ବର୍ଷକ ପରେ ମୟୁରଭଞ୍ଜ ରାଜ୍ୟ ଓଡିଶାରେ ମିଶିଲା। ସବୁ କାର୍ଯ୍ୟ ମହତାବଙ୍କ ପରି ବ୍ୟକ୍ତିଙ୍କ ଯୋଗୁ ସମ୍ଭବ ହୋଇଥିଲା। ତାଙ୍କ ଏହି ସବୁ କାର୍ଯ୍ୟରେ ଖୁସିହୋଇ ନେହେରୁ ତାଙ୍କୁ ଅନୁରୋଧ କରିଥିଲେ ସେ ଓଡିଶାର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ କେନ୍ଦ୍ରରେ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀଭାବେ ଯୋଗ ଦେବାକୁ। ବାସ୍ତବରେ ତାହାହିଁ ହୋଇଥିଲା। ୧୯୫୧ ମସିହାରେ ମହତାବ କଂଗ୍ରେସ ପ୍ରାର୍ଥୀ ଭାବରେ କଟକ ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ସେ କେନ୍ଦ୍ରରେ ମନ୍ତ୍ରୀ ନହୋଇ କଂଗ୍ରେସ ସଂସଦୀୟ ଦଳର ସେକ୍ରେଟେରୀ ଜେନେରାଲହୋଇଥିଲେ।

୧୯୫୫ ମାର୍ଚ୍ଚ ୨ରୁ ୧୯୫୬ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ବମ୍ବେର ରାଜ୍ୟପାଳଭାବେ ନିଯୁକ୍ତ ହୋଇଥିଲେ। ୧୯୫୬ ଅକ୍ଟୋବର ୧୯ ରୁ ୧୯୬୧ ଫେବୃୟାରୀ ୨୪ ତାରିଖ ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟରେ ଭୁବନେଶ୍ୱରରେ ରାଜ୍ୟ ସଂଗ୍ରହାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତାଙ୍କ ସମୟରେ ବିଧାନସଭାରେ ଭୂସଂସ୍କାର ବିଲ୍ ଗୃହୀତ ହୋଇଥିଲା। ରାଉରକେଲା ଇସ୍ପାତ୍ କାରଖାନା କାର୍ଯ୍ୟ ସେ ପୂର୍ଣ୍ଣାଙ୍ଗ କରିଥିଲେ। ଅନୁଗୋଳ ଲୋକସଭାରୁ ନିର୍ବାଚିତ ହୋଇ ଦୁଇ ବର୍ଷ ପାଇଁ ସେ କଂଗ୍ରେସ ସଂସଦୀୟ ଦଳର ଉପନେତା ହୋଇଥିଲେ। ୧୯୬୬ରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଓଡିଶାରେ ଜନକଂଗ୍ରେସ ଦଳ ଗଠନ କଲେ। ୧୯୬୭ ମସିହା ବିଧାନସଭା ନିର୍ବାଚନରେ ଜନକଂଗ୍ରେସ ଓ ସ୍ୱତନ୍ତ୍ର ଦଳ ମିଶି ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ। ମହତାବ ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜିତିଥିଲେ। ପରେ ଭୁବନେଶ୍ୱର ବିଧାନସଭା ଆସନରୁ ଇସ୍ତଫାଦେଇ ପତ୍ନୀ ଶ୍ରୀମତୀ ସୁଭଦ୍ରା ମହତାବଙ୍କ ଜିତାଇ ବିଧାନସଭାକୁ ପଠାଇଥିଲେ। ୧୯୭୧ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ଡାକରାରେ କଂଗେସ ଦଳକୁ ଫେରିଆସି ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରି ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜୟଲାଭ କରିଥିଲେ। ପରେ ସେ ଭଦ୍ରକ ଆସନରୁ ଇସ୍ତଫା ଦେଇଥିଲେ। ୧୯୭୪ ମସିହାରେ ଭୁବନେଶ୍ୱର ଆସନରୁ ବିଧାନସଭାରୁ ନିର୍ବାଚିତ ହୋଇଥିଲେ। ୧୯୬୬ ମସିହାରେ ପ୍ରଧାନମନ୍ତ୍ରୀ ଲାଲା ବାହାଦୂର ଶାସ୍ତ୍ରୀଙ୍କ ଅକାଳ ବିୟୋଗ ଘଟିଥିଲା। ଇନ୍ଦିରାଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ମହତାବ। ଏହାର ଏଗାର ବର୍ଷ ପରେ ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଇନ୍ଦିରାଗାନ୍ଧି ଦେଶରେ ଜରୁରୀ ପରିସ୍ଥିତି ଜାରି କରି ମହତାବଙ୍କ ସହିତ ବହୁ ଜାତୀୟ ନେତାଙ୍କୁ ଗିରଫ କରିଥିଲେ। ଏହି ଜରୁରୀ ପରିସ୍ଥିତିରେ ଜେଲ ଜୀବନରେ 'ତୃତୀୟ ପର୍ବ' ନାମରେ ଏକ ଉପନ୍ୟାସ ବହି ଲେଖିଥିଲେ। ହରେକୃଷ୍ଣ ମହତାବ ୧୯୪୭ ଅଗଷ୍ଟ ୮ ରେ କଟକରୁ ଦୈନିକ 'ପ୍ରଜାତନ୍ତ୍ର'ର ପୁନଃ ପ୍ରକାଶ କରିଥିଲେ। ପ୍ରଜାତନ୍ତ୍ରରେ 'ଗାଁ ମଜଲିସ' ଶୀର୍ଷକ ସ୍ତମ୍ଭ ମାଧ୍ୟମରେ ଗ୍ରାମାଞ୍ଚଳର ଅସୁବିଧା ସଂପର୍କରେ ପ୍ରକାଶ କରୁଥିଲେ। ସେ 'ଝଙ୍କାର', 'ମୀନାବଜାର', 'ହୀରାଖଣ୍ଡ' ଓ 'ଇଷ୍ଟର୍ଣ୍ଣ ଟାଇମସ୍' ପ୍ରକାଶ କରିଥିଲେ। ସେ 'ବିଷୁବ ମିଳନ'ର ଶୁଭାରମ୍ଭ କରିଥିଲେ। ଗାଁ ମଜଲିସ୍ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେ ଓଡିଶା ସାହିତ୍ୟ ଏକାଡେମୀ, ସଂଗୀତ ନାଟକ ଏକାଡେମୀ ଓ ଲଳିତ କଳା ଏକାଡେମୀର ମଧ୍ୟ ସଭାପତି ଥିଲେ। ତାଙ୍କ ରଚିତ 'ପୂଣ୍ୟାତ୍ମା ଗୋପବନ୍ଧୁ', 'ଚଷାଭାଇ', 'ପଲାସୀ ଅବସାନ', 'ସ୍ୱରାଜ୍ୟ ସାଧନ', 'ସାଧନା ପଥେ' ଓ 'ପ୍ରତିଭା', 'ଟାଉଟର', 'ଦୁର୍ଭିକ୍ଷ', 'ଗାଁ ମାଟି, 'ଗାଁ ଟାଉଟର', 'ଅବ୍ୟାପାର', ଫ୍ରିଡମ ମୁଭମେଣ୍ଟ ଅଫ୍ ଓଡ଼ିଶା ଓ ହ୍ୱାଇଲ ସର୍ଭିଂ ମାଇଁ କଣ୍ଟ୍ରି' ପ୍ରମୁଖ ବହୁ ଚର୍ଚ୍ଚିତ ପୁସ୍ତକ । ମହତାବ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରାଇବା ଓ ବଳି ପ୍ରଥା ଉଠେଇବାର ଉଦ୍ୟମ ଯୋଗୁ ପ୍ରସଂଶାର ପାତ୍ର। ତାଙ୍କର ପଣ୍ଡିତ ପଣିଆ, ବୃଦ୍ଧ ବିଚାର ଯୋଗୁ ଆନ୍ଧ୍ର, ସୌଗର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ। ୧୯୮୭ ମସିହା ଜାନୁଆରୀ ୨ ତାରିଖରେ ୮୮ ବର୍ଷ ବୟସରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମମୟ ଜୀବନର ଅବସାନ ଘଟିଲା। ସବୁଆଡେ ଦୁଃଖର ଛାୟା "ଉତ୍କଳ କେଶରୀ" ଆଉ ନାହାନ୍ତି। ସେ କେବଳ ସ୍ୱାଧୀନତା ସଂଗ୍ରାମର ସାରଥି ଭାବରେ ନୁହେଁ ଓଡିଶା ନବଯୁଗର ପ୍ରବର୍ତ୍ତକ କି ଓଡିଶାର ଭୀଷ୍ମ ଭାବରେ ନୁହେଁ, ବରଂ ଲୋକ ଶାସନର ସୂତ୍ରଧର ରୂପେ ଅପରାଜୟ ନେତା ଭାବରେ ଯୁଗ ଯୁଗ ଧରି ଜନମାନସରେ ବଞ୍ଚି ରହିବେ।

# ନବଉତ୍କଳର ନିର୍ମାତା : ହରେକୃଷ୍ଣ ମହତାବ



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ସୃଜନଶୀଳତାର ସୁନାର ଫସଲ ଠାରୁ ରାଜନୀତିର କଣ୍ଟକିତ ପଥ, ସ୍ୱାଧୀନତା ସଂଗ୍ରାମର ଲେଲିହାନ ଶିଖାରୁ ସେବାର ବୃହତ୍ତର କ୍ଷେତ୍ର, ଜନଜାଗରଣ ଓ ସାଧନାର ମନ୍ତ୍ରୋଚାରଣରୁ ସାଫଲ୍ୟର ଶୀର୍ଷାରୋହଣ - ସବୁଠି ତାଙ୍କର ପାରିବାପଣିଆ, ଯଶ ଓ ଗାଥାର କାହାଣୀ । ସେ ହେଉଛନ୍ତି ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ । ଉତ୍କଳୀୟ ଜାତୀୟତାର ଆଦ୍ୟ ଜନ୍ମଦାତା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶ, ଆଚାର୍ଯ୍ୟ ହରିହର ଓ କୃପାସିନ୍ଧୁ ମିଶ୍ରଙ୍କ ତ୍ୟାଗପୂତ ଜୀବନ ଏବଂ ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ ଓ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ସାହଚର୍ଯ୍ୟ ତାଙ୍କୁ ବହୁଭାବରେ ପ୍ରଭାବିତ କରିଥିଲା । ସେହି ଆଦର୍ଶକୁ ପାଥେୟକରି ସେ କେବଳ ଆମ ରାଜ୍ୟ ନୁହେଁ ଭରତର ଜଣେ ଆଗଧାଡିର ଜନନାୟକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ହରେକୃଷ୍ଣ ମହତାବ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ଥିଲେ ଏକାଧାରରେ ଜଣେ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ସୁସାହିତ୍ୟିକ, ସୁଶାସକ, ଦକ୍ଷ ସମ୍ପାଦକ, ମହାନ୍ ଦେଶପ୍ରେମୀ, ଐତିହାସିକ ,ସୁସଂଗଠକ ଓ ସର୍ବୋପରି ନବଉତ୍କଳର ନିର୍ମାତା । ଥରେ ଯାହା ସିଏ ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ କରି ଦେଖାଉଥିଲେ । ଏଥିରୁ ତାଙ୍କୁ କେହି ବିଚ୍ୟୁତ କରିପାରୁନଥିଲେ । ତାଙ୍କ ବ୍ୟତିରେକ ଓଡିଶା ରାଜନୀତିର କୌଣସି ସଂଜ୍ଞା, ସ୍ଥିତି ନାହିଁ । ସମସ୍ତ ଉଲ୍ଲେଖଯୋଗ୍ୟ ରାଜନୀତିକ ଉତ୍‌ଥାନ-ପତନରେ ତାଙ୍କର ହାତଥିବା ଅନେକ ବିଶ୍ୱାସ କରୁଥିଲେ । ସତରେ ସେ ଥିଲେ ଏକ ରାଜନୀତିକ ବିସ୍ମୟ, ଯାହାଙ୍କ ଚିନ୍ତାରେ, କଥାରେ, ଲେଖାରେ ଓ କାର୍ଯ୍ୟରେ ଗୋଟିଏ ଜାତିର ଶ୍ୱାସ-ପ୍ରଶ୍ୱାସ ଏମିତି ସ୍ପନ୍ଦିତ ହେଉଥିଲା । ସେ ଖାଲି ଜଣେ ବ୍ୟକ୍ତି ବିଶେଷ ନଥିଲେ, ଥିଲେ ଏକ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ । ଡକ୍ଟର ମହତାବଙ୍କ କର୍ମମୟ, ସଂଗ୍ରାମୀ ଓ ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁ ପ୍ରାୟ ଅର୍ଦ୍ଧସତାବ୍ଦୀ ଧରି ୧୯୨୪ ମସିହାରୁ ୧୯୭୪ ମସିହା ପର୍ଯ୍ୟନ୍ତ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୩୭ ମସିହାରେ ରାଜ୍ୟ କଂଗ୍ରେସର ସଭାପତି ଭାବେ ସଂଗଠନରେ ପାଦ ଥାପିଥିଲେ ସେ । ପରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତି ସଭ୍ୟରୂପେ ତାଙ୍କୁ ମନୋନୀତ କରାଯାଇଥିଲା। ଏହି ସମୟରେ ନିଜର ଅପୂର୍ବ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ୧୯୪୬ରୁ ୧୯୫୦ମସିହା ପର୍ଯ୍ୟନ୍ତ ସେ ଓଡିଶାର ପ୍ରଧାନମନ୍ତ୍ରୀ ପରେ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୬ ମସିହାରେ ଦ୍ୱିତୀୟ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ୧୯୬୧ ମସିହା ପର୍ଯ୍ୟନ୍ତ ସେଥିରେ ଅବସ୍ଥାପିତ ହୋଇଥିଲେ । ସେହିପରି ୧୯୫୦ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ରୂପେ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇଥିଲେ । ୧୯୫୫-୧୯୫୬ ମସିହାରେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଡକ୍ଟର ମହତାବ ହିଁ ଲାଭ କରିଥିଲେ। ୧୯୬୨ ମସିହାରେ ଯେଉଁ ତିନିଜଣ ସଦସ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ତନ୍ମଧ୍ୟରୁ ମହତାବ ଥିଲେ ଜଣେ । ସେହିପରି ୧୯୬୬ ମସିହାରେ କଂଗ୍ରେସ ଦଳ ତ୍ୟାଗ ପରେ ୧୯୬୭,୧୯୭୧ ଓ ୧୯୭୪ ମସିହାରେ ସେ ମଧ୍ୟ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।
ମହତାବଙ୍କ ଶାସନକାଳ ଓଡିଶା ପାଇଁ ଏକ ସୁବର୍ଣ୍ଣଯୁଗ ଥିଲା କହିଲେ ଭୁଲ୍ ହେବ ନାହିଁ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା । ଆଧୁନିକ ଓଡିଶାର ନିର୍ମାତା ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଗଡଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡିଶା ଟେକ୍ସଟାଇଲ୍ ମିଲ୍ ,କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠାରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ବି ଉଚ୍ଚ ପ୍ରଶଂସିତ । ବିଶେଷ କରି ଓଡିଶାକୁ ମହତାବଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି ହୀରାକୁଦ ବନ୍ଧ । ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ଭରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଓଡିଶାରେ ହାଇକୋର୍ଟ ପ୍ରତିଷ୍ଠା ଦିଗରେ ମହତାବ ଆଶୁ ପଦକ୍ଷେପ ନେଲେ । ସୁପ୍ରିମକୋର୍ଟର ସେତେବେଳର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା । ଓଡିଶାରେ ଖେଳ କସରତକୁ ପ୍ରୋତ୍ସାହନ ଦେବାପାଇଁ ମହତାବଙ୍କ ଅବଦାନ ବହୁତ ବେଶୀ । ଓଡିଶା ଅଲମ୍ପିକ ଆସୋସିଏସନ୍ ତାଙ୍କ ଉଦ୍ୟମରେ ଗଠିତ ହୋଇଥିଲା । ସେ ଶେଷ ପର୍ଯ୍ୟନ୍ତ ତାର ସଭାପତି ଥିଲେ । ବାରବାଟୀ ଷ୍ଟାଡିୟମ୍ ନିର୍ମାଣରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।
ରାଜନୀତି ଓ ସାହିତ୍ୟ ସାଧନା ସହିତ ମହତାବ ସାମ୍ବାଦିକତାକୁ ନିଜ ଜୀବନର ଅଙ୍ଗ ବୋଲି ଭାବିନେଇଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ "ପ୍ରଜାତନ୍ତ୍ର" । ୧୯୨୩ ମସିହାରେ ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶ ପାଇବା ପରେ ୧୯୪୬ ମସିହାଠାରୁ ଏହା ଦୈନିକ ପ୍ରକାଶ ପାଇଆସୁଅଛି । ପ୍ରଜାତନ୍ତ୍ରର ବହୁ ବିଭାଗ ଦେଖିବାକୁ ମିଳେ । ଏହାର ଆଉ ଏକ ଆକର୍ଷଣୀୟ ବିଭାଗ ଥିଲା ଗାଁ -ମଜଲିସ୍ । ଏହାକୁ ମହତାବ ନିଜେ ଲେଖୁଥିଲେ। ଏଥିରେ ଦୁଃଖୀ, ଦରିଦ୍ର, ଶୋଷିତ ଜନସାଧାରଣଙ୍କ ପାଇଁ ସମବେଦନାର ଉଚ୍ଛ୍ୱାସ ଦେଖିବାକୁ ମିଳୁଥିଲା । ଏତଦ୍‌ବ୍ୟତିତ ଶିଶୁପତ୍ରିକା ମୀନାବଜାର ଓ ଝଙ୍କାରର ସେ ସ୍ରଷ୍ଟା ଥିଲେ । ପ୍ରଜାତନ୍ତ୍ର ପ୍ରଚାର ସମିତିର ସଭାପତି ଥାଇ ସେ ସାରସ୍ୱତ ବିଷୁବ ମିଳନର ପରିକଳ୍ପନା କରିଥିଲେ । ପ୍ରତିବର୍ଷ ଏହି ଉତ୍ସବରେ କବି, ଲେଖକ ଓ ସାହିତ୍ୟିକମାନେ ସମ୍ବର୍ଦ୍ଧିତ ହେଉଛନ୍ତି । ଏବେ ମଧ୍ୟ ବିଷୁବ ମିଳନ ସମାରୋହରେ ତାଙ୍କ ଶୂନ୍ୟତା ବେଶ୍ ବାରିହୋଇପଡେ । ମହତାବଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ଅନୁରାଗ ଥିଲା । ସେ ଥିଲେ ଜଣେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ । ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲେଖନୀ ଚାଳନାରୁ ସେ ବିରତ ହୋଇନଥିଲେ । ତାଙ୍କର ପ୍ରବନ୍ଧଗୁଡିକ ଯେପରି ଭାବୋଦ୍ଦୀପକ, ତାଙ୍କ ଉପନ୍ୟାସଗୁଡିକ ସେପରି ପ୍ରାଣବନ୍ତ ଥିଲା । ଏଥିସହିତ ଗଳ୍ପ, ଏକାଙ୍କିକା ଓ କାବ୍ୟ କବିତା ଲେଖିବାରେ ସେ ମାହିର ଥିଲେ । ତାଙ୍କର ପ୍ରକାଶିତ ଉପନ୍ୟାସ ଗୁଡିକ ହେଲା ପ୍ରତିଭା, ଅବ୍ୟାପାର, ନୂତନ ଧର୍ମ, ଟାଉଟର, ତୃତୀୟ ପର୍ବ ଓ ୧୯୭୫ । ପ୍ରବନ୍ଧଗୁଡିକ ଭିତରେ ରହିଛି ସମାଜ ଉପରେ ସାହିତ୍ୟର ପ୍ରଭାବ, ହଜାରେ ବର୍ଷରେ ଓଡ଼ିଆ ସାହିତ୍ୟ, ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଅବଦାନ, ଗୀତା ଓ ଜନତା ଓ ସାହିତ୍ୟ ଓ ରାଜନୀତି । ବହୁ ବିଶିଷ୍ଟ ଲୋକଙ୍କ ପରି ସେ ଆତ୍ମଜୀବନୀ ଲେଖିଛନ୍ତି - 'ସାଧନାର ପଥେ' । ଏହା ଉଚ୍ଚକୋଟୀର ଆତ୍ମଜୀବନୀ । ବିଶେଷକରି ତାଙ୍କ ରଚିତ 'ଓଡିଶା ଇତିହାସ' ଏକ ଅନନ୍ୟ ସୃଷ୍ଟି ଯାହା ଭବିଷ୍ୟତ ଗବେଷକମାନଙ୍କୁ ଯୁଗଯୁଗ ଧରି ପ୍ରେରଣା ଦେଇଆସୁଥିବ । ଐତିହାସିକ ମଜୁମ୍‌ଦାରଙ୍କ ଭାଷାରେ ଓଡିଆ ଭାଷାରେ ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଯେଉଁ କେତୋଟି ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇଛି, ତନ୍ମଧ୍ୟରୁ 'ଓଡିଶା ଇତିହାସ' ଶ୍ରେଷ୍ଠ ଗ୍ରନ୍ଥ । ଏଥିପାଇଁ ୧୯୫୦ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୫୮ ମସିହାରେ ସାଗର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧିରେ ଭୂଷିତ କରିଥିଲେ । ଡକ୍ଟର ମହତାବଙ୍କ ଜନ୍ମ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ, ମୃତ୍ୟୁ ୧୯୮୭ ମସିହା ଜାନୁୟାରୀ ୨ ତାରିଖରେ । ହରେକୃଷ୍ଣ ମହତାବ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜନମାନସରେ ସେ ଚିରଦିନ ସ୍ମରଣୀୟ ହୋଇରହିବେ । ଯଥାର୍ଥରେ ସେ ଥିଲେ ଉତ୍କଳ କେଶରୀ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଜୀବନ ଟା ଗୋଟେ ଜଟିଳ ଗଣିତ

ହରିଷ୍ଚନ୍ଦ୍ର ବେହେରା

ଜୀବନଟା ଗୋଟେ ଜଟିଳ ଗଣିତ
ଛାଇ ଆଲୁଅର ଖେଳ
କଷ୍ଟୁ କଷ୍ଟୁ ସବୁ ସରିଯାଏ ଦିନ
ଆସିଯାଏ ଯିବା ବେଳ ।

ଜୀବନ ତ ଗୋଟେ ସାପ ସିଡ଼ି ଖେଳ
ଦୂର ମରୀଚିକା ମାୟା
ଚହଲା ପାଣିରେ ଚନ୍ଦ୍ରିକା ସୁନ୍ଦରୀ
ସତ ମିଛ ତା 'ର ଛାୟା
ଭରା ବସନ୍ତ ରେ ଓ଼ଲ୍ଲେହି ଆସିଛି
ଧୁ ଧୁ ଖରାବେଳ ।

ଫଟା କପାଳ କୁ ବିଧି ହେଲେ ବାମ
କାହା କୁ ଦୋଷିବି ଆଉ
ଦର ଗଢ଼ା ହୋଇ ରହିଗଲି ଆହା
ଯିବି ବେଳ ଥାଉ ଥାଉ
ବର୍ଷିବ ବର୍ଷିବ ଚାଲିଗଲା ମେଘ
ସରିଗଲା ବର୍ଷା କାଳ ।

ନୀଳ ଲଫାପାରେ କିଏସେ ଦେଇଛି
ମନ କଥା ଲେଖି ଚିଠି
ରକ୍ତ ଚନ୍ଦନ ରେ ମହ ମହ ବାସେ
ଆଧାଖୋଲା ତା 'ର ପିଠି
ଲମ୍ପଟ ନାଗର ଆସ ମୋର ପାଶେ
ଉଛର ହେଉଛି ବେଳ ।



କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

## ଜୀବନର ପଥେ

ସୁନନ୍ଦା ମହାନ୍ତି

ବେଳେ ବେଳେ ଜୀବନଟା
ଭାରି ଅସ୍ତବ୍ୟସ୍ତ
ଅନୁକମ୍ପା ପୁଣି ଭୀତତସ୍ତ
ଜୀବନକୁ ନିରିଖେଇ ପ୍ରସ୍ତ ପ୍ରସ୍ତ
ସବୁ ପାଇ ଯିଏ କହେ କିଛି ନାହିଁ
ତାର ମୋହ ନାହିଁ ଲୁହ ଶୁଖିଯାଇ
ସେ ପାଚିଲା ପତ୍ର
ହିସାବ କରୁଛି ପାଇଲି କେତେ ଦେଲି କେତେ
ବରପତ୍ର ନା ଓସ୍ତପତ୍ର
ଚାହେଁ ହେବାକୁ ନିଲମ୍ବିତ
କୁଆଡେ ଯିବୁ ଶୁଖା ଖଡ଼ଖଡ଼ ଭାଗ୍ୟବନ୍ତ
ଜୀବନ ସମୁଦ୍ର ଢେଉ ନେଇଯାଇ
ପୁଣି ଦେବ ଥୋଇ
ହେବାକୁ ଆହତ ଅବା ପରିବ୍ୟାପ୍ତ
ଖାଦ୍ୟ ବସ୍ତ୍ର ବାସ ପାଇଁ ଚିନ୍ତା ନଥିଲେ
ଅସମାପ୍ତ ଜୀବନ ମନ୍ତ୍ର ଓ ସ୍ତୋତ୍ର
ସେପାଇଁ ଚିନ୍ତା ଥିଲେ ପ୍ରାରବ୍ଧ କହି ଅନୁତପ୍ତ
ଏଣୁ ମାଇଲେ ଜୀବହତ୍ୟା ତେଣୁ ମାଇଲେ

ଜୀବନଟା ସନ୍ତପ୍ତ ଅନେଶତ
ମୁଠାଏ ଶରଧାବାଲି ତୋଳି
ଗାଇଯିବାକୁ ହେବ ଜୀବନ ପାଞ୍ଚସୂତ୍ର
ଦୟା କ୍ଷମା, ସେବା, ପରୋପକାର ସତ୍ୟ
ଆଣିଦେବ ଶାନ୍ତି ହେବାକୁ ପବିତ୍ର
ସବୁ ଜାଣି ବାଟବଣା ହେଉଛି ମନୁଷ୍ୟ
ପଞ୍ଚଭୂତ ଓ ପାଞ୍ଚ ସୂତ୍ର ଭିତରେ
ପାଇଯିବାକୁ ପଞ୍ଚମହାଭୂତ
ରକ୍ଷାକର ଜଗନ୍ନାଥ
ସବୁ ତୁମରି ଖେଳା ବୁଡାଅନା କାହା ଭେଳା
ଜୀବନ ହେଉଥାଉ ଆତଯାତ
ଯାହା ଯେମିତି ସାରସ୍ୱତ
ମେଘ ତୁମେ ଚାନ୍ଦର ଚନ୍ଦ୍ରିକା ନା ଚାନ୍ଦକଳା
ତୁମେ ରାଗ ଲୁଣ ମିଠା ନା ପିତା
ତୁମେ ରାଣୀ ଘରମଣୀ ଆକାଶ ଛାଡି
ଧରାରେ ରହି କିଛି ହପ୍ତା
କହିଦିଅ ପଥ ପାଥେୟ ପନ୍ଥାର ରାସ୍ତା ।

ସାକ୍ଷୀଗୋପାଳ
ପୁରୀ
ମୋ-୯୦୪୦୯୭୭୩୨୭

## ଶୀତକନ୍ୟା

ଡ. ଦୀପକ କୁମାର ମିଶ୍ର

ଧୂମାଳ ଆକାଶୁ ଦୂର ଦିଗବଳୟୁ ଧାଇଁଆସେ ଶୀତକନ୍ୟା
ଭେଦିଯାଏ ଆସି ହୃଦୟ କନ୍ଦରେ ନୂପୁରିତ ବୀଣା ବନ୍ୟା
ଜାଡ଼ର ଯାଦୁରେ ମତୁଆଲା ହୁଏ ଲାଜବତୀ ରସ ସନ୍ଧ୍ୟା
ଆଙ୍କିଦେବ କିଏ ନିଶିଥ ପୀୟୂଷେ ପ୍ରୀତିଲଗ୍ନା ମଧୁଛନ୍ଦା ।

ହିମ କାକରରେ ଦିଶୁଚି ସକାଳୁ କହିବ କି କାହା ମୁହଁ
ସେ ମୁହଁର ରଙ୍ଗ ସଜଳ ଗୋଲାପ ପାଖୁଡ଼ାକୁ ଥରେ ଛୁଅଁ
କୋଟି ଚପଳାଙ୍କ ଚାରୁ ଚାହାଁଣିରେ ଚର୍ଚ୍ଚିତ ହୋଇବ ମନ
ବାସ୍ନାୟିତ ହେବ ରହସ୍ୟ ସମୟ ରାହାସ ରଚିବ ତନ ।

ବରଫର ନଈ ବହେ କୋଷିକାରେ ଧମନୀରେ ଧାଏଁ ରତୁ
ଉଷୁମ ଆଦରେ ଅଷ୍ଟମ ତାଳରେ ଜଳେ ନିଆଁ ହୁତୁହୁତୁ
ବନ୍ଧ୍ୟା ବୁକୁରେ ରନ୍ଧ୍ର ରାଗିଣୀ ଗୁମାନରେ ଖୋଳେ ଗର୍ତ୍ତ
ପ୍ରିୟା ଯେବେଥାଏ ଦୂରେ ବହୁ ଦୂରେ ଅମିଳନେ ମନ ବ୍ୟର୍ଥ ।

ଶୀତକନ୍ୟା ତୁମ ଆଗମନ ପାଇଁ ସଜେଇଛି ବାତାୟନ
ଶୟନବେଦୀରେ ଶୀତ ଶୃଙ୍ଗାରରେ ବାଜିଉଠୁ ଘମାସାନ ।



ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

## ପ୍ରେମ

ନାରାୟଣ ପ୍ରସାଦ ରାଉଳ

ଆଛା କୁହତ ! ପ୍ରେମର କଣ
ଥାଏ କି ଗୋଟେ ବୟସ
ରୂପ ରଂଗ ଅବା ଆସକ୍ତି
ନା ଦବା ପାଇବାର
ମୋହ ମାୟା ଅଥଚ
ସିଏ ବୁଝିଥାଏ ମଣିଷକୁ
ଜାଣିଥାଏ ମଣିଷ ପଣିଆକୁ
ଚିହ୍ନିଥାଏ ମଣିଷ ଭିତର ମଣିଷକୁ ।

ପରିସ୍ଥିତିର ଦାସ ନୁହଁ
କି ମାୟା ମୋହରେ ଛନ୍ଦି
ହୋଇ ନ ଥାଏ ସେ
ବରଂ ହାତ ଧରି ଉଠେଇ
ଥାଏ ତଳୁ ଉପରକୁ
ଶିଖେଇ ଥାଏ ସମୟ
ଆଉ ଜୀବନର ମୂଲ୍ୟବୋଧ ।

ହାରିବାର ଦୁଃଖ କିମ୍ବା
ଉଠିବାର ଅହଂକାରରେ
ରୂପ ବଦଳି ନ ଥାଏ ତାର
ବରଂ ଧୈର୍ଯ୍ୟ ଅଖଣ୍ଡ ବିଶ୍ୱାସ
ରଖିଥାଏ ତା ଛାତିରେ,
ହୀରା ପରି ଝଟକୁ ଥାଏ
କାଳ କାଳ ଚିରକାଳ ।

ଏମିତିରେ ଅମଳିନ
ଅପ୍ରତିଦ୍ୱନ୍ଦ୍ୱୀ ସିଏ
ବାନ୍ଧିଥାଏ କୀଟରୁ ବ୍ରହ୍ମାଣ୍ଡ
ଜାଣି ନ ଥାଏ ଜାତି ଧର୍ମ
ବର୍ଣ୍ଣ ରଂଗ ଲିଙ୍ଗ
କୋଳେଇ ନେଇଥାଏ
ସାରା ଜଗତ ନିସର୍ଗରେ ।

ସୁଖ ଦୁଃଖର ସାଥି ସିଏ
ଅମୂଲ୍ୟ ଅତୁଲ୍ୟ ନିର୍ବିକାର
ଆଲିଙ୍ଗନେ ମିଳିଥାଏ ଯାର
ଶାନ୍ତି ଓ ଆନନ୍ଦ
ଜୀବନ ସର୍ବସ୍ୱ
ଅନନ୍ତ ନିର୍ବିକଳ୍ପ
ସତ୍ୟ ଶିବ ସୁନ୍ଦର
ପରମାତ୍ମା ପରମେଶ୍ୱର ।

ଦେବ ମାନବ ସମ୍ବଳ
ସୃଷ୍ଟି ବନ୍ଧନର ଡୋର
ଯା ବିହୁନେ ସଂସାର
ଅସାର ବିଷମୟ,
ପ୍ରାପ୍ତିରେ ତ୍ରିପୁର ଆନନ୍ଦମୟ
ସିଏ ଆଦି ଅରୂପ ଅବ୍ୟକ୍ତ
ନିର୍ଲିପ୍ତ ବ୍ରହ୍ମମୟ ।

ସିଏ ଅନନ୍ତ ଶକ୍ତିର ସ୍ୱରୂପ
ଅସରନ୍ତି ଶାନ୍ତିର ନିର୍ଝର
ଅବର୍ଣ୍ଣନୀୟ ଅକଳ୍ପନୀୟ
ବାଙ୍ମୟ ଚିରନ୍ତନ
ଉପସ୍ଥିତିରେ ଯାହାର ଗଢାହୁଏ
ସଂସାର ଅମୃତମୟ ପ୍ରଶାନ୍ତି ମନ୍ଦିର ।

କଷଣଅଣ୍ଟା
ପଟ୍ଟାମୁଣ୍ଡାଇ, କେନ୍ଦ୍ରପଡା, ଓଡିଶା ।

## ମୋ ପ୍ରିୟା

ପ୍ରଶାନ୍ତ ବ୍ରହ୍ମା

ଝରକା ସେପାଖେ ଅନେଇ ବସିଛି
ଆସିବକି ସତେ ପ୍ରିୟା
ଦିନ ଯାଇ ରାତି ହେଲାଣି ଯେ ଆସି
ତଥାପି ମନରେ ମାୟା ।

ବାହାରୁ ଶୁଭିଲା ଟୁପୁରୁ ଟାପୁରୁ
ସତେ ଆସୁଛି କି ସିଏ
ଧାଇଁ ଯାଇ ଦେଖେ ସେ ନୁହେଁ ପରା
ଆଉ ଜଣେ ପରା କିଏ ।

ଚେଇଁ ରହିଥାଏ ରାତିସାରା ମୁଁ ଯେ
ପ୍ରିୟାର ବାଟକୁ ଚାହିଁ
ତଥାପି ବିଶ୍ୱାସ ମନରେ ଜାଗଇ
ସତେ ଫେରିବକି ସେହି ।

ଚାହିଁ ଚାହିଁ କେତେ ବିତିଲା ବରଷ
ତଥାପି ମନରେ ଆଶା
ସତେ ଫେରିବକି ଆଜି ପ୍ରିୟାମୋର
ଗଢିବି ପ୍ରେମର ବସା ।



ପଳାଶପୁର, ଖୋର୍ଦ୍ଧା ।

## ନାଲି ରଙ୍ଗ

ରଜନୀ ନାୟକ

ଲୁହର ରଙ୍ଗ ଯଦି ନାଲି ହୋଇଥାନ୍ତା
ବୋଉର ସଫେଦ୍ ପଣତକାନିଟା ନାଲି ଦିଶୁଥାନ୍ତା
ଝାଳର ରଙ୍ଗ ଯଦି ନାଲି ହୋଇଥାନ୍ତା
ଚାଷୀ ହାତର ମୁଠାଏ ଫସଲ ନାଲି ହୋଇଥାନ୍ତା

ବର୍ଷାର ରଙ୍ଗ ଯଦି ନାଲି ହୋଇଥାନ୍ତା
ଓଳି ତଳର ପାଣି ଫୋଟକାସବୁ ନାଲି ହୋଇଥାନ୍ତେ
ସ୍ୱପ୍ନର ରଙ୍ଗ ଯଦି ନାଲି ହୋଇଥାନ୍ତା
ଡିବିରି ଆଲୁଅରେ ପାଠ ପଢୁଥିବା ପିଲାଟି
ଅଫିସର ହେବା ବେଳକୁ ନାଲି ଲାଗୁଥାନ୍ତା

ଆଶାର ରଙ୍ଗ ଯଦି ନାଲି ହୋଇଥାନ୍ତା
ବୃଦ୍ଧ ଅବସ୍ଥାରେ ବାଡ଼ି ଧରି ଚାଲୁଥିବା ଲୋକଟି
ନାଲି ହୋଇ ଯାଇଥାନ୍ତା
ହସର ରଙ୍ଗ ଯଦି ନାଲି ହୋଇଥାନ୍ତା
ସଦ୍ୟଜାତ କଅଁଳ ଶିଶୁଟି କାନ୍ଦି ନ' ଥାନ୍ତା

ପ୍ରେମର ରଙ୍ଗ ଯଦି ନାଲି ହୋଇଥାନ୍ତା
ଫୁଲ ଭରା ତମାମ୍ ଫଗୁଣ ନାଲି ଦିଶୁଥାନ୍ତା
ମିଥ୍ୟାର ରଙ୍ଗ ଯଦି ନାଲି ହୋଇଥାନ୍ତା
ସାତ ପରସ୍ତ ମାଟି ତଳୁ ସତ ଫୁଟି ବାହାରୁ ନ'ଥାନ୍ତା



ଭୁବନେଶ୍ୱର

## ଶୀତ ମୋ ପ୍ରଣୟ ଗୀତ


ସୁଦର୍ଶନ ମହାପାତ୍ର

ଶୀତ ପରା ଏବେ ଅଗଣାକୁ ମୋର ଆସିଅଛି ପାଦଗଣି
ଭଲ ପାଇବାର ପ୍ରତିଶ୍ରୁତି ଦେଇ ଲାଜର ଓଢ଼ଣା ଟାଣି,
ଏଇ ଶୀତ ମୋର ମନ ବଗିଚାରେ ବିବିଧ ଫୁଲର ହାଟ
ଜୀବନ ପଥରେ ସେ ଆସି ପଢଇ ସ୍ମୃତିର ପୁରୁଣା ପାଠ ।।

ଶୀତ ଲକ୍ଷ୍ମୀପାଦ ଝୋଟିଚିତା ପୁଣି ଶୀତ ମୋ ସୁବର୍ଣ୍ଣ କ୍ଷେତ
ଅନୁରାଗ ଭରା ମିଳନ ପର୍ବରେ ସେ ପରା ମୋ ମନ ମିତ,
ସୋରିଷ କ୍ଷେତରେ ଘୁରେ ଯେବେ ଶୀତ ପିନ୍ଧି ହଳଦିଆ ପାଟ
ନଈ କୂଳରେ ମୁଁ ଚାଲିଲେ ଦି'ଖୋଜ ହୁଏ ତାର ସାଥେ ଭେଟ ।।

ଶୀତ ଖୋଜେ ପୁଣି ଗହନ ରାତିରେ ନିବିଡ ସାନ୍ନିଧ୍ୟ ସୁଖ
ଉଷ୍ଣ ଆଘ୍ରାଣେ ପୁଲକି ଉଠଇ ସତେ ତା'ର ତନୁ ତୀର୍ଥ,
ସେ ନଥିଲେ କି ସତେ ଅନୁଭବେ ଥାନ୍ତା ନିବିଡିତ ଶିହରଣ
ଶୀତ ଅଛି ବୋଲି କବିତାରେ ମୋର ଶବ୍ଦପର୍ବ ଉତ୍ତରଣ ।।

ଶୀତ ପରା ମୋର ଅତି ଅନ୍ତରଙ୍ଗ ଆବେଗର ପଟ୍ଟଚିତ୍ର
ସ୍ୱର ଲୟ ତାଳ ଛନ୍ଦରେ ବନ୍ଧା ଶୀତ ମୋ ପ୍ରଣୟ ଗୀତ ।।



କୁଞ୍ଜବିହାରୀ ଲେନ,
କଟକ

## ଏଇ ସହରରେ

ରତ୍ନକାନ୍ତି ମିଶ୍ର

ସୁଖ ଭେଟିବାକୁ ଦେଖିଥିଲା ସ୍ୱପ୍ନ ମୋ ପରିକା ଅକିଞ୍ଚନ
ବାସ୍ତବରେ କିନ୍ତୁ ଖୁସିଠୁ ମୁଁ ଦୂରେ ନିତି ସହେ ଉତ୍ପୀଡନ,
କାହା ନାଲି ଆଖି ତଳେ ଛଟପଟ ଜୀବନ ଜୀବିକା ମୋର
ଅଶ୍ରାବ୍ୟ ଭାଷାର ଫୁତ୍କାରରେ ମୁହିଁ ଭୟେ ହୁଏ ଥରହର ।।

ଧୁଆଁ ଆଉ ଧୂଳି ହେଉଥାଏ ଗୋଳି ପେଟ ଚାଖଣ୍ଡକ ପାଇଁ
ଆହା ବୋଲି ପଦେ ଏଇ ସହରରେ କହିବାକୁ କେହି ନାହିଁ,
ମନ ବେଦନା ମୋ ବୁଝେ ନାହିଁ କେହି ପାଏନା ସ୍ନେହ ଆଦର
ବଞ୍ଚିବା ପାଇଁକି ଜୀବନ ସଂଗ୍ରାମ ଭାଗ୍ୟେ ଲେଖା ନିରନ୍ତର ।।

ଭାବନାରେ ଭିଜି ହଜିଲା ଅତୀତ ଏବେ ଆଉ ଖୋଜୁ ନାହିଁ
ଏଇ ସହରରେ ଲୁହ ଲହୁ ଢାଳେ ଇଛା ମୋର ମଲା ନଈ,
ଛାଡିଛି ମୁଁ ଘର ଛାଡ଼ି ଆସିଅଛି ସ୍ନେହମୟୀ ମାଆ କୋଳ
ସତେ କି ଭାଗ୍ୟରେ ଅନ୍ଧକାର କଟି ଉଇଁବ ନୂଆ ସକାଳ ।।

ଦାୟବଦ୍ଧତାରେ ଛାଡି ଭିଟାମାଟି ଭବିଷ୍ୟ ଭେଟିବା ପାଇଁ
ମୋ ପରିକା ବହୁ ଆସନ୍ତି ସହରେ ସ୍ୱୀୟ ଅଭିଳାଷା ନେଇ ।।



ଆଳି,
କେନ୍ଦ୍ରାପଡା

## ଖଣ୍ଡିତ ବ୍ୟକ୍ତିତ୍ୱ

ବନଜା ବିଶ୍ୱାଳ

ଖଣ୍ଡିତ ଅଶୁଭ ବୋଲି କହି ମଣିଷ,
ବିସର୍ଜିତ କରିଦିଏ ପୂଜୁଥିବା ଦିଅଁ।
ସମୟ ସ୍ରୋତରେ ସବୁକିଛି ଲିଭିଯାଏ,
ରୂପାନ୍ତରଣର ପ୍ରକ୍ରିୟା ଚାଲିଥାଏ।
କେହି ବି ବାଦ୍ ପଡନ୍ତି ନାହିଁ ଏଠି,
ସେ ବସ୍ତୁ ହେଉ ବା ଜୀବଜଗତ।

ଶାରୀରିକ/ମାନସିକ ଯାତନାର କ୍ଷତ,
ପ୍ରତିକ୍ଷଣ ବ୍ୟକ୍ତିତ୍ୱକୁ କରି ଚାଲେ ଖଣ୍ଡିତ।
ଶୁଭ ଅଶୁଭର ପ୍ରଶ୍ନ ଉଠେ ନାହିଁ କେବେ,
ଖଣ୍ଡିଆ ଜାଗାକୁ ଢାଙ୍କି ରଖା ହୁଏ ଯେବେ।
ନିଜକୁ ଖଣ୍ଡିତ, ଲୁଣ୍ଠିତ, କୁଣ୍ଠିତ ଜାଣି ବି,
ସେଇ ଅଜଣା ଅଭିନୟ କରିଚାଲେ ମଣିଷ।



ଭାଣପୁର, ଗୋପାଳପୁର
କଟକ-୭୫୩୦୧୧
ମୋ-୮୧୪୪୫୫୭୪୬୧

## ଦକ୍ଷିଣ ଆଫ୍ରିକା-ଭାରତ ଦିନିକିଆ ସିରିଜ୍

# ଆହତ କାରଣରୁ ଖେଳିବେନି ବୁମ୍ରା, ପାଣ୍ଡ୍ୟା



**ଦୁବାଇ**

ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଦୁଇ ଷ୍ଟାର ଖେଳାଳି ଯଶପ୍ରୀତ ବୁମ୍ରା ଓ ହାର୍ଦ୍ଦିକ ପାଣ୍ଡ୍ୟା ଖେଳିବା ନେଇ ଆଶଙ୍କା ରହିଛି। ପାଣ୍ଡ୍ୟା ଗତ ଏସିଆ କପ୍‌ରେ ଆହତ ହୋଇଥିଲେ। ସେ ବର୍ତ୍ତମାନ ଫିଟ୍ ହୋଇ ବରୋଦା ପକ୍ଷରୁ ସୟଦ ମୁସ୍ତାକ ଅଲି ଟି-ଟ୍ୱେଣ୍ଟି ଖେଳିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ତରବରିଆ ଭାବେ କାର୍ଯ୍ୟଭାର ବୃଦ୍ଧି କରିବାକୁ ଚାହୁଁ ନଥିବାରୁ ପାଣ୍ଡ୍ୟା ଦିନିକିଆ ସିରିଜ୍‌ରୁ ଓହରି କେବଳ ଟି-ଟ୍ୱେଣ୍ଟି ସିରିଜ୍ ଖେଳିବେ ବୋଲି ଆଶା କରାଯାଉଛି। ଆସନ୍ତା ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ ଖେଳାଯିବ। ସେ ପର୍ଯ୍ୟନ୍ତ ପାଣ୍ଡ୍ୟା କେବଳ ଟି-ଟ୍ୱେଣ୍ଟି କ୍ରିକେଟ୍ ମଧ୍ୟରେ ନିଜକୁ ସୀମିତ ରଖିବେ।

ସେହିପରି ଟେଷ୍ଟ ସିରିଜ ଖେଳୁଥିବା ବୁମ୍ରାଙ୍କୁ ଦିନିକିଆ ସିରିଜରୁ ବିଶ୍ରାମ ଦିଆଯିବ। ବିସିସିଆଇ ପକ୍ଷରୁ ତାଙ୍କ କାର୍ଯ୍ୟଭାରକୁ ନିୟନ୍ତ୍ରଣ କରାଯାଉଛି। ନଭେମ୍ବର ୩୦ ତାରିଖରେ ଦିନିକିଆ ସିରିଜ୍ ଆରମ୍ଭ ହୋଇ ଡିସେମ୍ବର ୬ ତାରିଖରେ ଶେଷ ହେବ। ଏହାପରେ ଡିସେମ୍ବର ୯ରୁ ୧୯ ତାରିଖ ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ ଖେଳାଯିବ। ଉଭୟ ପାଣ୍ଡ୍ୟା ଓ ବୁମ୍ରା ଏହି ସିରିଜ ଖେଳିବେ।

# ପାକିସ୍ତାନ କ୍ରିକେଟ୍ ବୋର୍ଡରୁ ବାହାରିଲେ ଅଜହର ଅଲୀ

**ନୂଆଦିଲ୍ଲୀ**

ପାକିସ୍ତାନର ପୂର୍ବତନ ଟେଷ୍ଟ ଅଧିନାୟକ ଅଜହର ଅଲୀ ଜାତୀୟ ଚୟନ ସମିତିରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରୀୟ କ୍ରିକେଟ୍ ଏକାଡେମୀର ଯୁବ ବିକାଶ ବିଭାଗର ପ୍ରମୁଖ ପଦ ମଧ୍ୟ ଛାଡ଼ିଲେ। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ସେ ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଇସ୍ତଫା ପ୍ରଦାନ କରିଛନ୍ତି। ଏହା ପୂର୍ବର ପୂର୍ବତନ ଟେଷ୍ଟ ଅଧିନାୟକ ସରଫରାଜ ଅହମ୍ମଦଙ୍କୁ ପାକିସ୍ତାନ ଶାହିନ୍ସ ଓ ଅଣ୍ଡର ୧୯ ଟିମ୍‌ର ପୂରା ଦାୟିତ୍ୱ ପ୍ରଦାନ କରାଯାଇଥିଲା।



ସୂତ୍ରରୁ ପ୍ରକାଶ, ଅଜହର ବୋର୍ଡକୁ ଏହି ସପ୍ତାହରେ ଇସ୍ତଫା ପ୍ରଦାନ କରିଛନ୍ତି, ଯାହାକୁ ସ୍ୱୀକାର କରି ନିଆଯାଇଛି। ପାକିସ୍ତାନ ପାଇଁ ୯୭ଟି ଟେଷ୍ଟ ଖେଳି ସାରି ଥିବା ଅଜହର ଗତ ବର୍ଷର ଚୟନକର୍ତ୍ତା ସାଜିଥିଲେ, କିନ୍ତୁ ପାକିସ୍ତାନ କ୍ରିକେଟ୍ ବୋର୍ଡର କାର୍ଯ୍ୟ ପ୍ରଣାଳୀରେ ଖୁବ୍ ନିରାଶ ଥିଲେ। ଅଜହର ଅଲୀଙ୍କ ବିଶ୍ୱାସ ଥିଲା ଯେ, ସରଫରାଜ ଅହମ୍ମଦଙ୍କୁ ମିଳିଥିବା ନୂଆ ଭୂମିକା, ତାଙ୍କର ଯୁବ ବିକାଶ ବିଭାଗର ପ୍ରମୁଖଙ୍କ ସ୍ତରରେ ଦିଆଯାଇ ଥିବା ଦାୟିତ୍ୱରେ ବହୁତ ଅଧିକ ମେଳ ରହୁଥିଲା। ଯେଉଁଥିରେ ତାଙ୍କର ପଦ ଅପ୍ରାସଙ୍ଗିକ ହୋଇଥିଲା ଏହାସହ ଏହି କଥା ମଧ୍ୟ ଏକାଡେମୀରେ ଯୁବ କ୍ରିକେଟରଙ୍କୁ ପ୍ରସ୍ତୁତ କରିବାକୁ ତାଙ୍କର କିଛି ପ୍ରୋପୋଜାଲକୁ ଆଗକୁ ବୃଦ୍ଧି କରାଯାଇ ନାହିଁ।

ଅଜହର ଅଲୀଙ୍କୁ ଅକ୍ଟୋବର ୨୦୨୪ରେ ଜାତୀୟ ଚୟନ ସମିତିର ସଦସ୍ୟ କରାଯାଇଥିଲା ଏବଂ ଏହାର ଗୋଟିଏ ମାସ ପରେ ତାଙ୍କୁ ଯୁବ ବିକାଶ ମୁଖ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ଦିଆଯାଇ ଥିଲା। ତାଙ୍କର ଏହି ଇସ୍ତଫା ପାକିସ୍ତାନ କ୍ରିକେଟ୍‌ରେ ଚାଲୁଥିବା ଆଭ୍ୟନ୍ତରୀଣ କନ୍ଦଳକୁ ଦର୍ଶାଉଛି, ଯେଉଁଠି ନିକଟବର୍ତ୍ତୀ ବର୍ଷ ଗୁଡ଼ିକରେ ଅନେକ ପୂର୍ବତନ ଖେଳାଳି ଓ କୋଚ୍ ନିଜର ଅନୁବନ୍ଧିତ ପୂରା ନକରି ବୋର୍ଡ଼କୁ ଛାଡ଼ି ଦେଇଥିଲେ।

ସୂତ୍ରନୁସାରେ, ଅଜହର ସେତେବେଳେ ନିରାଶ ହୋଇଥିଲେ, ଯେବେ ବୋର୍ଡ ହଠାତ୍ ତାଙ୍କ ସହ କଥାବାର୍ତ୍ତା ନହୋଇ ଶାହିନ ଓ ଅଣ୍ଡର-୧୯ କ୍ରିକେଟ୍‌ର ସବୁ ମାମଲାରେ ସରଫରାଜଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇ ଥିଲେ। ସେ ଆହୁରି କହିଛନ୍ତି, ଅଜହରଙ୍କୁ ମନେହେଲା ଯେ, ଏବେ ଯେତେବେଳେ ସରଫରାଜଙ୍କୁ ଶାହିନ ଓ ଅଣ୍ଡର-୧୯ଟିମ୍ ଚଳାଇବା ପାଇଁ କୁହାଯାଇଛି, ଯୁଥ୍ ଡେଭଲପମେଣ୍ଟର ମୁଖ୍ୟ ଭାବେ ତାଙ୍କର ସର୍ବାଧିକ ତାଙ୍କର ଇଚ୍ଛା ବିନା ଛଡ଼େଇ ନିଆଯାଇଛି, ଏଥିପାଇଁ ସେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲେ।

## ସୟଦ ମୁସ୍ତାକ୍ ଅଲୀ ଟ୍ରଫି

# ୫ ବର୍ଷ ପରେ ବିପ୍ଳବଙ୍କୁ ନେତୃତ୍ୱ ଭାର, ୧୭ ବର୍ଷୀୟ ରାଜ୍‌ଙ୍କ ସହ ୬ ନୂଆମୁହଁ



**କଟକ**

ଲକ୍ଷ୍ନୌରେ ଚଳିତ ମାସ ୨୬ ତାରିଖରୁ ଖେଳାଯିବାକୁ ଥିବା ଜାତୀୟ ଟ୍ୱେଣ୍ଟି-୨୦ ପ୍ରତିଯୋଗିତା 'ସୟଦ ମୁସ୍ତାକ୍ ଅଲୀ ଟ୍ରଫି' ଲାଗି ବୁଧବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଏହି ୨୦ ଜଣିଆ ଦଳରେ ବିପ୍ଳବ ସାମନ୍ତରାୟଙ୍କୁ ନେତୃତ୍ୱ ମିଳିଛି। ସେ ୫ବର୍ଷ ପରେ ଏହି ସର୍ଟେଷ୍ଟ୍ ଫର୍ମାଟ୍‌ର ଅଧିନାୟକ ପଦକୁ ଫେରିଛନ୍ତି। ଏହି ଦଳରେ ୬ ଜଣ ନୂଆମୁହଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଚଳିତ ବର୍ଷ ପ୍ରଥମ ଶ୍ରେଣୀ ପଦାର୍ପଣକାରୀ ଅନୀଲ ପରିଡ଼ା, ବାଦଲ ବିଶ୍ୱାଳ ଓ ସୌରଭ ଗୌଡ଼ଙ୍କ ସହ ୧୭ ବର୍ଷୀୟ ରାଜ ଯାଦବ, ଦ୍ରୁତ ବୋଲର ଭଗୀଶ ଶର୍ମା ଓ ସୌମ୍ୟରଞ୍ଜନ ଲେଙ୍କା। ଓଡ଼ିଶା ଉଦ୍‌ଘାଟନୀ ଦିବସରେ କେରଳ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୮ରେ ଆନ୍ଧ୍ରପ୍ରଦେଶ, ୩୦ରେ ବିଦର୍ଭ, ଡିସେମ୍ବର ୨ରେ ଛତିଶଗଡ଼, ୪ରେ ରେଳବାଇ, ୬ରେ ଆସାମ ଓ ୮ରେ ମୁମ୍ବାଇ ବିପକ୍ଷରେ ଖେଳି ଲିଗ୍ ପର୍ଯ୍ୟାୟ ଶେଷ କରିବ। ଏହି ପ୍ରତିଯୋଗିତାରେ ଭଲ କରିବାକୁ ଲକ୍ଷ୍ୟ ରଖିଥିବା ବିପ୍ଳବ ଆଶା ରଖିଛନ୍ତି। ସେହିଭଳି ଆଇପିଏଲ୍‌ରେ କୌଣସି ବୟସ ସୀମା ନଥିବାରୁ ନିଜ ପ୍ରଦର୍ଶନ ବଳରେ ସେ ପୁଣି ଥରେ ବିଶ୍ୱର ଏହି ଧନୀ ଲିଗ୍ ଖେଳିବାକୁ ଲକ୍ଷ୍ୟ ରଖିଥିବା କିଟ୍ ଷ୍ଟାଡିୟମ୍‌ରେ ନାଗାଲାଣ୍ଡକୁ ଓଡ଼ିଶା ହରାଇବା ପରେ କହିଛନ୍ତି।

ଓଡ଼ିଶା ଦଳ : ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ଆଶୀର୍ବାଦ ସ୍ୱାଇଁ (ୱିକେଟ୍‌ରକ୍ଷକ), ବିପ୍ଳବ ସାମନ୍ତରାୟ (ଅଧିନାୟକ), ପ୍ରୟାସ କୁମାର ସିଂହ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଶୁଭ୍ରାଂଶୁ ସେନାପତି, ଶୁଭମ ଶତ୍ରୁଜିତ, ସନ୍ଦୀପ ପଟ୍ଟନାୟକ, ପପୁ ରାୟ, ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି, ଅନିଲ ପରିଡ଼ା, ବାଦଲ ବିଶ୍ୱାଳ, ସୌରଭ ଗୌଡ଼ (ୱିକେଟ୍‌ରକ୍ଷକ), ରାଜ୍ ଯାଦବ, ଭଗୀଶ ଶର୍ମା ଓ ସୌମ୍ୟରଞ୍ଜନ ଲେଙ୍କା।

# ଆଇପିଏଲରୁ ୫ ଖେଳାଳିଙ୍କ କ୍ୟାରିୟର ଏକ ପ୍ରକାର ଶେଷ !

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ ୨୦୨୬)ର ୧୯ତମ ସଂସ୍କରଣ ପାଇଁ ନିଲାମ ଡିସେମ୍ବର ୧୬ରେ ଆବୁଧାବିରେ ଅନୁଷ୍ଠିତ ହେବ। ସମସ୍ତ ଦଳ ସେମାନଙ୍କର ରିଟେନସନ ତାଲିକା ପ୍ରକାଶ କରିଛନ୍ତି ଏବଂ ଫ୍ରାଞ୍ଚାଇଜ ବାକି ସ୍ଥାନ ପୂରଣ କରିବା ପାଇଁ ଖେଳାଳିଙ୍କ ଉପରେ ବିଡ୍ କରିବେ। ସମସ୍ତ ଦଳ କିଛି ଖେଳାଳିଙ୍କୁ ମୁକ୍ତ କରିଛନ୍ତି ଯେଉଁମାନେ ଆଗାମୀ ନିଲାମରେ ଯଥେଷ୍ଟ ପରିମାଣର ଟଙ୍କା ପାଇପାରିବେ। ତଥାପି ପାଞ୍ଚ ଜଣ ଖେଳାଳି ଅଛନ୍ତି ଯାହାଙ୍କ ଆଇପିଏଲ କ୍ୟାରିୟର ଶେଷ ହୋଇପାରେ। କୌଣସି ଦଳ ସେମାନଙ୍କ ଉପରେ ବିଡ୍ କରିବା ସମ୍ଭାବନା କମ୍।

ଫାଫ ଡୁ ପ୍ଲେସିସ୍ : ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକ ଫାଫ ଡୁ ପ୍ଲେସିସ୍ ୪୦ ବର୍ଷରୁ ଅଧିକ ବୟସ୍କ ହେବା ସତ୍ତ୍ୱେ ଆଇପିଏଲ ଖେଳିଥିବା କିଛି ଖେଳାଳିଙ୍କ ମଧ୍ୟରୁ ଜଣେ। ବର୍ତ୍ତମାନ ୪୧ ବର୍ଷ ବୟସ୍କ, ସେ ଗତ ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିଥିଲେ। ଫାଫ ଆରସିବିର ଅଧିନାୟକତ୍ୱ ମଧ୍ୟ କରିଛନ୍ତି।

ଡୁ ପ୍ଲେସିସ୍ ୨୦୧୨ରେ ଚେନ୍ନାଇ ସୁପର କିଙ୍ଗସ ପାଇଁ ଖେଳି ତାଙ୍କ ଆଇପିଏଲ କ୍ୟାରିଅର ଆରମ୍ଭ କରିଥିଲେ। ସେ ୨୦୨୧ ପର୍ଯ୍ୟନ୍ତ ସିଏସକେ ସହିତ ରହିଥିଲେ, ଏବଂ ୨୦୧୬ ଏବଂ ୨୦୧୭ରେ ରାଇଜିଂ ପୁଣେ ସୁପରଜିଆଣ୍ଟସ ପାଇଁ ମଧ୍ୟ ଖେଳିଥିଲେ। ଏବେ ତାଙ୍କ କ୍ୟାରିୟରର ଶେଷ ସମୟ, ତାଙ୍କୁ ଆଇପିଏଲ ୨୦୨୬ ନିଲାମ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଦ୍ୱାରା ମୁକ୍ତ କରାଯାଇଥିଲା। ତାଙ୍କ ବୟସକୁ ଦୃଷ୍ଟିରେ ରଖି, କୌଣସି ଦଳ ତାଙ୍କ ପାଇଁ ବିଡ୍ ଲଗାଇବା ସମ୍ଭାବନା କମ୍। ଫାଫ ଚାରିଟି ଦଳ ପାଇଁ ମୋଟ ୧୫୪ଟି ମ୍ୟାଚ୍ ଖେଳିଥିଲେ, ୧୩୫.୭୮ ଷ୍ଟ୍ରାଇକ ରେଟ୍‌ରେ ୪୭୭୩ ରନ କରିଥିଲେ। ସେ ଆଇପିଏଲରେ ୩୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।



ମନୀଷ ପାଣ୍ଡେ : ମନୀଷ ପାଣ୍ଡେଙ୍କୁ କୋଲକାତା ନାଇଟ ରାଇଡର୍ସ ଦ୍ୱାରା ମୁକ୍ତ କରାଯାଇଛି। ସେ ୨୦୨୪ରେ ଦଳରେ ଯୋଗ ଦେଇଥିଲେ ଏବଂ ଆଇପିଏଲର ପ୍ରଥମ ସଂସ୍କରଣରୁ ଖେଳୁଛନ୍ତି। ସେ ଏପର୍ଯ୍ୟନ୍ତ ସାତଟି ଦଳ ପାଇଁ ଖେଳିଛନ୍ତି, କିନ୍ତୁ ଗତ ଦୁଇଟି ସିଜିନରେ ତାଙ୍କ ପ୍ରଦର୍ଶନକୁ ଦେଖିଲେ, କୌଣସି ଦଳ ତାଙ୍କ ପାଇଁ ବିଡ୍ କରିବ ବୋଲି ସମ୍ଭାବନା କମ୍ ମନେହୁଏ।

ମନୀଷ ପାଣ୍ଡେ ଆଇପିଏଲ ୨୦୨୫ରେ କେବଳ ତିନୋଟି ମ୍ୟାଚ୍ ଖେଳି ୯୨ ରନ କରିଥିଲେ। ସେ ୨୦୨୪ ମସିହାରେ କେବଳ ଗୋଟିଏ ମ୍ୟାଚ୍ ଖେଳି ୪୨ ରନ କରିଥିଲେ। ମନୀଷ ଆଇପିଏଲରେ ୧୭୪ଟି ମ୍ୟାଚ ଖେଳି ୨୨ଟି ଅର୍ଦ୍ଧଶତକ ଏବଂ ଗୋଟିଏ ଶତକ ସହିତ ୩୯୪୨ ରନ କରିଛନ୍ତି।

କର୍ଣ୍ଣ ଶର୍ମା : ମୁମ୍ବାଇ ଇଣ୍ଡିଆନ୍ସ ୧୭ ଜଣ ଖେଳାଳିଙ୍କୁ ବଜାୟ ରଖିଛନ୍ତି ଏବଂ ବାଣିଜ୍ୟ ମାଧ୍ୟମରେ ତିନୋଟି ଖେଳାଳିଙ୍କୁ ଅକ୍ତିଆର କରିଛନ୍ତି। ଏମଆଇ କର୍ଣ୍ଣ ଶର୍ମା ସମେତ ଆଠ ଜଣ ଖେଳାଳିଙ୍କୁ ମୁକ୍ତ କରିଛନ୍ତି। କର୍ଣ୍ଣ ପୂର୍ବ ସଂସ୍କରଣରେ କେବଳ ଛଅଟି ମ୍ୟାଚ୍ ଖେଳି କ୍ୱାଲିଫାୟର ୨ରେ ପହଞ୍ଚିଥିଲେ। ଏମଆଇ ଏବେ ତାଙ୍କୁ ମୁକ୍ତ କରିଛି, କିନ୍ତୁ ନିଲାମରେ ତାଙ୍କୁ ଅନ୍ୟ ଦଳ ମିଳିବ ନାହିଁ ବୋଲି ମନେହୁଏ।

କର୍ଣ୍ଣ ଶର୍ମା ୩୮ ବର୍ଷ ବୟସ୍କ ଏବଂ ୨୦୦୯ ମସିହାରୁ ଆଇପିଏଲରେ ଖେଳୁଛନ୍ତି। ଆରସିବି ପାଇଁ ଡେବ୍ୟୁ କରିଥିବା କର୍ଣ୍ଣ ଏପର୍ଯ୍ୟନ୍ତ ଚାରୋଟି ଦଳ ପାଇଁ ଖେଳିଛନ୍ତି, ୮୩ଟି ୱିକେଟ ନେଇଛନ୍ତି।

ମୋହିତ ଶର୍ମା : ବୋଲର ମୋହିତ ଶର୍ମା ମଧ୍ୟ ଆଇପିଏଲ ୨୦୨୬ ନିଲାମରେ ରହିବେ, କିନ୍ତୁ କୌଣସି ଦଳ ତାଙ୍କ ପାଇଁ ବିଡ୍ ଲଗାଇବ ନାହିଁ ବୋଲି କୁହାଯାଉଛି। ମୋହିତଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ମୁକ୍ତ କରିଥିଲା। ୨୦୧୩ ମସିହାରୁ ଆଇପିଏଲରେ ଖେଳୁଥିବା ଶର୍ମା ଚାରୋଟି ଦଳ (ସିଏସକେ, ପିବିକେଏସ, ଜିଟି ଏବଂ ଡିସି) ପାଇଁ ମୋଟ ୧୨୦ଟି ମ୍ୟାଚ ଖେଳି ୧୩୪ଟି ୱିକେଟ ନେଇଛନ୍ତି। ଗତ ସଂସ୍କରଣରେ, ମୋହିତ ଦିଲ୍ଲୀ ପାଇଁ ଆଠଟି ମ୍ୟାଚ୍ ଖେଳିଥିଲେ, ୧୦.୨୮ ଇକୋନୋମି ରେଟ୍‌ରେ ମାତ୍ର ଦୁଇଟି ୱିକେଟ ନେଇଥିଲେ। ତେଣୁ ଆଇପିଏଲ ୨୦୨୬ ନିଲାମରେ ତାଙ୍କୁ ନୂତନ ଦଳ ମିଳିବା ସମ୍ଭାବନା କମ୍।

ମୋଇନ ଅଲି : ଇଂଲଣ୍ଡ କ୍ରିକେଟର ମୋଇନ ଅଲି ଗତ ବର୍ଷ କୋଲକାତା ନାଇଟ ରାଇଡର୍ସ ସହିତ ଥିଲେ ଏବଂ ତାଙ୍କୁ କେକେଆର ତାଙ୍କ ମୂଳ ମୂଲ୍ୟ ୨କୋଟିରେ କିଣିଥିଲା। ତଥାପି ସେ ଭଲ ପ୍ରଦର୍ଶନ କରି ନ ଥିଲେ, କେବଳ ଛଅଟି ମ୍ୟାଚ୍ ଖେଳିଥିଲେ। ସେ ଦୁଇଟି ଇନିଂସରେ ମାତ୍ର ପାଞ୍ଚ ରନ କରିଥିଲେ। ସେ ପାଞ୍ଚଟି ମ୍ୟାଚ୍‌ରେ ବୋଲିଂ ମଧ୍ୟ କରିଥିଲେ, ଛଅଟି ୱିକେଟ ନେଇଥିଲେ।

ମୋଇନ ୨୦୧୮ ମସିହାରୁ ଆଇପିଏଲରେ ଖେଳୁଛନ୍ତି ଏବଂ ତିନୋଟି ଦଳ (ଆରସିବି, ସିଏସକେ ଏବଂ କେକେଆର) ପାଇଁ ଖେଳିଛନ୍ତି। ସେ ଆଇପିଏଲରେ ୭୩ଟି ମ୍ୟାଚ୍ ଖେଳି ୧୧୬୭ ରନ କରିଛନ୍ତି। ସେ ଛଅଟି ଅର୍ଦ୍ଧଶତକ ମଧ୍ୟ ମାରିଛନ୍ତି।

# ଚାନ୍ଦବାଲି ମାଟିର ଝିଅ ପୂଜାରାଣୀ ଦାସ ଓଡ଼ିଶା ମହିଳା କ୍ରିକେଟ ଦଳକୁ ମନୋନୀତ

**ଧାମରା, ନ୍ୟୁଜ୍‌ବ୍ୟୁରୋ**

ଚାନ୍ଦବାଲି ମାଟିର ଝିଅ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ ପୂଜାରାଣୀ ଦାସ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଦ୍ୱାରା ପରିଚାଳିତ ୟୁ-୨୩ ଦଳରେ ସ୍ଥାନ ପାଇଛନ୍ତି। ଚାନ୍ଦବାଲି ବାଲିଗାଁ ଗାଁର କିଶୋର ଦାସଙ୍କ ସୁକନ୍ୟା ପୂଜା ୨୦୧୭ ମସିହାରୁ କ୍ରିକେଟ ଖେଳ ପ୍ରତି ରୁଚି ରଖି ଖେଳ ଆରମ୍ଭ କରିଥିଲେ। କଠିନ ପରିଶ୍ରମ ଓ ସଠିକ୍ କୋଚ୍ ପାଇ ସେ ବ୍ଲକ ଏବଂ ଜିଲ୍ଲା ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପିତା କିଶୋର ଓ କୋଚ୍ ସିରଜୁଦ୍ଦିନଙ୍କ ପ୍ରେରଣା ପାଇ ସେ ଓଡ଼ିଶା ରାଜ୍ୟ କ୍ରିକେଟ ୟୁ-୧୭ ଓ ୟୁ-୧୯ରେ ମଧ୍ୟ ଖେଳିବା ପାଇଁ ସୁଯୋଗ ପାଇଥିଲେ। ତାଙ୍କର ଉନ୍ନତମାନର କ୍ରିକେଟ୍ ପ୍ରଦର୍ଶନ ପାଇଁ ତାଙ୍କୁ ଓଡ଼ିଶା ସିନିୟର୍ ମହିଳା କ୍ରିକେଟ ଦଳରେ ସ୍ଥାନ ମିଳିଛି। ଫଳରେ ଚାନ୍ଦବାଲି ତଥା ଭଦ୍ରକ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କର ଏହି ସଫଳତା ହାସଲ ପାଇଁ ବିଶିଷ୍ଟ କ୍ରୀଡ଼ା ସଂଗଠକ ଅମୂଲ୍ୟ କୁମାର ରାଉତ, ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ,କ୍ରୀଡାବିତ୍ ବିକ୍ରମ କେଶରୀ ଦାଶ ଏବଂ ଚାନ୍ଦବାଲି କ୍ରିକେଟ ଆସୋସିଏସନ୍ ଓ ଚାନ୍ଦବାଲି ଆଥଲେଟିକ୍ ଆସୋସିଏସନ୍ ତରଫରୁ ପୂଜାରାଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ବିଶ୍ୱର ଛୋଟ ଦେଶ କୁରାକାଓକୁ ମିଳିଲା ଫିଫା ବିଶ୍ୱକପ୍ ଟିକେଟ୍

**ଲଣ୍ଡନ**

ଆଗାମୀ ୨୦୨୬ ଫିଫା ବିଶ୍ୱକପ୍‌କୁ ବିଶ୍ୱର ସବୁଠୁ ଛୋଟ ଦେଶ ଭାବେ କୁରାକାଓ ଯୋଗ୍ୟତା ଅର୍ଜନ କରିଛି। ଦୀର୍ଘ ୫୨ ବର୍ଷ ପରେ ହାଇତି ପୁନର୍ବାର ବିଶ୍ୱକପ ଖେଳିବାକୁ ଯାଉଥିବାବେଳେ ଉଜବେକିସ୍ତାନ, ଜୋର୍ଡାନ ଓ କେପ ଭର୍ଡି ଅନ୍ୟ ନବାଗତ ଭାବେ ଆଗାମୀ ବିଶ୍ୱକପ୍ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ୧୯୭୪ ପରେ ହାଇତି ବିଶ୍ୱକପ ଖେଳିବାକୁ ଯାଉଥିବା ବେଳେ ଅଷ୍ଟ୍ରିୟା, ନରୱେ ଓ ସ୍କଟଲାଣ୍ଡ ୧୯୯୮ ବିଶ୍ୱକପ୍ ପରେ ପୁନର୍ବାର ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା ଓ କତାର ପ୍ରଥମ କରି ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଉଭୟ ଦେଶ ଆୟୋଜକ ଭାବେ ବିଶ୍ୱକପ୍ ଖେଳିଥିଲେ।



ଆମେରିକା, କାନାଡ଼ା ଓ ମେକ୍ସିକୋ ମିଳିତ ଭାବେ ବିଶ୍ୱକପ୍ ଆୟୋଜନ କରିବେ। ପ୍ରଥମ ଥର ବିଶ୍ୱକପ୍‌ର ଦଳ ସଂଖ୍ୟା ୪୨ରୁ ୪୮କୁ ବୃଦ୍ଧି କରାଯାଇଛି। ପୂର୍ବରୁ ଉତ୍ତର, କେନ୍ଦ୍ର ଆମେରିକା ଓ କାରବୀୟ ଦେଶରୁ ବିଶ୍ୱକପ ଯୋଗ୍ୟତା ପାଇଁ ମାତ୍ର ୩ଟି ସ୍ଥାନ ରହିଥିଲା। ଏଥିରୁ ମେକ୍ସିକୋ ଓ ୟୁଏସଏ ୨ଟି ସ୍ଥାନ କବ୍‌ଜା କରୁଥିଲେ। ବାକି ଗୋଟିଏ ସ୍ଥାନ ପାଇଁ ବହୁ ସଂଘର୍ଷ କରିବାକୁ ପଡୁଥିଲା। ଏଥର ଦଳ ସଂଖ୍ୟା ବୃଦ୍ଧି ସାଙ୍ଗକୁ କାନାଡ଼ା, ୟୁଏସଏ ଓ ମେକ୍ସିକୋ ଆୟୋଜକ ଦଳ ଭାବେ ଯୋଗ୍ୟତା ଅର୍ଜନ କରିଥିଲେ। ଫଳରେ ବାକି ଦେଶ ପାଇଁ ବିଶ୍ୱକପ୍ ଟିକେଟ୍ ହାସଲ କରିବା ସହଜ ହୋଇଥିଲା।

୨୦୧୦ ଭୂମିକମ୍ପରେ ଧ୍ୱଂସ ହୋଇ ଯାଇଥିବା ହାଇତି ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବା ପଛରେ ୟୁରୋପର ହାତ ରହିଛି। ଫୁଟବଲ୍ ଦଳର ସମସ୍ତ ଖେଳାଳି ୟୁରୋପରେ ରହୁଛନ୍ତି। ଏପରିକି ଅନେକ ଖେଳାଳି ନିଜ ଦେଶ ଦେଖିନାହାନ୍ତି। ଦଳର କୋଚ୍ ସେବାଷ୍ଟିଆନ ମିଗ୍ନେ ମଧ୍ୟ କେବେ ନିଜ ଦେଶକୁ ଯାଇନାହାନ୍ତି। ହାଇତି ଯୋଗ୍ୟତା ପର୍ଯ୍ୟାୟର ସମସ୍ତ ମ୍ୟାଚ୍ କୁରାକାଓରେ ଖେଳିଥିଲା। କୁରାକାଓର ଆୟତନ ମୁମ୍ବାଇ ସହରର ୩ଭାଗରୁ ଭାଗେ ହେବ। ଏହାର ଜନ ସଂଖ୍ୟା ୧୫୬୦୦୦। ୨୦୧୦ରେ ନେଦରଲାଣ୍ଡ୍‌ସ ଠାରୁ କୁରାକାଓ ସ୍ୱାଧୀନ ହୋଇଥିଲା। ଯୋଗ୍ୟତା ରାଉଣ୍ଡ୍‌ର ଏହି ଦେଶ ଗୋଟିଏ ହେଲେ ମ୍ୟାଚ୍ ହାରି ନଥିଲା।

ବିଶ୍ୱକପ୍ ଦଳ ସଂଖ୍ୟା ବୃଦ୍ଧି ଫଳରେ ଲାଭବାନ ହୋଇଥିବା ଅନ୍ୟ ମହାଦେଶ ହେଉଛି ଏସିଆ। ଏସିଆରୁ ୪ଦଳ ଯୋଗ୍ୟତା ଅର୍ଜନ କରିବାର ଫର୍ମାଟ୍ ରହିଥିଲା। ଏଥର ଏହି ସଂଖ୍ୟା ୮କୁ ବୃଦ୍ଧି କରାଯାଇଛି। ଯାହା ଫଳରେ ଉଜ୍‌ବେକିସ୍ତାନ ଓ ଜୋର୍ଡାନ ପ୍ରଥମ କରି ଯୋଗ୍ୟତା ଅର୍ଜନ କରିବାର ସୁଯୋଗ ପାଇଛନ୍ତି।

# ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗାନ୍ଧୀ ବାଳାଶ୍ରମ ଚାମ୍ପିଅନ୍

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରାଜ୍ୟ ଶିଶୁ ସୁରକ୍ଷା ସମିତି ଦ୍ୱାରା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉତ୍ସାହ-୨୦୨୫ ରେ ଭଦ୍ରକ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରୁଥିବା ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଫୁଟ୍‌ବଲ୍ ଟିମ୍ ଫାଇନାଲକୁ ଉତୀର୍ଣ୍ଣ ହୋଇ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ସମ୍ବଲପୁର ଜିଲ୍ଲା ଫୁଟ୍‌ବଲ୍ ଟିମ୍‌କୁ ୨-୦ ଗୋଲ୍‌ରେ ପରାସ୍ତ କରି ଚାମ୍ପିଅନ୍ ହେବା ସହ ୪୦୦ ମିଟର ରିଲେ ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଭଦ୍ରକ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ଉତ୍ସବରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୋଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଅତିରିକ୍ତ ନିର୍ଦ୍ଦେଶିକା ମୋନାଲିସା ଦେବତା, ୟୁନିସେଫ୍ ଓଡ଼ିଶା ମୁଖ୍ୟ ୱିଲିୟମ୍ ହାନଲନ୍, ୟୁକୋ ବ୍ୟାଙ୍କର ଚିଫ୍ ଜେନେରାଲ ମ୍ୟାନେଜର ଗୌତମ ପାତ୍ରଙ୍କ ଠାରୁ ବାଳାଶ୍ରମଟିମ୍ ଚାମ୍ପିଅନ୍ ଟ୍ରଫି ଗ୍ରହଣ କରିଛନ୍ତି। ଏହି ବିଜୟ ପରେ ଭଦ୍ରକ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷଙ୍କ ସମେତ ସମସ୍ତ ସଭ୍ୟ, ସଭ୍ୟା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ୟୁନିଟ୍‌ର ସମସ୍ତ ପଦାଧିକାରୀ, ବାଳାଶ୍ରମର ସମ୍ପାଦକଙ୍କ ସମେତ ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଟିମ୍‌କୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁବ୍ରତ ଦାସ, ମହେଶ ଦାଶ, ଧୀରଜ ବାରିକ, ଦମୟନ୍ତୀ ଦାଶ ଓ ବାଳାଶ୍ରମର ଗୃହପିତା ଚନ୍ଦନ ସାହୁ ପରିଚାଳନା କରୁଥିଲେ।



ଯାଜପୁର : ଟାଟା ଷ୍ଟିଲ କଳିଙ୍ଗନଗର ଲୋକାର୍ପଣର ୧୦ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଣ୍ଟ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର, ରେଡକ୍ରସ ସୋସାଇଟି, ଯାଜପୁର ରୋଡ଼, ରେଡକ୍ରସ ସୋସାଇଟି, କଟକର ମିଳିତ ସହଯୋଗ ରେ ଆୟୋଜିତ ରକ୍ତଦାନ ଶିବିରରୁ ୨୮୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।





ଭୁବନେଶ୍ୱର : ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ଡ. ପ୍ରଦୀପ କୁମାର ଦେହୁରୀଙ୍କୁ ବକ୍ସି ଜଗବନ୍ଧୁ ସମ୍ମାନ-୨୦୨୫ରେ ସମ୍ମାନିତ କରୁଛନ୍ତି ମୁଖ୍ୟଅତିଥି ପ୍ରକାଶ ଶ୍ରୀଚନ୍ଦନ। ନିକଟରେ ଅଛନ୍ତି ପୂର୍ବତନ ବିଧାୟକ ଦିଲ୍ଲୀ ଶ୍ରୀଚନ୍ଦନ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

**NOTIFIED AREA COUNCIL, DIGAPAHANDI**
GANJAM, ODISHA, PIN-761012
☎ : 06814-295053
E-mail : dgp_nac@yahoo.com
Letter No:2853. /DIGNAC Date : 18.11.2025
C-1517

**QUOTATION CALL NOTICE**

The Executive Officer, NAC Digapahandi, Ganjam invites sealed quotation in prescribed form from the reputed agencies / firms / dealers / Individuals for "Upgradation and development of openspaces under Digapahandi NAC for the FY 2025-26".

| SL NO | NAME AND NATURE OF WORK | COST OF TENDER PAPER | EMD COST |
|---|---|---|---|
| 1 | Upgradation and development of open spaces under Digapahandi NAC for the FY 2025-26. | Rs 10,000/- (by Cash at Counter) | 1% of the Rate Quoted (Through BD/ DD in favour of Executive Officer, NAC Digapahandi) |

The quotationers are essentially required to furnish self-attested copies of the PAN Card, GST Registration Certificate, and IT Returns, along with copies of previous work experience or work completion certificates, etc., as per the terms and conditions of the Tender Schedule.

**Important Dates**

1. Start date for sale of quotation paper : 19/11/2025,10:00 AM onwards (during office hours, except Govt. Holidays)
2. Last date for sale of quotation paper : 10/12/2025 up to 05:30 PM (except Govt. Holidays)
3. Last date for receipt of quotation paper : 11/12/2025 up to 05:30 PM (Through Speed Post / Drop Box)
4. Date of opening of sealed quotations : 13/12/2025 at 11:00 AM by the Chairperson, Tender Committee / Undersigned in NAC, Digapahandi

Sd/- Executive Officer
NAC, Digapahandi, Ganjam

# ଦଶମ ରାଜ୍ୟ ସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ଚାଲିଥିବା ୧୦ମ ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଦ୍ୱିତୀୟ ଦିବସରେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୪ଟି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଙ୍ଘ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଏବଂ ସକ୍ଷମ ଓଡ଼ିଶା ପୂର୍ବଙ୍କ ସହଯୋଗରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଯାଜପୁରକୁ ୩ ୱିକେଟରେ ପରାସ୍ତ କରି ବାଲେଶ୍ୱର ଟିମ୍ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଅନୁଗୁଳକୁ ୨ ରାନରେ ପରାସ୍ତ କରି କନ୍ଧମାଳ ବିଜୟୀ ହୋଇଛି। ସେହିଭଳି ତୃତୀୟ ମ୍ୟାଚରେ ଭଦ୍ରକକୁ ୭ ୱିକେଟରେ ପରାସ୍ତ କରି ବରଗଡ଼ ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚ୍‌ରେ କଟକକୁ ବିନା ୱିକେଟରେ ପରାସ୍ତ କରି ବାଲେଶ୍ୱର ୱାରିୟର ଟିମ ବିଜୟୀ ହୋଇଛି। ଏହି ମ୍ୟାଚ୍‌ଗୁଡିକୁ ଅଶିତ କୁମାର ପଟେଲ, ରାନଜିତ ମହାରଣା, ରିୟାସତ ଅଲ୍ଲି ଓ ପ୍ରମୋଦ ନାୟକ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ୟାସନଗର କେନ୍ଦ୍ରିୟ ବିଦ୍ୟାଳୟର ଶିକ୍ଷକ ସବ୍ୟସାଚୀ ଦେବାଶିଷ ପଟେଲ ଓ ବିରଞ୍ଚି ନାରାୟଣ ସାହୁ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳର କ୍ୟାପଟେନମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟରେ କୋରାପୁଟ, ସମ୍ବଲପୁର, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, କଟକ.କେନ୍ଦ୍ରାପଡା, ଢେଙ୍କାନାଳ, ଜଗତସିଂପୁର, ଯାଜପୁର ଆଦି ବିଭିନ୍ନ ଜିଲ୍ଲାରୁ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିବା କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରୁ ଏଠାରୁ ରାଜ୍ୟ ସ୍ତରୀୟ ଟିମ୍ ପାଇଁ ଖେଳାଳି ଚୟନ କରାଯିବ। ଚୟନ ହୋଇଥିବା ଖେଳାଳିମାନେ ଆସନ୍ତା ୧ ତାରିଖରେ ରାଜସ୍ଥାନର ଜବଲପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ନାଗେଶ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବାକୁ ସ୍ଥିର କରାଯାଇଛି । ଆସନ୍ତା ୨୩ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ସଙ୍ଘର ସଭାପତି ମହମ୍ମଦ ଜାଫର ଏକବାଲ ସୂଚନା ଦେଇଛନ୍ତି।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଆଇଆରବି ଓ କୁମାରବସ୍ତ ବିଜୟୀ





**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଆଇଆରବି ଦଳ କୁମାରବସ୍ତକୁ ୧୭ ରନ୍‌ରେ ପରାସ୍ତ କରିଛି। ଆଇଆରବି ଦଳ ପ୍ରଥମେ ବ୍ୟାଟିଂ କରି ସୁଶିଲ ପ୍ରଧାନଙ୍କ ୮୬ରନ ସହାୟତାରେ ୧୫ ଓଭରରେ ୧୭୨ ରନ ସଂଗ୍ରହ କରିଥିଲେ। ଜବାବରେ କୁମାରବସ୍ତ ଦଳ ଦେବାଶିଷ ବଳିଆରସିଂହଙ୍କ ୬୪ ରନ ସହାୟତାରେ ୧୫ ଓଭରରେ ୧୫୫ ରନ୍ କରି ପରାଜିତ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ସୁଶିଲ ପ୍ରଧାନଙ୍କୁ ୱାଣ୍ଡେରର ଲା ଡେପୁଟି ମ୍ୟାନେଜର ରାକେଶ ରାୟ ଓ ଗେଷ୍ଟ ରେଲେସନ ମ୍ୟାନେଜର ୱାନଡ୍ରେଲା ସ୍ମୃତି ରଞ୍ଜନ ମହାପାତ୍ର ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ କୁମାରବସ୍ତ ଦଳ କଳାପଥର ଦଳକୁ ୩୦ ରନରେ ପରାଜିତ କରିଥିଲେ। ପ୍ରଥମେ ବ୍ୟାଟିଂ କରି କୁମାରବସ୍ତ ଦଳ ନିର୍ଦ୍ଧାରିତ ୧୫ ଓଭରରୁ ୭ ୱିକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବି.ବି ରାଉତରାୟ ୨୮ରନ କରିଥିଲେ। ଜବାବରେ କଳାପଥର ଦଳ ନିର୍ଦ୍ଧାରିତ ଓଭରରେ ୯ ୱିକେଟ ହରାଇ ୧୧୮ ରନରେ ସୀମିତ ରହିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ କୁମାରବସ୍ତ ଦଳର ବି.ବି ରାଉତରାୟଙ୍କୁ ସଞ୍ଜୟ ପାଇକରାୟ, ନରେଶ ସାହୁ, ଦୁର୍ଯ୍ୟୋଧନ ବରାଳ, କେଶବ ଗଜେନ୍ଦ୍ର ପୁରସ୍କୃତ କରିଥିଲ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ, ଶ୍ରଦ୍ଧାକର ପାତ୍ର ଓ ସୁବ୍ରତ ରାଉତରାୟ। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ପ୍ରଥମ ମ୍ୟାଚ୍ ପଳାଶପୁର ବନାମ ଅରିଶଲ୍ ଏବଂ ଦ୍ୱିତୀୟ ମ୍ୟାଚ ଗଙ୍ଗପଡ଼ା ବନାମ ବାଙ୍କୀ ଆଥଲେଟିକ ଆସୋସିସନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡ଼ା ସୁଚନା ଦେଇଛନ୍ତି।





## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଦେବ ଦୀପାବଳି ଅନୁଷ୍ଠିତ

# ପିତୃପୁରୁଷଙ୍କୁ ଦୀପଦାନ କଲେ ମହାପ୍ରଭୁ

**ବାରିପଦା, ନ୍ୟୁଜ ବ୍ୟୁରୋ**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳ ଦେବ ଜୀଉଙ୍କ ମନ୍ଦିରରେ ଦେବ ଦୀପାବଳି ଅନୁଷ୍ଠିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ସେବାୟତ ମାନଙ୍କ ଦ୍ୱାରା ଉକ୍ତ ନୀତିକ୍ରାନ୍ତି ଅନୁଷ୍ଠିତ ହୋଇଛି। ୩ଦିନ ଧରି ଏହା ଆୟୋଜନ ହେଉଥିବା ବେଳେ ଗୁରୁବାର ଦ୍ୱିତୀୟ ଦିନରେ ନୀତିକ୍ରାନ୍ତି ଅନୁଷ୍ଠିତ ହୋଇଛି। ମହାପ୍ରଭୁ ତାଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ୩ଦିନ ଧରି ଶ୍ରାଦ୍ଧ କାର୍ଯ୍ୟ କରି ଦୀପଦାନ କରିଥାନ୍ତି। ଏହି ଅବସରରେ ମନ୍ଦିର ପରିସରରେ ଶ୍ରାଦ୍ଧ ନୀତି ମଧ୍ୟ ଅନୁଷ୍ଠିତ ହୋଇଛି। ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ପ୍ରତିପଦା ତିନିଦିନ ଧରି ଏହି ନୀତି ବିଧି ଅନୁସାରେ ପାଳନ ହୋଇଥାଏ। ସନ୍ଧ୍ୟାଧୂପ ନୀତି ସରିବା ପରେ ଗମ୍ଭୀରା ପରିସରରେ ରତ୍ନ ସିଂହାସନ ଆଗରେ ଅରୁଆ ଚାଉଳ ଚୁନାରେ ଗଛ ଚିତ୍ର ଅଙ୍କା ଯାଇ ଦୀପ ପ୍ରଜ୍ୱଳନ କରାଯାଇଛି। ଦୀପଦାନ କରିବା ସହ ଶ୍ରାଦ୍ଧବେଶରେ ବିଭୂଷିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁ ଅଦିତି-କଶ୍ୟପଙ୍କ ଉଦ୍ଦେଶ୍ୟରେ, ଅମାବାସ୍ୟା ଦିନ ଦଶରଥ-କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଓ ପ୍ରତିପଦା ଦିନ ବାସୁଦେବ-ଦେବକୀ, ନନ୍ଦ-ଯଶୋଦା, ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା ଦେବୀଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ଦୀପ ଦାନ କରିବେ। ମହାପ୍ରଭୁ ଶ୍ରାଦ୍ଧ ବେଶରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ତର୍ପଣ କରିଛନ୍ତି। ଏହା ସହିତ ମହାଦୀପ ମଧ୍ୟ ପ୍ରଜ୍ୱଳିତ ହୋଇଥାଏ, ତେଣୁକରି ଏହାକୁ ଦେବ ଦୀପାବଳି କୁହାଯାଇଥାଏ। ଏହି ଅବସରରେ ସେବାୟତ ଓ ଭକ୍ତ ମାନେ ଦିଅଁ ଦର୍ଶନ କରି ଦୀପଦାନ କରିଛନ୍ତି।

# ଜବର ଦଖଲ ଏକ ଅପରାଧ ନା ଆଶୀର୍ବାଦ ?

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜମିରୁ ସୃଷ୍ଟି ମହାଭାରତ। ଯେତେ ଯେତେ ଅପରାଧ ସୃଷ୍ଟି ହୁଏ ସମାଜରେ, ସର୍ବାଗ୍ରେ ଥାଏ, ଜମି ଜମା ସଂକ୍ରାନ୍ତୀୟ। ବର୍ତ୍ତମାନର ଦୁନିଆକୁ ଦେଖିଲେ ଜଣାଯିବ ଯେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଜମି ପାଇଁ ହିଁ ଯୁଦ୍ଧ ବର୍ଷାଧିକ ଲାଗି ରହିଚି। ଆଜିକାଲି ସରକାରୀ ଜମି ମାଡି ବସିବା ଓ ଧୀରେ ଧୀରେ ତାକୁ ନିଜ ଅଧୀନକୁ ନେଇ ସେଥିରେ ଘର ବାଡ଼ିର ପ୍ରଶସ୍ତି କରଣ ଠାରୁ ଆରମ୍ଭ କରି, ଦୋକାନ ବଜ଼ାର କରି ପଇସା ରୋଜଗାର କରିବା, ଏକ ସାମୁହିକ ଉଦ୍ୟମ ଓ ଦଣ୍ଡ -ଭୟ ବିବର୍ଜିତ ମାନସିକତାରେ ପରିଗଣିତ ହେଲାଣି। ସଭ୍ୟ ସମାଜରେ, ଅନ୍ୟାୟ କଲେ ଶାସ୍ତି ବିଧାନର ବ୍ୟବସ୍ଥା ଥାଏ, କିନ୍ତୁ ଆଜିକାଲି ଦେଖା ଯାଉଛି ଯେ, ବଡ ମୁଣ୍ଡିଆଙ୍କ ପ୍ରରୋଚନା ଓ ସରକାରୀ ଅଧିକାରୀଙ୍କ ଉଦାସୀନତାର ପ୍ରଭାବରେ ସରକାରୀ ଜମି ଜବରଦଖଲକାରୀ ମାନେ ଆଶାତୀତ ଭାବେ ନିର୍ଭୀକ ହୋଇ ଗଲେଣି। କାରଣ ସେମାନେ ଜାଣି ଗଲେଣି ଯେ ଯଦି ସାମୁହିକ ଭାବେ ଜବର ଦଖଲ କରିବୁ ତେବେ ଆମକୁ ତୁରନ୍ତ ଉଛେଦ କରିବାଟା ସରକାରଙ୍କୁ କଷ୍ଟକର ହବ ଓ ତତ ସହିତ ନେତା ମାନେ ନିଜ ସ୍ୱାର୍ଥ ସାଧନ ପାଇଁ ଆମ ମାନଙ୍କୁ "ଅଇଥାନ " କରିବାକୁ ବାଧ ହେବେ, କାରଣ ଦୀର୍ଘ ଦିନ ଧରି ସେଇଆ ତ ଚାଲିଛି !!

ଉନ୍ନତ ରାଷ୍ଟ୍ର ମାନଙ୍କରେ ଏପରି ଜବର ଦଖଲ ଦେଖିବାଟା ବିରଳ କାରଣ, ସେ ରାଷ୍ଟ୍ର ମାନେ ଆଇନକୁ ସମସ୍ତଙ୍କ ପାଇଁ ଏକ ତୃଟି ରେ ପାଳନ କରିଥାନ୍ତି।

"ଦ୍ୱାପର" ଯୁଗରେ ଯେତେ ଜମି ଥିଲା, "ତ୍ରେତୟା" ଯୁଗରେ ଓ ଏପରିକି "କଳି" ଯୁଗରେ ମଧ୍ୟ ସେତିକି - କିନ୍ତୁ, ଜନ ସଂଖ୍ୟା ବଢ଼ି ବଢ଼ି ଚାଲିଛି. ଧନିଙ୍କ ଅପେକ୍ଷ୍ୟା ଗରିବଙ୍କ ସଂଖ୍ୟା ମଧ୍ୟ ଆଶାତୀତ ଭାବେ ବଢ଼ି ଚାଲିଛି। ସହରୀ କରଣ ଯୋଗୁ ଓ ବିଶେଷ କରି ସହର ମାନଙ୍କ ଉଚ ମାନର ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଗମନା ଗମନ ଓ ବିଶେଷ କରି ରୋଜଗାର ଦ୍ୱାର ଅଧିକ ଉନ୍ନତ ବୋଲି, ପ୍ରତି ବର୍ଷ ଗ୍ରାମାଞ୍ଚଳରୁ ସାହସ୍ରାଧିକ ଲୋକ, ସହର ମୁହାଁ।

ଏପରି ପରିସ୍ଥିତିରେ ସରକାରୀ ଜମି ଯାହା ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିଙ୍କ ଅନେକ ଗୁଡିଏ ସମାଜର ଉନ୍ନତି ମୂଳକ ଯୋଜନାରେ ଆବଶ୍ୟକ ପଡିବ, ସେଇ ମୁଲ୍ୟବାନ କଥାଟିକୁ, ସରକାର ଯଦି ଏବେ ଠାରୁ ହୃଦଙ୍ଗମ ନକରି, ଭୋଟ ଖଣ୍ଡେ ପାଇଁ , ନା ଜବର ଦାଖଲକୁ ତୁରନ୍ତ ଉଛେଦ କରିବାକୁ ଆଗ୍ରହୀ ନା, ଜବରଦଖକାରୀଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତି ଦବା ପାଇଁ ଇଛୁକ।

ଓଡିଶା ସାକାରକଙ୍କ ତିନୋଟି ଆଇନ ଅଛି ଯାହାକୁ ସରକାର, ଜବରଦଖଲ ଉଛେଦ ପାଇଁ ଲାଗୁ କରିଥାନ୍ତି ।

ସେଗୁଡିକ ହେଲା :-

(୧) OPPE ACT (୨) OPLE ACT ଓ (୩) ODA ACT.

କିନ୍ତୁ, ବିଡମ୍ବନାର ବିଷୟ ଯେ, ଏ ସମସ୍ତ ଆଇନ କେବଳ "ଦିୱାନୀ " (ସିଭିଲ ) ଦଣ୍ଡଧାରୀ. ଏଥିରେ କୌଣସି "ଫୌଜଦାରୀ" ଦଣ୍ଡ ପ୍ରଦାନ କରାଯାଇ ପାରିବନି।

କଥାରେ ଅଛି, ଜନ ସାଧାରଣ ଆଇନକୁ "ପ୍ରେମ" କରନ୍ତି ବୋଲି ମାନନ୍ତି ନାହିଁ, ଆଇନକୁ "ଭୟ" କରନ୍ତି ବୋଲି ମାନି ବାକୁ ବାଧ ହୋଇଥାନ୍ତି।

ଗ୍ରାମାଞ୍ଚଳରେ ଯେଉଁଠି ତହସିଲଦାରଙ୍କ ଶାସନ ଚାଲେ, ସେଥି ପ୍ରତି ତହସିଲରେ ପ୍ରତି ବର୍ଷ "ସାଲ-ତମାମି " ହୋଇ ଥାଏ ଯେଉଁଥିରେ ଗାଁ ମାନଙ୍କରେ ଯେବେ ବି କୌଣସି ସରକାରୀ ଜମିକୁ କିଏ ବି ଜବରଦଖଲ କଲା ତା ନାମରେ ତୁରନ୍ତ En-croachment casର ଆରମ୍ଭ ହୋଇ ଥାଏ।

କିନ୍ତୁ ସହରାଞ୍ଚଳରେ ଏପରି କୌଣସି ସ୍ୱତଃ ପ୍ରବୃତ୍ତ ବ୍ୟବସ୍ଥା ନାହିଁ।

ସରକାରୀ ଜମି ଜବରଦଖଲ ହେଲା ପରେ କୌଣସି ଅଧିକାରୀଙ୍କୁ ସେଥିପାଇଁ ଦାୟୀ କରାଯାଏ ନାହିଁ। ଜବରଦଖଲ ସେତେବେଳେ ଭଙ୍ଗା ଯାଏ ଯେତେବେଳେ, ସରକାର କୌଣସି ପ୍ରକଳ୍ପ ଆରମ୍ଭ କରିବାକୁ ଯାଆନ୍ତି; ତା ପୂର୍ବରୁ ଆଦୌଁ ନୁହେଁ। ୨୦୪୭ ମସିହା ବେଳକୁ ଗ୍ରାମାଞ୍ଚଳରୁ ପ୍ରାୟ ୪୦ ଭାଗ ଲୋକେ ସହରାମୁଖୀ ହେବେ। ଏବେ ଭୁବନେଶ୍ୱରରେ ଜମିର ଦାମ ଆକାଶ ଛୁଆଁ : ଏକର ପିଛା ୧୨ କୋଟିରୁ ୩୦ କୋଟି ହେଲାଣି।

ଏ ସବୁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଦୃଷ୍ଟିରେ ରଖି, ୨୦୧୫ ମସିହାରେ ଓଡିଶା ରାଜ୍ୟ ସରକାର ଗୋଟେ ଅର୍ଡିନେନ୍ସ ଜାରି କରିଥିଲେ ଯାହାର ନାଁ ଥିଲା :-

Odisha Land Grabbing (Prohibition) Ordinance ୨୦୧୫

କିନ୍ତୁ ସରକାରଙ୍କ ଦୃଢ ଇଛାଶକ୍ତିର ଅଭାବରୁ ଦୀର୍ଘ ୧୦ ବର୍ଷ ଧରି ଏହିଁ ଆଇନଟି ବିଧାନ ସଭାରେ ପାରିତ ହୋଇ ପାରିଲା ନାହିଁ।

ଜବର ଦଖଲ ଉଛେଦ ଯେ କେତେ ସମୟ ସାପେକ୍ଷ, ସରକାରୀ ଅଧିକାରୀଙ୍କ ସମୟ ଖର୍ଚ୍ଚ ସାପେକ୍ଷ ଓ ବିଶେଷ କରି, ବହୁଳ ଅର୍ଥ ଖର୍ଚ୍ଚ ସାପେକ୍ଷ୍ୟ ତାହା କଳନା କରିବା କଥା ଓ ତାର ନିବାରଣ କରିବା କଥା।

ଏବେ ଠାରୁ ଲୋକଙ୍କ ମନରେ ଜବର ଦଖଲ ବିରୁଦ୍ଧରେ , ଅନ୍ୟାୟ ବିରୁଦ୍ଧରେ "ଭୟ " ସଂଚାର ନକଲେ, ଆଉ କିଛି ବର୍ଷ ଗଲେ ନା ସରକାରୀ ଜାଗା ମିଳିବ ନା ଲୋକଙ୍କୁ ଉଛେଦ କରିବା ସହଜ ହେବ। ନିକଟରେ "ସାଲିଆ ସାହି" ଉଚ୍ଛେଦ କରାଗଲା - କେତେ ବ୍ୟଥା, ଉଚ୍ଛେଦିତ ଲୋକଙ୍କର ଦେଖାଗଲା। କେତେ ପରିମାଣର ପୋଲିସ, ମାଳ ମାଳ ଅଧିକାରୀଙ୍କ ଦୀର୍ଘ ଘଣ୍ଟା ଧରି ସମାବେଶ- ଏ ସବୁକୁ ଏଡାଇ ଦିଆଯାଇ ପାରିଥାନ୍ତା ଯଦି, ଲୋକେ ଜାଣି ଥାନ୍ତେ ଯେ, ଆଜି ଜବର ଦଖଲ କଲେ, କାଲି ଉଚ୍ଛେଦ ହେବ, ନହେଲେ, ଆମ ବିରୁଦ୍ଧରେ କେସ ହେଲେ ଶାସ୍ତି ବି ମିଳିବ।

"ସାଲିଆ ସାହି" କଣ ରାତା ରାତି ଗଢ଼ା ହୋଇଥିଲା? ବମ୍ବେ ର "ଧରାବି " ରାତା ରାତି ଗଢ଼ା ହୋଇଥୁଲା? ?

ଶେଷ କଥା ଆମେ ଏକ ସଭ୍ୟ, ଶୃଙ୍ଖଳିତ ଓ ଆଇନ ଦ୍ୱାରା ପରିଚାଳିତ ସମାଜ ଗଢିବା ନା, "ଜୋର ଯାହାର/ମୂଳକ ତାହାର" ନୀତିରେ ଏମିଟି ସମାଜ ଟାକୁ ନଷ୍ଟ କରି ସଂସାରରୁ ବିଦାୟ ନବା ?

ନୂତନ ସରକାର ଯିଏ ଜବର ଦଖଲ ବିଷୟ ରେ "ଶୂନ୍ୟ ସହନଶୀଳତା" ଦେଖାଉଛନ୍ତି, ଏ ବିଷୟରେ ତୁରନ୍ତ ବିଚାର ପୂର୍ବକ, ୨୦୧୫ ରୁ ରାଜସ୍ୱ ବିଭାଗରେ ପଡି ଥିବା ଉପରୋକ୍ତ ଆଇନକୁ ବିଧାନ ସଭାରେ ତୁରନ୍ତ ପାରିତ କରି ଲାଗୁ କରନ୍ତୁ ଓ ବହୁ ମୁଲ୍ୟବାନ ସର୍ବ ସାଧାରଣ ସମ୍ପତ୍ତିକୁ ରକ୍ଷା କରନ୍ତୁ : ଏହା ବୁଦ୍ଧିଜୀବୀ ମହଲରୁ ଦୃଢ ଦାବି ଉପସ୍ଥାପନ କରାଯାଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶୁଭେଚ୍ଛା ଜଣାଇଲେ...

ଲୋକମାନଙ୍କ ଦ୍ୱାରା ବିଜେପି ଏବଂ ଏନଡିଏକୁ ମିଳିଥିବା ପ୍ରବଳ ସମର୍ଥନ ଦର୍ଶାଉଛି ଯେ ସେମାନେ ବିଶ୍ୱାସୀ, ଲୋକକୈନ୍ଦ୍ରିକ ଶାସନ ଉପରେ ଭରସା ରଖନ୍ତି। ମୁଁ ସମସ୍ତ କାର୍ଯ୍ୟକର୍ତ୍ତା, ନେତା ଏବଂ ଭୋଟରମାନଙ୍କୁ ହୃଦୟପୂର୍ବକ ଧନ୍ୟବାଦ ଜଣାଉଛି।

## ଆଦିବାସୀ ଆଇକନ୍‌ଙ୍କ...

ଅବଦାନ ରଖିଥିବା ଲୋକଙ୍କୁ ଭେଟି ସମ୍ମାନିତ କରିଥିଲେ। ସେ ସୋନାଖାନଙ୍କ ନେତା, ସହିଦ ବୀର ନାରାୟଣ ସିଂହ, ପାରଲକୋଟ ବିପ୍ଳବର ସହିଦ ଗେଣ୍ଡ ସିଂହ, ପତାକା ସତ୍ୟାଗ୍ରହର ସୁକଦେବ ପାତ୍ର, ଭୂମକାଲ ବିପ୍ଳବ ଏବଂ ଜଙ୍ଗଲ ସତ୍ୟାଗ୍ରହର ସହିଦ ରାମଧିନ ଗୋଣ୍ଡଙ୍କ ପରି ବୀରମାନଙ୍କ ପରିବାରକୁ ଭେଟି ମନୋବଳ ବୃଦ୍ଧି କରିଥିଲେ।

କାର୍ଯ୍ୟକ୍ରମର ସବୁଠାରୁ ଭାବପ୍ରବଣ ମୁହୂର୍ତ୍ତ ସେତେବେଳେ ଆସିଥିଲା ଯେତେବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାଣ୍ଡେ ଜନଜାତିର ୮୧ ବର୍ଷୀୟ ବସନ୍ତ ପାଣ୍ଡେଙ୍କୁ ଭେଟିଥିଲେ। ସେ ବିରହୋର, ଆବୁଝମାଡିଆ, ବୈଗା, ପାହାରୀ କୋରୱା, ଓରାଓଁ, ନାଗେସିଆ, ଖୈରୱାର, କନୱାର, ନାଗବଂଶୀ, ମୁରିଆ, ଗୋଣ୍ଡ ଏବଂ ଚେରୱା ସମେତ ବିଭିନ୍ନ ଜନଜାତିର ପ୍ରତିନିଧିମାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ସେ ସେମାନଙ୍କ ମଙ୍ଗଳ ବିଷୟରେ ପଚାରି ବୁଝିଥିଲେ ଏବଂ ଏକ ଗୋଷ୍ଠୀ ଫଟୋ ମାଧ୍ୟମରେ ଏହି ଐତିହାସିକ ମୁହୂର୍ତ୍ତକୁ କଏଦ କରିଥିଲେ।

ରାଷ୍ଟ୍ରପତି ୮୧ ବର୍ଷୀୟ ବସନ୍ତ ପାଣ୍ଡେଙ୍କୁ ଭେଟି ତାଙ୍କ ମଙ୍ଗଳ ବିଷୟରେ ଉଦାର ଭାବରେ ପଚାରିଥିଲେ ଏବଂ ତାଙ୍କୁ ଏକ ଶାଲ ଦେଇ ସମ୍ମାନିତ କରିଥିଲେ। ଏହି ସାକ୍ଷାତ ସମୟରେ ବସନ୍ତ ପାଣ୍ଡେ ଏକ ଐତିହାସିକ ଘଟଣା ବାଣ୍ଟିଥିଲେ। ସେ ବର୍ଣ୍ଣନା କରିଥିଲେ ଯେ ୧୯୫୨ ମସିହାରେ, ଯେତେବେଳେ ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଅମ୍ବିକାପୁର ଗସ୍ତ କରିଥିଲେ, ସେତେବେଳେ ତାଙ୍କର ବୟସ ମାତ୍ର ଆଠ ବର୍ଷ ଥିଲା। ସେହି ସମୟରେ ଡକ୍ଟର ପ୍ରସାଦ ତାଙ୍କୁ ଗ୍ରହଣ କରିଥିଲେ ଏବଂ ତାଙ୍କର ନାମକରଣ କରିଥିଲେ। ଏହି ଘଟଣା ପାଣ୍ଡେ ଜନଜାତିକୁ 'ରାଷ୍ଟ୍ରପତିଙ୍କ ପାଳିତ ପୁତ୍ର' ବୋଲି କୁହାଯାଏ। ରାଷ୍ଟ୍ରପତି ମୁର୍ମୁ ବସନ୍ତ ପାଣ୍ଡେଙ୍କୁ କହିଥିଲେ ଯେ ସେ ତାଙ୍କ ପୁଅ ପରି।

## ଝାରସୁଗୁଡାରେ ରାଷ୍ଟ୍ରପତିଙ୍କୁ ...

ତ୍ରିପାଠୀ, ଏଡିଜି ସନ୍ତୋଷ ବାର୍ଲା, ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନ, ଏସପି ଜି ଆର ରାଘବେନ୍ଦ୍ର ପ୍ରମୁଖ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ।

ଏହାପରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଛତିଶଗଡ଼ର ଅମ୍ବିକାପୁର ଅଭିମୁଖେ ବାହାରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବିମାନ ବନ୍ଦର ପରିସରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

## ଶପଥ ନେଲେ...

ପ୍ରତିଟି ପଦକ୍ଷେପ ନୂଆପଡ଼ାର ଉନ୍ନତି, ଗରିବ କଲ୍ୟାଣ, ମହିଳା ସଶକ୍ତିକରଣ ଏବଂ ଯୁବଶକ୍ତିଙ୍କ ସମୃଦ୍ଧି ପାଇଁ ନୂତନ ମାର୍ଗ ପ୍ରଶସ୍ତ କରୁ। ନୂଆପଡ଼ାର ବିକାଶ କ୍ଷେତ୍ରରେ ଆଗାମୀ ଦିନରେ ମୋର ପୂର୍ଣ୍ଣ ସହଯୋଗ ରହିବ। ଶପଥ ଗ୍ରହଣ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜୟ କହିଛନ୍ତି ମୋ ପାଇଁ ଆଜିର ଦିନ ସ୍ମରଣୀୟ । ଆଜି ମୋ ବାପାଙ୍କ ଜନ୍ମ ଜୟନ୍ତୀ। ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଧନ୍ୟବାଦ। ଏଭଳି ଦିନରେ ମୋତେ ଶପଥ ପାଠ କରାଇଛନ୍ତି। ନୂଆପଡା ବିକାଶ ପାଇଁ ମୁଁ ଯେଉଁ ପଣ ନେଇଥିଲି ତାହା ପୂରଣ କରିବି। ଏହି ବିଜୟ ନୂଆପଡା ବାସୀ ତଥା ମୋ ବାପା ରାଜୁ ଢୋଲକିଆଙ୍କ ସହ ବିଜେପି କର୍ମକର୍ତ୍ତାଙ୍କ ବିଜୟ ବୋଲି କହିଛନ୍ତି ଜୟ ଢୋଲକିଆ।

## ନଭେମ୍ବର ସୁଦ୍ଧା...

କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜେ ତଦାରଖ କରୁଛନ୍ତି । ଏହି ବୈଠକରେ ବିହନ ଆଳୁର ଗୁଣାତ୍ମକ ମାନ ଓ ସମୟ ଅନୁଯାୟୀ ବଣ୍ଟନ ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ଅନୁକୂଳ ଜଳବାୟୁ ଅନୁଯାୟୀ ଆଳୁ ଚାଷର ସଫଳତା ନିଶ୍ଚିତ ବୋଲି ଅନୁମାନ କରାଯାଉଛି। ବିହନ ଆଳୁର ବିତରଣ ସମ୍ବନ୍ଧରେ ଗୁରୁବାର କୃଷି ଭବନରେ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋରଖ୍ କାଲୁଙ୍ଗେ, ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବିହନ ନିଗମ ନୀତି ରଞ୍ଜନ ସେନ ଓ କୃଷି ଓ ଉଦ୍ୟାନ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।

## ରଥଯାତ୍ରା ଦଳାଚକଟା...

ଅନ୍ୟ ୪ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଛନ୍ତି, ଯେଉଁଥିରେ ଜଣେ ସହକାରୀ ଜିଲ୍ଲାପାଳ ଓ ୨ ଜଣ ଅତିରିକ୍ତ ତହସିଲଦାର ମଧ୍ୟ ସାମିଲ ଅଛନ୍ତି।

## ମାଟ୍ରିକ୍ ପରୀକ୍ଷା...

୨୦୨୫ ପର୍ଯ୍ୟନ୍ତ ଚାଲିବାର ଥିଲା। ପରିଷଦ ସ୍ପଷ୍ଟ କରିଛି ଯେ ନଭେମ୍ବର ୨୮ ପରେ ଆଉ କୌଣସି ଅବଧି ବୃଦ୍ଧି କରାଯିବ ନାହିଁ।ଛାତ୍ରଛାତ୍ରୀମାନେ ଅଧିକ ସୂଚନା ପାଇଁ ବିଏସ୍‌ଇର ଅଫିସିଆଲ୍ ୱେବସାଇଟ୍ bseodisha.ac.in ପରିଦର୍ଶନ କରିପାରିବେ। ୨୦୨୫ ମାଟ୍ରିକ୍ ପରୀକ୍ଷାରେ ମୋଟ ୫,୦୨,୪୧୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୪.୯୩ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିରେ ୧୭,୩୮୪ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଥିଲେ। ସେହିପରି ୨୦୨୪ ରେ ଉତ୍ତୀର୍ଣ୍ଣ ହାର ୯୬.୨୭ ପ୍ରତିଶତ ଥିଲା। ଏହି ବର୍ଷ ମୋଟ ୫,୩୯,୧୫୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯,୭୦୧ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଥିଲେ।

## ବଙ୍ଗୋପସାଗରରେ...

କୌଣସି ସ୍ପଷ୍ଟତା ଆସି ନାହିଁ। ବାତ୍ୟା ହେଲେ ଉତ୍ତର ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ମାଡ଼ ସମ୍ଭାବନା ରହିଛି । ବାତ୍ୟା ପ୍ରଭାବରେ ଓଡ଼ିଶାରେ ବର୍ଷା ହୋଇପାରେ। ଏବେ ଧାନ ପାଚୁଥିବାରୁ ବର୍ଷା ହେଲେ ଫସଲ ନଷ୍ଟ ହେବା ଚିନ୍ତାରେ ଚାଷୀ । ରାଜଧାନୀ ଭୁବନେଶ୍ୱରରେ ଶୀତ କମିବା ସହ ୨ ଦିନ ମଧ୍ୟରେ ୬.୬ ଡିଗ୍ରୀ ରାତି ତାପମାତ୍ରା ବୃଦ୍ଧି ପାଇଛି। ହେଲେ ରାଜ୍ୟରେ ଶୀତ ଲହରୀ ଜାରି ରହିଥିବା ବେଳେ ରାଜଧାନୀରୁ ଏବେ ଶୀତ ଉଭାନ୍ ହୋଇଯାଇଛି।

## ରାଜ୍ୟପାଳଙ୍କ ଭୂମିକାକୁ ...

କରିପାରିବେ ନାହିଁ, କିନ୍ତୁ ଏହା ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ପାଇଁ କୌଣସି ସମୟସୀମା ସ୍ଥିର କରିବାକୁ ମନା କରିଦେଇଛି। ସୁପ୍ରିମକୋର୍ଟ କହିଛନ୍ତି ଯେ ରାଜ୍ୟପାଳ ବିଲ୍ ପାଇଁ ସମ୍ମତି ପ୍ରଦାନ କରିବା ପାଇଁ କୋର୍ଟ ସମୟ ସୀମା ସ୍ଥିର କରିପାରିବେ ନାହିଁ। ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସାମ୍ବିଧାନିକ କୋର୍ଟ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସମୟ ସୀମା ଲାଗୁ କରିପାରିବେ ନାହିଁ। ସୁପ୍ରିମକୋର୍ଟ କହିଛନ୍ତି ଯେ ତାମିଲନାଡୁ ମାମଲାରେ ଦୁଇ ଜଣିଆ ଖଣ୍ଡପୀଠ ଦେଇଥିବା ଏପରି ନିର୍ଦ୍ଦେଶ ଅସାମ୍ବିଧାନିକ। ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ସାମ୍ବିଧାନିକ କୋର୍ଟ ରାଜ୍ୟପାଳଙ୍କ ସମ୍ମୁଖରେ ବିଚାରାଧୀନ ବିଲ୍ ପାଇଁ ବୈଧ ସମ୍ମତି ଦେଇପାରିବେ ନାହିଁ, କାରଣ ଏକ ଦୁଇ ଜଣିଆ ଖଣ୍ଡପୀଠ ଧାରା ୧୪୨ ଅନୁଯାୟୀ କ୍ଷମତା ବ୍ୟବହାର କରି ୧୦ଟି ତାମିଲନାଡୁ ବିଲ୍ ପାଇଁ ବୈଧ ସମ୍ମତି ପ୍ରଦାନ କରିଛନ୍ତି। ପାଞ୍ଚ ଜଣିଆ ସମ୍ବିଧାନ ଖଣ୍ଡପୀଠ କହିଛନ୍ତି ଯେ ସୁପ୍ରମକୋର୍ଟ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ କ୍ଷମତାକୁ ଅସାମ୍ବିଧାନିକ ଭାବରେ ହଡ଼ପ କରିପାରିବେ ନାହିଁ।

# ଓଟିଇଟି ଆବେଦନର ସମସ୍ୟା ସମାଧାନ ପାଇଁ ଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପ୍ରଦେଶରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବା ପାଇଁ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡ଼େରସନ ଫର୍ ଦିବ୍ୟାଙ୍ଗ ସଂଘ(ଓଏସଇଏଫଡ଼ି) ରାଜ୍ୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଶିକ୍ଷା ଓ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ଅଦମ୍ୟ ପ୍ରଚେଷ୍ଟା ଓ ସଂଘର୍ଷ ୨୦୧୭ ମସିହାରୁ କରିଆସୁଥିଲା, ଏହି ନ୍ୟାର୍ଯ୍ୟ ଦାବିକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ପ୍ରଦାନ କରିଛନ୍ତି ଓ ଓଡ଼ିଶା ସରକାରଙ୍କ ସମର୍ଥନରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହେବ ବୋଲି ଓସେପା ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝି, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସଂଘକୁ ମାର୍ଗଦର୍ଶନ ଦେଇଥିବା ଓଡ଼ିଶା ବିଧାନସଭାର ସମ୍ମାନନୀୟା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ଏବଂ ସକ୍ଷମ ସଂଗଠନକୁ ଓଏସଇଏଫଡ଼ି ସଂଘ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛି।

ଏହି ଅବସରରେ ଓଡ଼ିଶାର ଅନେକ ଜିଲ୍ଲାର ସଂଘର ନେତୃବୃନ୍ଦ ଆସି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରି କୃତଜ୍ଞତାର ସହ ଧନ୍ୟବାଦ୍ ଜ୍ଞାପନ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। ତତ୍‌ସହିତ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିର ବିଜ୍ଞାପନ ପ୍ରକାଶ ଏବଂ ଓଟିଇଟି ପେପର ୨ରେ ଦୁଇବର୍ଷିଆ ସ୍ୱତନ୍ତ୍ର ବି.ଇଡ଼ି ଦର୍ଶାଯାଇ ନଥିବାରୁ ଅନେକ ଆଶାୟୀ ଆବେଦନ କରିବାରୁ ବଞ୍ଚିତ ଅଛନ୍ତି, ଏହି ପରିପ୍ରେକ୍ଷୀରେ ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ମନ୍ତ୍ରୀଙ୍କୁ ବିନମ୍ର ଅନୁରୋଧ କରାଯାଇଛି। ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତିକରଣ କରିବା ପାଇଁ ଲୋକଙ୍କ ସରକାର ଯେଉଁ ଯୁଗାନ୍ତକାରୀ ଓ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଅଭିନନ୍ଦନୀୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟ ସଭାପତି ସୂର୍ଯ୍ୟକାନ୍ତ ବେହେରା, ସଂପାଦକ ଆୟୁଷ୍ମାନ ଚୌଧୁରୀ, ଉପସଭାପତି ବିଶ୍ୱବିଜୟୀ ଦାଶ, କୋଷାଧକ୍ଷ ଅଭିଷେକ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦିକା ଆର୍ଷି ଉପାସନା କର ସହ-କୋଷାଧକ ପ୍ରିୟବ୍ରତ ରାଉତଙ୍କ ସମେତ ସମସ୍ତ ଜିଲ୍ଲାର ନେତୃମଣ୍ଡଳୀମାନେ ଯୋଗ ଦେଇଥିଲେ।

# ମାଧୁସୂଦନପୁର, ଗଜପତିରେ ବିଶ୍ୱ ସିଓପିଡି ଦିବସ ପାଳନ




**ମାଧୁସୁଦନପୁର, ନ୍ୟୁଜ ବ୍ୟୁରୋ**

ମାଧୁସୁଦନପୁର ଗ୍ରାମରେ ବିଶ୍ୱ ସିଓପିଡି ଦିବସ ପାଳନ କରାଗଲା। ଏହାର ଆୟୋଜନ ପରାଳଖେମୁଣ୍ଡି ନର୍ସିଂ ବିଦ୍ୟାଳୟ ପକ୍ଷରୁ କରାଯାଇଥିଲା। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସିଓପିଡି ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ଏହା ମାନବ ସ୍ୱାସ୍ଥ୍ୟ ଉପରେ କିପରି ପ୍ରଭାବ ପକାଏ ସେଥିପାଇଁ ଲୋକମାନଙ୍କୁ ଅବଗତ କରାଇବା ଥିଲା। କାର୍ଯ୍ୟକ୍ରମର ଉଦ୍ଘାଟନ ମିସ୍ ମଧୁରୀମା ସାମନ୍ତ, ସମନ୍ୱୟକାରୀ ଶିକ୍ଷୟିତ୍ରୀ ଦ୍ୱାରା କରାଯାଇଥିଲା। ଫ୍ଲାସ୍ କାର୍ଡ ପ୍ରଦର୍ଶନ ତରୁଞ୍ଜିତ ରାଉତଙ୍କ ଦ୍ୱାରା କରାଯାଇଥିଲା। ଜି. କଞ୍ଚନା ଓ ନିରୂପମା ପଟ୍ଟନାୟକ ସିଓପିଡି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଆଲୋଚନା କରିଥିଲେ ଏବଂ ଜୀବନଶୈଳୀର ପରିବର୍ତ୍ତନ ସିଓପିଡି ନିରୋଧରେ କେତେ ଗୁରୁତ୍ୱପୂର୍ଣ୍ଣ ସେଥିପାଇଁ ବିସ୍ତାରିତ କରିଥିଲେ। ସୋନାଲି ବେହେରା, ଅର୍ଚ୍ଚିତା ସୋନି ଜେନା ଓ ଜି. ତନୁଜା ସିଓପିଡି ର କାରଣ, ଲକ୍ଷଣ ଏବଂ ପ୍ରତିରୋଧ ବିଷୟରେ ତଥ୍ୟମୂଳକ ପୋଷ୍ଟର ପ୍ରଦର୍ଶନ କରିଥିଲେ। ମୋଟ ୨୪ ଜଣ ବିଭିନ୍ନ ବୟସ୍ ଗୋଷ୍ଠୀର ଲୋକେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ, ଯେଉଁଥିରେ ବୃଦ୍ଧ, ପୁରୁଷ ଓ ମହିଳାମାନେ ସାମିଲ୍ ଥିଲେ। କାର୍ଯ୍ୟକ୍ରମର ସମନ୍ୱୟ ମିସ୍ ମଧୁରୀମା ସାମନ୍ତ ଓ ମିସ୍ ଟି. ସୁନିତାଙ୍କ ଦ୍ୱାରା କରାଯାଇଥିଲା। ତମାକୁ ବିରୋଧୀ ଶପଥ କାର୍ଯ୍ୟକ୍ରମ ଗଜପତି ଜିଲ୍ଲାର ସମୁଦାୟ ସ୍ୱାସ୍ଥ୍ୟ ଅଧିକାରୀ ମମତା ପାଢ଼ିଙ୍କ ନେତୃତ୍ୱରେ ପରାଳଖେମୁଣ୍ଡି ନର୍ସିଂ ବିଦ୍ୟାଳୟରେ "ତମାକୁ ବ୍ୟବହାର କରିବି ନାହିଁ" ଶପଥ କାର୍ଯ୍ୟକ୍ରମ ପାଳନ କରାଗଲା। ଏହି ଅବସରରେ ଡ଼ାକ୍ତର ରିତେଶ କୁମାର, ଛାତ୍ର କଲ୍ୟାଣ ଅଧକ୍ଷ, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତମାକୁର କ୍ଷତିକାରକ ପ୍ରଭାବ ଓ ଏହାଠାରୁ ଦୂରେ ରହିବାର ପ୍ରୟୋଜନୀୟତା ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଏହି ଶପଥ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶପଥରେ ନିମ୍ନ ପ୍ରତିଜ୍ଞାମାନେ ଦିଆଯାଇଥିଲା, ତମାକୁ ବ୍ୟବହାରରୁ ଦୂରେ ରହିବା ପରିବାର ଓ ମିତ୍ରମାନଙ୍କୁ ତମାକୁ ଛାଡ଼ିବାରେ ଉତ୍ସାହିତ କରିବା ତମାକୁମୁକ୍ତ ସମାଜ ଗଠନରେ ଅଂଶଗ୍ରହଣ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ତମାକୁ ଜନିତ ରୋଗ ଓ ମୃତ୍ୟୁ ହାର କମେଇ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା। ଶେଷରେ ଶ୍ରୀମତୀ ତରୁଞ୍ଜିତ ରାଉତ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମରେ ଯୋଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକମାନେ, ଗ୍ରାମବାସୀମାନେ ଓ ନର୍ସିଂ ବିଦ୍ୟାଳୟକୁ ଆଭାର ପ୍ରକାଶ କଲେ।

# ସମସ୍ତ ପ୍ରଶାସନିକ କାର୍ଯ୍ୟର କେନ୍ଦ୍ରରେ ନାଗରିକଙ୍କ ସମ୍ମାନକୁ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀର ପ୍ରଥମ ଦିନର ଦ୍ୱିତୀୟ ଅଧିବେଶନ ମୁଖ୍ୟ ଶାସନ ସଚିବ, ଓଡିଶା ଶ୍ରୀ ମନୋଜ ଅହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅଧିବେଶନରେ ଆଲୋଚ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଏହି ଅଧିବେଶନରେ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନରେ ନୈତିକତା, ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବା ପ୍ରଦାନ, ବ୍ୟକ୍ତିଗତ ଅଧିକାର, ସରକାରୀ କଲ୍ୟାଣ ଯୋଜନା, ସାମୁହିକ ସମ୍ପଦ ଏବଂ ଜନ ସାଧାରଣଙ୍କୁ ସୁବିଧାରେ ସରକାରୀ ସେବା ପ୍ରଦାନ ସଂପର୍କିତ ବିସ୍ତୃତ ଆଲୋଚନା କରାଯାଇଥିଲା ।

ସମ୍ମିଳନୀରେ ଯୋଗ ଦେଇଥିବା ଜିଲ୍ଲାପାଳ ତଥା ରାଜ୍ୟ ପ୍ରଶାସନର ସଚିବ ତଥା ବରିଷ୍ଠ ପଦାଧିକାରୀଙ୍କୁ ସମ୍ବୋଧନ କରି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଥିଲେ ଯେ, ନାଗରିକମାନେ ହେଉଛନ୍ତି ଆମ ରାଜ୍ୟର ପ୍ରମୁଖ ସମ୍ପଦ । ପ୍ରତି ପ୍ରଶାସନିକ କାର୍ଯ୍ୟ ଓ ସେବା ପ୍ରଦାନ ବେଳେ ସେମାନଙ୍କର ମର୍ଯ୍ୟାଦା ପ୍ରତି ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଲୋକସେବା ଅଧିକାର ଅଧିନିୟମକୁ କାର୍ଯ୍ୟକାରୀ କଲାବେଳେ ତଥା ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କ୍ଷେତ୍ରରେ ନୈତିକ ମୂଲ୍ୟବୋଧକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ କହିଥିଲେ । ପ୍ରତି ଗାଁ ଗାଁରେ ନାଗରିକମାନେ ସମ୍ମାନର ସହିତ ଜୀବନ ଯାପନ କରିବା ପାଇଁ ସେମାନଙ୍କ ପାଇଁ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଗମନାଗମନ ପାଇଁ ସଡ଼କ ସୁବିଧା, ମୋବାଇଲ ଯୋଗାଯୋଗ, ବିଦ୍ୟୁତ୍ ସେବା ସହ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପହଁଚିବା ଆଦି ସମସ୍ତ ସୁବିଧା ସୁଯୋଗକୁ ସୁନିଶ୍ଚିତ କରିବାକୁ ତ୍ୱରାନ୍ୱିତ ପଦକ୍ଷେପ ଓ ସୁବ୍ୟବସ୍ଥା କରିବା ସଂପର୍କରେ ସେ ଆଲୋକପାତ କରିଥିଲେ । କିଭଳି ସ୍ୱଚ୍ଛତାର ସହ, ବିନା ଅସୁବିଧାରେ ପ୍ରଶାସନିକ ଢାଞ୍ଚାରେ ଆବଶ୍ୟକ ସୁଧାର ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ ତ୍ୱରିତ ଓ ସୁବିଧାରେ ଜନସାଧାରଣ ଉଦ୍ଦିଷ୍ଟ ସେବା ପାଇପାରିବେ, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ବିସ୍ତୃତ ଭାବେ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରି ପରାମର୍ଶ ଦେଇଥିଲେ । ଅଧିବେଶନରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ (ପାନୀୟଜଳ ଓ ପରିମଳ) ଶ୍ରୀ ବିନୀତ ଭରଦ୍ୱାଜ ଉପସ୍ଥିତ ଥିଲେ । ଜିଲ୍ଲାପାଳ, ଦେଓଗଡ ଶ୍ରୀ କବୀନ୍ଦ୍ର କୁମାର ସାହୁ, ଜିଲ୍ଲାପାଳ , ଖୋର୍ଦ୍ଧା ଶ୍ରୀ ଅମ୍ରିତ ଋତୁରାଜ, ଜିଲ୍ଲାପାଳ, ଗଞ୍ଜାମ ଶ୍ରୀ କୀର୍ତ୍ତୀଭାସନ ଭି. ଜିଲ୍ଲାପାଳ ବାଲେଶ୍ୱର ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲାପାଳ , ମୟୂରଭଞ୍ଜ ଶ୍ରୀ ହେମକାନ୍ତ ସାଏ ପ୍ରମୁଖ ଯୋଗଦେଇ ନିଜ ନିଜ ଜିଲ୍ଲାରେ କିପରି ସୁବିଧାରେ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରାଯାଉଛି, ସେ ସଂପର୍କରେ ଉପସ୍ଥାପନ କରିଥିଲେ ।




**ଭୁବନେଶ୍ୱରସ୍ଥିତ ସଂସ୍କାର ମୁଖୀ ସଂଗଠନ 'ଅମରସାଥୀ' ତରଫରୁ ଏହାର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ନିରଞ୍ଜନ ଯୋଗାଣିଆ, ସାମାଜିକ କୁସଂସ୍କାର ଉପରେ ଗବେଷଣା କରିଥିବା ଐତିହାସିକ ଓ ଶିକ୍ଷାବିତ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ତାଙ୍କର କୁସଂସ୍କାର ବିରୋଧୀ ସଚେତନତା ପାଇଁ ସମ୍ବର୍ଦ୍ଧିତ କରୁଛନ୍ତି।**

## ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ରାଜ୍ୟରେ ଚାଲିଛି ବାଲି ଓ ପଥର ଚୋରି: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**


ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ରାଜ୍ୟରେ ବାଲି ଚୋରି ଅହେତୁକ ଭାବେ ବୃଦ୍ଧି ପାଇଛି ଓ ଏହା ବିଜେପି ମନ୍ତ୍ରୀ ଓ ନେତାଙ୍କ ପ୍ରୋତ୍ସାହନରେ ଚାଲିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ନିକଟରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବାଲି ଚୋରି ରୋକିବା ପାଇଁ ନିଦ୍ଦେଶ ଦେଇଥିଲେ, ଯାହା ରାଜ୍ୟରେ ହେଉଥିବା ବାଲି ଚୋରିର ସ୍ୱୀକାରୋକ୍ତି ଥିଲା ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ହେଉଥିବା ବାଲିଚୋରିରେ ବିଜେପିର ନେତାମନ୍ତ୍ରୀଙ୍କ ସମ୍ପୃକ୍ତିର ଅଭିଯୋଗ କରିବା ସହିତ ଏଥିଯୋଗୁଁ ଲଘୁ ଖଣିଜ ସମ୍ପଦରୁ ରାଜ୍ୟକୁ ମିଳୁଥିବା ରାଜସ୍ୱ ଚିନ୍ତାଜନକ ଭାବେ ହ୍ରାସ ପାଇଛି ବୋଲି କହିଛନ୍ତି । ଡ଼ ଲେନିନ ମହାନ୍ତି କହିଥିଲେ, ୨୦୨୩-୨୪ ଆର୍ଥିକ ବର୍ଷରେ ଲଘୁ ଖଣିଜ ସମ୍ପଦରୁ ରାଜ୍ୟକୁ ୧୪୮୫ କୋଟି ଟଙ୍କା ରାଜସ୍ୱ ମିଳିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ରାଜସ୍ୱ ପରିମାଣ ୬୦୦ କୋଟି ଟଙ୍କାକୁ ଖସି ଆସିଛି । ବିଜେପିର ନେତାମନ୍ତ୍ରୀଙ୍କ ପ୍ରୋତ୍ସାହନରେ ରାଜ୍ୟରେ ଏହି ବାଲିଚୋରି ବୃଦ୍ଧି ପାଇଛି । ରାଜ୍ୟରେ ବାଲି ଏବେ ଏକ ଦୁର୍ଲଭ ବସ୍ତୁରେ ପରିଣତ ହୋଇଛି । ବାଲିର ଦରରେ ଅହେତୁକ ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ କନଷ୍ଟ୍ରକସନ ମୂଲ୍ୟରେ ମଧ୍ୟ ବୃଦ୍ଧି ପାଇଛି । ଏହି ବାଲି ଚୋରିରେ ସରକାରୀ ଦଳର ନେତାଙ୍କ ସମ୍ପୃକ୍ତିର ଅଭିଯୋଗ ସହିତ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ସମ୍ପୃକ୍ତି ଅଭିଯୋଗ ଆସିଛି । ସ୍ୱାଧୀନତା ପରଠାରୁ କୌଣସି ମୁଖ୍ୟମନ୍ତ୍ରୀଙ୍କ ନାମରେ ଏପରି ଗୁରୁତର ଅଭିଯୋଗ କେବେବି ଆସି ନଥିଲା । ତେଣୁ ଏହି ବାଲିଚୋରି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆମେ ସ୍ପଷ୍ଟୀକରଣ ଦାବି କରୁଛୁ । ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ତାଙ୍କ ପରିବାରର ସଦସ୍ୟ ମାନେ ଜଣେ ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁ ଓରଫ ଲିକୁ ସାହୁଙ୍କ ସହିତ ବୁଲୁଛନ୍ତି, ଯିଏ ବାଲି ଓ ପଥର ଚୋରିରେ ସିଧାସଳଖ ସମ୍ପୃକ୍ତ ଅଛନ୍ତି ବୋଲି ରାଜ୍ୟବ୍ୟାପୀ ଚର୍ଚ୍ଚା ହେଉଛି ।

ଭୁବନେଶ୍ୱର
୨୧ ନଭେମ୍ବର,
ଶୁକ୍ରବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

## ଶ୍ରୀମନ୍ଦିରରେ ଦେବ ଦୀପାବଳି ନୀତି

# ଦଶରଥ ଓ କୌଶଲ୍ୟାଙ୍କୁ ଶ୍ରାଦ୍ଧ ପ୍ରଦାନ କଲେ ମହାପ୍ରଭୁ

**ପୁରୀ, ୨୦/୧୧ ନ୍ୟୁଜ ବ୍ୟୁରୋ**
ପବିତ୍ର ମାର୍ଗଶିର ମାସ ଅମାବାସ୍ୟା ତିଥି। ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଭାବେ ଶ୍ରାଦ୍ଧ ନୀତି ଅନୁଷ୍ଠିତ ହୋଇଥିଲା। ଦେବ ଦୀପାବଳି ଦ୍ୱିତୀୟ ଦିନ ମହାପ୍ରଭୁ ତାଙ୍କର ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ସହିତ ଦୀପ ଦାନ କରିଥିଲେ। ଗୁରୁବାର ଦ୍ୱିତୀୟ ଦିନରେ ପିତା ମାତା ଦଶରଥ ଓ କୌଶଲ୍ୟାଙ୍କୁ ଶ୍ରାଦ୍ଧ ପ୍ରଦାନ କରିବା ଅବସରରେ ମହାପ୍ରଭୁଙ୍କ ଦ୍ୱିପହର ଧୂପ ପରେ ଶ୍ରାଦ୍ଧ ନୀତି ଆରମ୍ଭ ହୋଇ ମହାପ୍ରଭୁ ଶ୍ରାଦ୍ଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାଧୂପ



ପରେ ତିନିଟି ମହାଦୀପ ବଡଦେଉଳ, ଜଗମୋହନ ଓ ଭୋଗମଣ୍ଡପକୁ ଉଠିଥିଲା। ରତ୍ନସିଂହାସନ ଆଗରେ ଅରୁଆ ଚାଉଳରେ ଗଛଟିଏ କରାଯିବା ସହ ୨୮ଟି ଦୀପ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଲାଗିବାର ପରମ୍ପରା ରହିଛି। ଜୟବିଜୟ ଦ୍ୱାର ନିକଟରେ ଚାଉଳ ଗଛ ସହ ଦୀପ ସମର୍ପଣ କରାଯାଏ। ଦେବ ଦୀପାବଳିର ଦ୍ୱିତୀୟ ଦିନରେ ବରିଷ୍ଠ ସେବକ, ମଠ ମହନ୍ତ ଓ ବୁଦ୍ଧିଜୀବୀ ଏବଂ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ପୁଷ୍ପାଳକ ସେବକମାନେ ଶ୍ରୀଜୀଉମାନଙ୍କୁ ନାଗପୁରୀ ଶାଢ଼ୀ ଚାଦରରେ ଶ୍ରାଦ୍ଧ ବେଶରେ ଭୂଷିତ କରିଥାନ୍ତି। ଏଥିରେ ଶ୍ରୀଜୀଉମାନେ ଧବଳ ବସ୍ତ୍ର ପରିହିତ ହୋଇଥାନ୍ତି। କିନ୍ତୁ ପ୍ରତ୍ୟେକ ଠାକୁରଙ୍କ ଲୁଗାର ଧଡିଗୁଡିକ ଭିନ୍ନ ରଙ୍ଗର ହୋଇଥାଏ।

## ସପତ୍ନୀକ କୋଣାର୍କ ମନ୍ଦିର ପରିଦର୍ଶନ କଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ

**କୋଣାର୍କ, ୨୦।୧୧ ନ୍ୟୁଜ ବ୍ୟୁରୋ**
ସପତ୍ନୀକ କୋଣାର୍କ ମନ୍ଦିର ପରିଦର୍ଶନ କଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ.ଡି କୁମାରସ୍ୱାମୀ। ଗୁରୁବାର ସକାଳ ୯ଟାରେ ସେ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। କୋଣାର୍କ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ବିମୋହିତ ହୋଇଛନ୍ତି। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ଗୁରୁବାର ସକାଳେ ତାଙ୍କ ପତ୍ନୀଙ୍କ ସହ କୋଣାର୍କ ମନ୍ଦିର ବୁଲି ଦେଖିଥିଲେ। ସ୍ୱୀକୃତିପ୍ରାପ୍ତ ଗାଇଡ ବିଶେଶ୍ୱର ଦାଶ ତାଙ୍କୁ ସୂର୍ଯ୍ୟମନ୍ଦିର ସମ୍ପର୍କରେ ସବୁକିଛି ବୁଝାଇଥିଲେ। ଶେଷରେ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ରମନ୍ତ୍ରୀ ପୁରୀ ଫେରିଥିଲେ। ଏହି ଗସ୍ତ ସମୟରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

## ଅଧ୍ୟକ୍ଷତା କରିବେ ଗଜପତି

**ପୁରୀ, ୨୧/୧୧ ନ୍ୟୁଜ ବ୍ୟୁରୋ**
ଶୁକ୍ରବାର ବସିବ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଓ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଉପସ୍ଥିତିରେ ହେବାକୁ ଥିବା ଏହି ବୈଠକରେ ବିଭିନ୍ନ ଉପକମିଟିରେ ଗ୍ରହଣ କରିଥିବା ନିଷ୍ପତ୍ତି ନେଇ ଆଲୋଚନା ହେବ। ସେହିପରି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ରତ୍ନଭଣ୍ଡାର ଗଣତିମଣତି, ଗୁରୁକୁଳ ନିର୍ମାଣ, ଶ୍ରୀମନ୍ଦିର ସୁରକ୍ଷା, ଶ୍ରଦ୍ଧାଳୁଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରଭୃତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ। ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ




ସଭାକକ୍ଷରେ ଦିନ ପ୍ରାୟ ୧୧ଟାରେ ଏହି ବୈଠକ ବସିବା ନେଇ ସ୍ଥିର ହୋଇଛି। ରତ୍ନଭଣ୍ଡାର ମରାମତି ସରିଥିଲେ ହେଁ ଏପର୍ଯ୍ୟନ୍ତ ରତ୍ନ ଗଣତିମଣତି କରିବାକୁ ପ୍ରଶାସନିକ ପଦକ୍ଷେପ ନିଆଗଲାନି। ରତ୍ନ ସୁରକ୍ଷିତ ଥିବା ଶ୍ରଦ୍ଧାଳୁଙ୍କ ସନ୍ଦେହ ଦୂର ହେଲାନି। ସେହିପରି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ହୋଇନପାରିବା ଯୋଗୁ ଦୈନିକ ଶ୍ରଦ୍ଧାଳୁମାନେ ଠେଲାପେଲା ଭିତରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ମହାପ୍ରସାଦର ସୁଲଭ ଦର ପ୍ରସ୍ତୁତି ଓ ଶୋଷଣ ମୁକ୍ତ ମହାପ୍ରସାଦ ବିକ୍ରି ବ୍ୟବସ୍ଥା ହେଲାନି। ଦୈନିକ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁ ଆସୁଥିବାରୁ ସେମାନଙ୍କ ଆଶା ମୁତାବକ ଆଖି ପୂରା ଜଗା ଦର୍ଶନ ଓ ନିର୍ଦ୍ଧାରିତ ଦରରେ ପେଟପୂରା ମହାପ୍ରସାଦ ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏନେଇ କମିଟିରେ ଆଲୋଚନା ହେବ ବୋଲି ପ୍ରାଥମିକ ସୂଚନା ମିଳିଛି।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

# କୋର୍ଟଙ୍କ ନିଷ୍ପତ୍ତି ବଦଳାଇ ପାରିବନି ସଂସଦ

**ନୂଆଦିଲ୍ଲୀ, ୨୦/୧୧**
କେନ୍ଦ୍ର ସରକାରଙ୍କ ଟ୍ରିବ୍ୟୁନାଲ ରିଫର୍ମ ଆକ୍ଟ ୨୦୨୧ର କେତେକ ମହତ୍ୱପୂର୍ଣ୍ଣ ପ୍ରାବଧାନକୁ ସୁପ୍ରିମକୋର୍ଟ ରଦ୍ଦ କରିଛନ୍ତି। ମାମୁଲି ପରିବର୍ତ୍ତନ କରି ସଂସଦ କୋର୍ଟଙ୍କ ଆଦେଶକୁ ବଦଳାଇ ପାରିବନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ପ୍ରଧାନ ବିଚାରପତି ବି.ଆର ଗଭଇ ଓ ବିଚାରପତି କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କର ୧୩୭ ପୃଷ୍ଠା ରାୟରେ କହିଛନ୍ତି ଯେ କୋର୍ଟ ଯାହାକୁ ପୂର୍ବରୁ ରଦ୍ଦ କରିଥିଲେ ସରକାର ସଂଶୋଧନ କରି ପୁଣି ସେହି ପ୍ରାବଧାନକୁ ଯୋଡିଛନ୍ତି। ନ୍ୟାୟପାଳିକାର ସ୍ୱତନ୍ତ୍ରତା ସୁନିଶ୍ଚିତ କରିବା ପାଇଁ ଲମ୍ବା ଅବଧି ଓ ପାରଦର୍ଶୀ ନିଯୁକ୍ତି ପ୍ରକ୍ରିୟାର ଆବଶ୍ୟକତା ରହିଛି। ଏଥିସହ ସରକାର ୪ମାସ ଭିତରେ ନ୍ୟାସନାଲ ଟ୍ରିବ୍ୟୁନାଲ କମିଶନ ଗଠନ କରିବାକୁ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ୨୦୨୦ ସହ ଜଡିତ। ୨୦୨୦ ନଭେମ୍ବରରେ ସୁପ୍ରିମକୋର୍ଟ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଓ ସଦସ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷ କରିଥିଲେ। ସରକାର ୨୦୨୧ରେ ନୂଆ ଆଇନ ଆଣି ତାକୁ ୪ ବର୍ଷ କରିଦେଲେ।

## ବନ୍ଧୁକ ଦେଖାଇ ଲୁଟ୍

# ଜୁଏଲାରୀ ମାଲିକଙ୍କଠୁ ଝାମ୍ପିନେଲେ ୪ କୋଟି ଟଙ୍କାର ଅଳଙ୍କାର

**ପୁରୀ, ୨୦/୧୧ ନ୍ୟୁଜ ବ୍ୟୁରୋ**
ପୁରୀ ଜିଲ୍ଲା ଚନ୍ଦନପୁରରେ ସଶସ୍ତ୍ର ଲୁଟେରାଙ୍କ ଆତଙ୍କ। ବନ୍ଧୁକ ଦେଖାଇ ଲୁଟିନେଲେ ୪ କୋଟିରୁ ଅଧିକ ଟଙ୍କାର ଅଳଙ୍କାର। ପ୍ରସିଦ୍ଧ ରାଧାକାନ୍ତ ଜୁଏଲାରୀ ମାଲିକଙ୍କ ଠାରୁ ଲୁଟ୍ ହୋଇଛି। ୩ ଜଣ ଯୁବକ ବାଇକରେ ଆସି ବନ୍ଧୁକ ଦେଖାଇ ଗହଣା ଦୋକାନ ମାଲିକଙ୍କ ଠାରୁ ସୁନା, ରୂପା ଅଳଙ୍କାର ସହ ନଗଦ ୫୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରୁଛି।

# ୨୨ରେ କିମ୍ସ ଜାତୀୟ ସମ୍ମିଳନୀ-୨୦୨୫ର ଦ୍ୱିତୀୟ ସଂସ୍କରଣ

**ଭୁବନେଶ୍ୱର, ୨୦/୧୧ ନ୍ୟୁଜ ବ୍ୟୁରୋ**
ନଭେମ୍ବର ୨୨ ତାରିଖରେ କିମ୍ସରେ ପ୍ରମୁଖ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ, 'କିମ୍ସ ଜାତୀୟ ସମ୍ମିଳନୀ ୨୦୨୫'ର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହେଉଛି। ଏହି ସମ୍ମିଳନୀର ବିଷୟ ବସ୍ତୁ ରହିଛି 'ଫ୍ୟୁଚର ଅଫ୍ ମେଡିକାଲ୍ କେୟାର ଆଣ୍ଡ ପ୍ରୋଗ୍ରେସ୍'। ଏଥିରେ ଭାରତରେ ସ୍ୱାସ୍ଥ୍ୟସେବା ପ୍ରଦାନର ଭବିଷ୍ୟତ ଦିଗ ଉପରେ ଆଲୋଚନା ପାଇଁ କ୍ଲିନିକାଲ୍ ମେଡିସିନ୍, ଜନସ୍ୱାସ୍ଥ୍ୟ, ନୀତି ନିର୍ଦ୍ଧାରଣ, ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ପରିବର୍ତ୍ତନର ପ୍ରମୁଖ ବିଶେଷଜ୍ଞମାନେ ଏକତ୍ରିତ ହେବେ। ଏହା ସହ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର ବକ୍ତାମାନେ ସଂପ୍ରତି ବଢୁଥିବା ରୋଗ, ଦ୍ରୁତ ଡିଜିଟାଲାଇଜେସନ୍, ଅସମାନ ପ୍ରବେଶାଧିକାର ଓ ସ୍ଥିର, ରୋଗୀ-



କୈନ୍ଦ୍ରିକ ବ୍ୟବସ୍ଥାର ଆବଶ୍ୟକତା ବିଷୟରେ ଆଲୋକପାତ କରିବେ ବୋଲି କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଡା ସୁବ୍ରତ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସମ୍ମିଳନୀ ଅବସରରେ ଚଳିତବର୍ଷ ଠାରୁ କିମ୍ସ ପକ୍ଷରୁ ହେଲଥ ଏମ୍ପାୱରମେଣ୍ଟ ଇନ ରୁରାଲ ଓଡ଼ିଶା (ହିରୋ) ପୁରସ୍କାର' ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ଡା. ଆର ସି ଦାସ। ସେ କହିଲେ, କିଟ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓଡ଼ିଶାର ଗ୍ରାମାଞ୍ଚଳ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଉପରେ ସର୍ବଦା ଗୁରୁତ୍ୱ ଦେଇଥାନ୍ତି। ସେଥିପାଇଁ ଓଡ଼ିଶାର ଗ୍ରାମାଞ୍ଚଳର ପ୍ରସିଦ୍ଧ ଡାକ୍ତରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ କିମ୍ସ ପକ୍ଷରୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ଡାକ୍ତରମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି କହିଥିଲେ।

ଡ. ଅଚ୍ୟୁତ ସାମନ୍ତଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି ଜାତୀୟ ସମ୍ମିଳନୀରେ ଡା. ସୁବ୍ରତ ଆଚାର୍ଯ୍ୟ, ଡା. ୱାଇ.କେ. ଚାୱଲା, ପ୍ରଫେସର ସି.ବି.କେ. ମହାନ୍ତି ଏବଂ କିମ୍ସ ମହାନିର୍ଦ୍ଦେଶକ ତଥା ଆୟୋଜନ କମିଟି ସଭାପତି ଡା. ଅଜିତ କୁମାର ମହାନ୍ତିଙ୍କ ସମେତ ବରିଷ୍ଠ ଚିକିତ୍ସାବିତ୍ ତଥା ଶିକ୍ଷାବିତ୍‌ମାନେ ମାର୍ଗଦର୍ଶକ ରହିଛନ୍ତି। ୨୨ ତାରିଖ ଦିବସ ବ୍ୟାପୀ ବୈଜ୍ଞାନିକ ଅଧିବେଶନଗୁଡ଼ିକ ସିଷ୍ଟମିକ୍ ରିଫର୍ମ ଓ ଜାତୀୟ ସେବା, ନବସର୍ଜନା ଓ ଅନୁବାଦ ଗବେଷଣା, ବିଶେଷଜ୍ଞ ଯତ୍ନ ଓ ପ୍ରତିଷ୍ଠାନଗତ ଉତ୍କର୍ଷତା ଆଦି ତିନୋଟି ପର୍ଯ୍ୟାୟରେ ଚାଲିବ।

ପ୍ରମୁଖ ଅଧିବେଶନଗୁଡ଼ିକରେ ଡା. କେ. ଶ୍ରୀନାଥ ରେଡ୍ଡୀ ଡାକ୍ତରୀ ଶିକ୍ଷାରେ ସଂସ୍କାର ଉପରେ ଅଭିଭାଷଣ, ସାର୍ବଜନୀନ ସ୍ୱାସ୍ଥ୍ୟ, ସାମାଜିକ ନିର୍ଣ୍ଣାୟକ ଏବଂ ସାମୁଦାୟିକ ସଂପୃକ୍ତି ଉପରେ ଆଲୋଚନା କରିବେ। ଗବେଷଣା କ୍ଷେତ୍ରରେ ଡା ରାଜୀବ ବହଲ, ଡିଜି-ଆଇସିଏମଆର, ଭାରତର ଚିକିତ୍ସା ଗବେଷଣା ଇକୋସିଷ୍ଟମକୁ ବୃଦ୍ଧି କରିବା ପାଇଁ ଥିବା ରଣନୀତି ଉପରେ କହିବେ। ସେହିପରି ପ୍ରଫେସର ଆଲୋକ ଧାୱନ ସିଷ୍ଟମ ବାୟୋଲୋଜିକୁ କ୍ଲିନିକାଲ୍ ପ୍ରୟୋଗରେ ଅନୁବାଦ କରିବା ବିଷୟରେ ଆଲୋଚନା କରିବେ। ଆଇଆଇଟି ମାଡ୍ରାସର ପ୍ରଫେସର ଭି. କାମାକୋଟି ସୁଲଭ ଇଞ୍ଜିନିୟରିଂ-ଚାଳିତ ସ୍ୱାସ୍ଥ୍ୟସେବା ନବସର୍ଜନା ଉପରେ ଆଲୋକପାତ କରିବେ।

# ଔଷଧୀୟ ଉଦ୍ଭିଦ ଆଦିବାସୀଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ



**ଭୁବନେଶ୍ୱର, ୨୦।୧୧ ନ୍ୟୁଜ ବ୍ୟୁରୋ**
ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଲୋକସେବା ଭବନ କନଭେନସନ ହଲ୍ ଠାରେ ବାଉଁଶ ଏବଂ ଔଷଧୀୟ ଉଦ୍ଭିଦ ସମ୍ପର୍କିତ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇ ଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଯୋଗଦେଇ କହିଲେ ଯେ ଔଷଧୀୟ ଉଦ୍ଭିଦ ଉପରେ ଏହି ଜାତୀୟ ସମ୍ମିଳନୀର ଆୟୋଜନ ଆମ ରାଜ୍ୟର ସାଂସ୍କୃତିକ ପରିଚୟ ଏବଂ ଆମ ଓଡ଼ିଶା ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହି ସମ୍ମିଳନୀ ଆମ ପାରମ୍ପରିକ ଜ୍ଞାନ ଏବଂ ପ୍ରକୃତି ସହିତ ଆମର ଗଭୀର ସମ୍ପର୍କକୁ ପ୍ରତିଫଳିତ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପିଢ଼ି ପରେ ପିଢ଼ି ଧରି ବାଉଁଶ ଏବଂ ଔଷଧୀୟ ଉଦ୍ଭିଦ ଆମର ଆଦିବାସୀ ଏବଂ ବନବାସୀ ସମ୍ପ୍ରଦାୟର ଦୈନନ୍ଦିନ ଜୀବନର ଏକ ଅଂଶ ହୋଇ ଆସିଛି। ଆଜି ଆମେ ଯାହା କରିବାକୁ ଚେଷ୍ଟା କରୁଛୁ ତାହା ହେଉଛି ଏହି ପାରମ୍ପରିକ ଶକ୍ତିକୁ ଏକ ଆଧୁନିକ ତଥା ଆର୍ଥିକ ଲାଭରେ ପରିଣତ କରିବା, ପରିବେଶଗତ ସନ୍ତୁଳନ ନହରାଇ ଏହି ସମ୍ପଦଗୁଡ଼ିକୁ ବଜାୟ ରଖିବା। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଆହୁରି କହିଲେ ବାଉଁଶ ହେଉଛି ଓଡ଼ିଶାର ସବୁଜ ଶିଳ୍ପର ଏକ ପ୍ରମୁଖ ଅଂଶ। ଏହି ସମ୍ମିଳନୀରେ ବିଶିଷ୍ଟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ଓଡ଼ିଶା ଔଷଧୀୟ ଉଦ୍ଭିଦ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଭି. କାର୍ତ୍ତିକ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଡ଼. କେ. ମୁରୁଗେଶନଙ୍କ ସମେତ ବିଭିନ୍ନ ରାଜ୍ୟର ଜାତୀୟ ଅନୁଷ୍ଠାନର ସମ୍ମାନିତ ପ୍ରତିନିଧି, ଶିଳ୍ପ ଅଂଶୀଦାର ଏବଂ ସମସ୍ତ ବିଶେଷଜ୍ଞ ଓ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ।

# ୪୦ ଯାତ୍ରୀଙ୍କୁ ବଞ୍ଚାଇ ନିଜେ ଚାଲିଗଲେ ବସ୍ ଡ୍ରାଇଭର

**ମାଲକାନଗିରି, ୨୦/୧୧ ନ୍ୟୁଜ ବ୍ୟୁରୋ**
୪୦ଜଣ ଯାତ୍ରୀଙ୍କ ଜୀବନ ବଞ୍ଚାଇ ହୃଦଘାତରେ ଚାଲିଗଲେ ବସ୍ ଡ୍ରାଇଭର। ମୃତ ବସ୍ ଡ୍ରାଇଭରଙ୍କ ପାଇଁ ମାଲକାନଗିରି ସହରରେ ଶୋକର ଛାୟା ଖେଳିଯାଇଛି। ମାଲକାନଗିରି ଓଏସଆରଟି କାର୍ଯ୍ୟାଳୟ କର୍ମଚାରୀ ପାଳନ କରିଛନ୍ତି ଶୋକସଭା। ମୃତକ ହେଉଛନ୍ତି ମାଲକାନଗିରି ବାଲିସାଗର ସାହିର ପି. ସାଇକ୍ରିଷ୍ଣା। ସୂଚନା ମୁତାବକ ବୁଧବାର ରାତ୍ର ୧୦ ଟାରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ବସ୍‌ଷ୍ଟାଣ୍ଡ ଠାରୁ ମାଲକାନଗିରି ଅଭିମୁଖେ ଓଏସଆରଟିସି ବସ୍ ଛାଡିଥିଲା। ରାତ୍ର ଦୁଇଟାରେ ବସ୍‌ଟି କୋରାପୁଟ ଜିଲ୍ଲା କୁନ୍ଦୁଲି-ଶିମିଳିଗୁଡା ରାସ୍ତାରେ ଚାଲୁ ଥିବାବେଳେ ହଠାତ ବସ୍ ଡ୍ରାଇଭର ପି. ସାଇ କ୍ରିଷ୍ଣା ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଅସହ୍ୟ ଯନ୍ତ୍ରଣା ହେବା ସତ୍ତ୍ୱେ ଗାଡ଼ିଟିକୁ ଜଙ୍ଗଲ ରାସ୍ତା ପାର କରି ରାସ୍ତା କଡ଼ରେ ଥିବା ଏକ ଦୋକାନ ନିକଟରେ ରଖିଥିଲେ। ବସ୍‌କୁ ଅଟକାଇ ବସ୍ ମଧ୍ୟରେ ଶୋଇଥିବା ଅନ୍ୟ ଜଣେ ଡ୍ରାଇଭର ପୂର୍ଣ୍ଣଚନ୍ଦ୍ର ରାୟଙ୍କୁ ଉଠାଇ କହିଥିଲେ, ଭାଇ ମୋ ଛାତି ବିନ୍ଧୁଛି। ଗାଡ଼ି ଚଲାଇବା ସମ୍ଭବ ନୁହଁ। ଯାତ୍ରୀମାନେ ଯେପରି ହଇରାଣ ନ ହୁଅନ୍ତି ତୁମେ ଗାଡ଼ି ଚଳାଇ ନେଇ ସୁରକ୍ଷିତ ଭାବେ ମାଲକାନଗିରିରେ ଛାଡିବ କହି ଆଚେତ ହୋଇଯାଇଥିଲେ। ବସ୍ କଣ୍ଡକ୍ଟର ବାଲାଜୀ ନାୟକ ସଙ୍ଗେ ସଙ୍ଗେ ଏକ ଅଟୋ ଯୋଗେ ପି. ସାଇ କ୍ରିଷ୍ଣାଙ୍କୁ କୋରାପୁଟ ହସ୍ପିଟାଲକୁ ନେଇ ଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପି.ସାଇ କ୍ରିଷ୍ଣାଙ୍କର ବୁଧବାର ମଧ୍ୟ ରାତ୍ରରେ ମୃତ୍ୟୁ ହୋଇଯାଇଛି।

## ସାଲିଆସାହିରେ ଉଚ୍ଛେଦ ସବୁ ବସ୍ତି ବାସିନ୍ଦାଙ୍କୁ ମିଳିବ ସରକାରୀ ଘର : ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ୨୦।୧୧ ନ୍ୟୁଜ ବ୍ୟୁରୋ**
ସାଲିଆସାହିରେ ଉଚ୍ଛେଦ ସବୁ ବସ୍ତି ବାସିନ୍ଦାଙ୍କୁ ମିଳିବ ସରକାରୀ ଘର। ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଯେଉଁମାନେ ଘର ଛାଡୁନାହାନ୍ତି ସେମାନଙ୍କୁ କିଛି ଲୋକ ବିଭ୍ରାନ୍ତ କରୁଛନ୍ତି। ତାହାର କାରଣ ହେଲା ସେମାନେ ଏକାଧିକ ଘରକୁ ଭଡ଼ା ସୂତ୍ରରେ ଦେଇଛନ୍ତି। ସେମାନଙ୍କ ଘର କାଳେ ଭାଙ୍ଗିଯିବ ସେ ଭୟରେ ସେମାନେ ବିଭ୍ରାନ୍ତି କରୁଛନ୍ତି ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ନନ୍ଦନକାନନରୁ ଜୟଦେବ ବିହାରକୁ ଯୋଡିବାକୁ ଏକାମ୍ରକାନନରୁ ସମାନ୍ତରାଳ ବାମପାର୍ଶ୍ୱର ରାସ୍ତା କାମ ଅଧାରେ ଅଟକି ରହିଛି। ୨୦୦ ଫୁଟିଆ ଏ ରାସ୍ତାକାମରେ ବସ୍ତି ବାସିନ୍ଦାଙ୍କ ଘର ବାଧକ ସାଜିଥିଲା। ବସ୍ତିବାସିନ୍ଦା ସରକାରୀ ଘର ପାଇବା ପରେ ବି ଘର ଛାଡୁନଥିଲେ। ବିଡିଏ, ବିଏମସିର ଯୁଗ୍ମ ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚି ଜବରଦଖଲକାରୀଙ୍କୁ ଉଚ୍ଛେଦ କରିଥିଲେ। ଉଚ୍ଛେଦ ବେଳେ ଲୋକମାନେ ପ୍ରତିବାଦ କରିଥିଲେ। ଏପରିକି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ଓ ପ୍ରଶାସନିକ ଅଧିକାରୀ ଲୋକମାନଙ୍କୁ ବୁଝାସୁଝା କରିବା ସହ ଜବରଦଖଲ ଉଚ୍ଛେଦ କରିଥିଲେ।





